

ପୂଜକଙ୍କୁ ମାସିକ ୧୮୦୦୦ ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 277| ଭାଗ ୩୨ | ସଂଖ୍ୟା୨୭୭ Bhubaneswar | Tuesday 31 December 2024 | Page 8 Rs. 4.00 ଭୁବନେଶ୍ୱର ମଙ୍ଗଳବାର ୩୧ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




## ନୂଆବର୍ଷରୁ ନୂଆ ଉଡ଼ାଣ
## ଯୋଡ଼ି ହେବ ଆଉ ୯ସହର

ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ): ନୂଆ ବର୍ଷରୁ ବିମାନସେବା କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ଉଡାଣ ଯୋଜନାରେ ଭୁବନେଶ୍ୱର ଓ ଝାରସୁଗୁଡ଼ାରୁ ବାହାର ରାଜ୍ୟକୁ ପ୍ରତ୍ୟକ୍ଷ ବିମାନ ସେବା ଆରମ୍ଭ ହେଉଛି। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ସାଧିତ ହେବା ସହିତ ଦେଶ ବିଦେଶରେ ରାଜ୍ୟର ପ୍ରାଧାନ୍ୟ ବୃଦ୍ଧି ପାଇବ ବୋଲି କୁହାଯାଇଛି। ଜାନୁଆରୀ ୧ରୁ ଝାରସୁଗୁଡା ବିମାନ ବନ୍ଦରରୁ ଅଧିକ ୪ଟି ସହରକୁ ଆଉ ଜାନୁଆରୀ ୩ରୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୫ ସହରକୁ ସିଧାସଳଖ ବିମାନ ସେବା ମିଳିବ। ଝାରସୁଗୁଡ଼ାରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ, ମୁମ୍ବାଇକୁ ବିମାନ ସେବା ମିଳିବ। ସେହିପରି ଭୁବନେଶ୍ୱରରୁ ଇନ୍ଦୋର, ଡେରାଡୁନ, କୋଚି, ଜୟପୁର, ଲକ୍ଷ୍ନୌକୁ ଉଡ଼ିବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଏକ୍ସରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ୟମ ଏବଂ କେନ୍ଦ୍ର ସରକାରଙ୍କ ସହଯୋଗ ଫଳରେ ବିମାନଯୋଗାଯୋଗ ବ୍ୟବସ୍ଥା ସଂପ୍ରସାରିତ ହୋଇଛି। ଏହା ଡବଲ ଇଞ୍ଜିନ ସରକାରର ଫଳ ବୋଲି ଆଲୋଚନା ହେଉଛି।

# ଫେବ୍ରୁଆରୀରୁ ଆୟୁଷ୍ମାନ ଭାରତ
## ଡବଲ ଇଞ୍ଜିନ ସରକାରରେ ଡବଲ ଫାଇଦା

- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହେବ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ
- ଉପକୃତ ହେବେ ୩.୫କୋଟି ଲୋକ




**ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ):** ଫେବ୍ରୁଆରୀରୁ ଓଡ଼ିଶାରେ ଆୟୁଷ୍ମାନ ଭାରତ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମଧ୍ୟ ହେବ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ। ଡବଲ ଇଞ୍ଜିନ ସରକାରର ଲାଭ ପାଇବେ ରାଜ୍ୟବାସୀ। ଏନେଇ ବିଭାଗୀୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। କେନ୍ଦ୍ରୀୟ ଟିମ୍ ମଧ୍ୟ ଏନେଇ ଓଡ଼ିଶା ଆସି ଅନୁଧ୍ୟାନ କରି ସାରିଛି। ଫେବ୍ରୁଆରୀରୁ ଏହି ଫ୍ଲାଗସିପ୍ ଯୋଜନା ଲାଗୁ କରିବାକୁ ମୋହନ ଚରଣ ମାଝୀ ସରକାର ପ୍ରସ୍ତୁତ ହେଉଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ନୂଆବର୍ଷରୁ ଏହି ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ବିପ୍ଳବ ଆଣିବ। ଆୟୁଷ୍ମାନ ଭାରତ ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଶାଯିବ। ସେଥିପାଇଁ ନିୟମାବଳି ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ। ରାଜ୍ୟରେ ଏକ କୋଟି ପରିବାରର ସାଢେ ୩ କୋଟି ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଗୋଟିଏ କାର୍ଡ। ଆୟୁଷ୍ମାନ ଭାରତରୁ ଯେମିତି କେହି ବଞ୍ଚିତ ହେବେ ନାହିଁ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ମନ୍ତ୍ରୀ।

ସରକାରକୁ ଆସିବାର ୧୦୦ ଦିନରେ ଆୟୁଷ୍ମାନ ଭାରତକୁ ଲାଗୁ କରିବା ନେଇ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏହା ସହ ଅକ୍ଟୋବର ୨୯ରେ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ୨.୦କୁ ମଧ୍ୟ ଦେଶବ୍ୟାପୀ ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ। ରାଜ୍ୟ ସରକାର ଯଦିଓ ଏହି ଯୋଜନାକୁ ଗ୍ରହଣ କରିଛନ୍ତି। କିନ୍ତୁ ତାହା ଏଯାଏଁ କାର୍ଯ୍ୟକାରୀ ହୋଇନାହିଁ। ୧୮ ରାଜ୍ୟ ନିଜ ଯୋଜନା ସହ ଆୟୁଷ୍ମାନ ଭାରତକୁ ମିଶ୍ରଣ କରି କାର୍ଯ୍ୟକ୍ଷମ କରୁଛନ୍ତି। ସେହିଭଳି ୪ଟି ରାଜ୍ୟ କେନ୍ଦ୍ରୀୟ ଯୋଜନା ସହ ସମ୍ମିଶ୍ରଣ କରି ସାରିଲେଣି। କେବଳ ଓଡ଼ିଶା, ଦିଲ୍ଲୀ, ପଶ୍ଚିମବଙ୍ଗକୁ ଛାଡିଦେଲେ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା ଲାଗୁ ହୋଇସାରିଲାଣି। ତେଣୁ ଫେବ୍ରୁଆରୀରୁ ଆରମ୍ଭ ହେଲେ ଏହି ଯୋଜନାରେ ଚିକିତ୍ସିତ ହୋଇ ଆରୋଗ୍ୟ ହେବେ ବୋଲି ଅନେକ ଆଶାବାଦୀ।

ଆୟୁଷ୍ମାନ ଭାରତ ଯୋଜନାରେ ଜଣେ ହିତାଧିକାରୀ ସାରା ଦେଶରେ ୨୯ ହଜାର ୬୪୮ ମେଡିକାଲରୁ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାତ୍ର ୯୫୭ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲା। ଆୟୁଷ୍ମାନ ଭାରତରେ ୧୯ଶହ ➪ପୃଷ୍ଠା-୬

# ଆଉ ୩ ଦିନ ବଢ଼ିଲା ପଞ୍ଜୀକରଣ ଅବଧି

- ଚାଷୀମାନେ ୧ ପର୍ଯ୍ୟନ୍ତ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇପାରିବେ
- ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିବାରୁ ରାଜ୍ୟ ସରକାର ସହାୟତା ଦେବାପାଇଁ ଯୋଜନା କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକ କରିବା ସହିତ ନୟାଗଡ, ଗଜପତି ଓ ଗଞ୍ଜାମ ଜିଲ୍ଲା ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ଅନ୍ୟ ମନ୍ତ୍ରୀମାନେ ମଧ୍ୟ କ୍ଷତିଗ୍ରସ୍ତ ଅଞ୍ଚଳକୁ ଗସ୍ତ କରିଛନ୍ତି। ବୀମା କରି ନ ଥିବା ଓ ବୀମା କରିଥିବା ଚାଷୀମାନଙ୍କୁ ସହାୟତା ଦିଆଯିବ। ବୀମା କରିଥିବା ଚାଷୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଡିସେମ୍ବର ୨୯ ଥିଲା ଶେଷ ତାରିଖ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରାଳୟକୁ ଅବଧି ବଢାଇବାକୁ ଅନୁରୋଧ କରାଯାଇଥିଲା । ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଅବଧିକୁ ଆଉ ତିନି ଦିନ ପାଇଁ ବୃଦ୍ଧି କରିଛନ୍ତି । ତେଣୁ, ଚାଷୀମାନେ ବର୍ତ୍ତମାନ ୨୦୨୫ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀ ମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇ ପାରିବେ।

ଓଡିଶାର ଚାଷୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କର ଏହି ସହାନୁଭୂତିଶୀଳ ମନୋଭାବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଧନ୍ୟବାଦ ଦେଇଛନ୍ତି।

ସୂଚନାଯୋଗ୍ୟ, କ୍ଷୟକ୍ଷତି ଆକଳନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ପ୍ରଦୀପ ବଳସାମନ୍ତ ୨୯ରେ ଉଜୁଡ଼ା କ୍ଷେତ ବୁଲିଥିଲେ। କ୍ଷୟକ୍ଷତି ଅନୁଧ୍ୟାନ ପୂର୍ବରୁ ୨୮ରେ ମୁଖ୍ୟମନ୍ତ୍ରୀ ବୈଠକ କରି ଅଦିନିଆ ବର୍ଷାରେ ହୋଇଥିବା ଫସଲ କ୍ଷତି ସଂପର୍କରେ ଆଲୋଚନା କରିଥିଲେ।

## ବୀମା କମ୍ପାନୀଙ୍କୁ ସରକାରଙ୍କ ତାଗିଦ

- ତୁରନ୍ତ କ୍ଷତିପୂରଣ ପ୍ରଦାନ କର
- କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବନି

ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ସମ୍ପର୍କିତ କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ ପାଇଁ ବୀମା କମ୍ପାନୀଙ୍କ ସହ ଏକ ଜରୁରୀକାଳୀନ ବୈଠକ କୃଷି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର




ପାଢ଼ୀ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଓ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ବୀମା କମ୍ପାନୀଙ୍କ ସହଯୋଗ କାମନା କରିଛନ୍ତି। ଯୋଗ୍ଯ ଚାଷୀମାନଙ୍କ ହିତରେ ସମସ୍ତ ପ୍ରକ୍ରିୟାକୁ ଅତିଶୀଘ୍ର ସାରିବା ପାଇଁ କମ୍ପାନୀଗୁଡିକୁ କହିବା ସହ କୌଣସି ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ଡ଼ ପାଢ଼ୀ ସ୍ପଷ୍ଟ କରିଛନ୍ତି। ଏଥିସହିତ ଅଦିନିଆ ➪ପୃଷ୍ଠା-୬

## ବୀମାଭୁକ୍ତ ହୋଇ ନ ଥିଲେ ସରକାର ଦେବେ ସହାୟତା

**ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷାରେ ପ୍ରଭାବିତ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀମାନେ ଗସ୍ତ କରି ଚାଷୀଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିବା ପରେ ସହାୟତା ପ୍ରଦାନ ପ୍ରକ୍ରିୟା ଜୋରଦାର କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ (ପିଏମଏଫବିୱାଇ) ବୀମାଭୁକ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଶୀଘ୍ର ପ୍ରକ୍ରିୟା



ଶେଷ କରିବାକୁ ବୀମା କମ୍ପାନୀଗୁଡ଼ିକୁ ସରକାର ତାଗିଦ୍ କରିଛନ୍ତି। ବୀମାଭୁକ୍ତ ହୋଇନଥିବା ଚାଷୀ ଓ ଭାଗଚାଷୀଙ୍କୁ ରାଜ୍ୟ ସରକାର ସିଧାସଳଖ ସହାୟତା ଦେବାକୁ ବିଚାର କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ସ୍ପଷ୍ଟ କରିଛନ୍ତି। ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ବୀମାଭୁକ୍ତ ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଯୁଦ୍ଧ ସତ୍ତ୍ୱେ ଇସ୍ରାଏଲ୍‌ରେ ୧୬ ହଜାର ଭାରତୀୟ ନିର୍ମାଣ ଶ୍ରମିକ କାର୍ଯ୍ୟରତ।
- ଜଗତସିଂହପୁର: ତଣ୍ଡିକୂଳ ପଞ୍ଚାୟତରେ ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ
- ବିଜେପିର ଅର୍ଥ ଦ୍ୱାରା ପ୍ରଲୋଭିତ ହୁଅନି ବୋଲି ସନ୍ଦେଶଖାଲି ଲୋକଙ୍କୁ ମମତାଙ୍କ ପରାମର୍ଶ।
- ଅଡାଣି ୱିଲମାରର ୧୩% ଅଂଶଧନ ବିକ୍ରି କରାଯିବ।
- ହାଇକୋର୍ଟ ଜଜ୍ ନିଯୁକ୍ତିରେ ପ୍ରଥମ ପିଢ଼ିର ଆଇନଜୀବୀଙ୍କୁ ସୁଯୋଗ ଦେବା ପାଇଁ ସୁପ୍ରିମକୋର୍ଟ କଲେଜିୟମ୍‌ର ବିଚାରବିମର୍ଷ।
- ବିପିଏସ୍‌ସି ପରୀକ୍ଷା ବାତିଲ ଦାବି ନେଇ ବିନା ଅନୁମତିରେ ବିକ୍ଷୋଭ କରିବାରୁ ପୋଲ୍ ଷ୍ଟ୍ରାଟେଜିଷ୍ଟ ପ୍ରଶାନ୍ତ କିଶୋରଙ୍କ ବିରୋଧରେ କେଶ।

# ଚନ୍ଦ୍ରବାବୁ ସବୁଠୁ ଧନୀ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୩୦।୧୨ (ସଂଚାର ବ୍ୟୁରୋ):** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ.ଚନ୍ଦ୍ରବାବୁ ନାଇଡୁ ୯୩୧କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ସହ ଦେଶର ସବୁଠୁ ଧନୀ ମୁଖ୍ୟମନ୍ତ୍ରୀ। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମାତ୍ର ୧୫ଲକ୍ଷ ଟଙ୍କାର ସମ୍ପତ୍ତି ସହ ଭାରତର ସବୁଠୁ ଗରିବ ମୁଖ୍ୟମନ୍ତ୍ରୀ। ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ପକ୍ଷରୁ ୩୦ ଡିସେମ୍ବର ସୋମବାର ଜାରି ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି ସୂଚୀରେ ଏହି ତଥ୍ୟ ଦିଆଯାଇଛି। ରିପୋର୍ଟ ଅନୁସାରେ ଦେଶର ପ୍ରତି ମୁଖ୍ୟମନ୍ତ୍ରୀଙ୍କ





ହାରାହାରି ସମ୍ପତ୍ତିର ପରିମାଣ ୫୨.୫୯ କୋଟି ଟଙ୍କା। ଏହି ସମୟରେ ଭାରତର ପ୍ରତି ବ୍ୟକ୍ତି ଶୁଦ୍ଧ ଜାତୀୟ ଆୟ ଅର୍ଥାତ ଏନଏନଆଇ ୨୦୨୩-

### ଗରିବ ତାଲିକାରେ ମମତା ନଂ୧

୨୪ରେ ପାଖାପାଖି ୧,୮୫,୮୫୪ ଟଙ୍କା ଥିବା ବେଳେ ମୁଖ୍ୟମନ୍ତ୍ରୀମାନଙ୍କ ହାରାହାରି ବ୍ୟକ୍ତିଗତ ଆୟ ୧୩,୬୪,୩୧୦ ଟଙ୍କା ➪ପୃଷ୍ଠା-୬

## ନିରାଡ଼ମ୍ବର ନୂଆବର୍ଷ ପାଇଁ ଅପିଲ୍

**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ନିଜର ପ୍ରଥମ ଇଂରାଜୀ ନୂଆବର୍ଷକୁ ପାଳନ କରିବେ ନାହିଁ।



ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଉଭୟ ଆଜି ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କାର୍ଯ୍ୟାଳୟ ଆଜି ଏସମ୍ପର୍କରେ ସୂଚନା ଦେଇ କହିଛି ଯେ, ଆସନ୍ତା ଇଂରାଜୀ ନୂଆବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀ କୌଣସି ଉତ୍ସବ ଓ ଅଭିନନ୍ଦନ କାର୍ଯ୍ୟକ୍ରମରେ ଯୋଗଦାନ କରିବେ ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ଯୋଗୁ ୭ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି । ସେହିପରି ଅଦିନିଆ ବର୍ଷା ଯୋଗୁ ବିଭିନ୍ନ ଜିଲ୍ଲାରେ ଚାଷୀଙ୍କ ଫସଲ ହାନି ହୋଇଛି । ତେଣୁ ଶୁଭେଚ୍ଛୁ ଓ ହିତାକାଂକ୍ଷୀମାନେ ➪ପୃଷ୍ଠା-୬

## ପୁଲିସ୍ ଜାଲରେ ୪୨୦ ଦମ୍ପତି
### ପିଏମ୍ ଅଫିସ ନାଁ ନେଇ ଠକୁଥିଲେ



**ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ):** ଇନ୍ଫୋସିଟି ପୋଲିସ ଜାଲରେ ହାଇପ୍ରୋଫାଇଲ ଠକ ଦମ୍ପତି । ଗିରଫ ଅଭିଯୁକ୍ତ ହେଲେ ହଂସିତା ଅଭିଲିପ୍ସା ଓ ଅନିଲ ମହାନ୍ତି। ନିଜକୁ ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପିକେ ମିଶ୍ରଙ୍କ ପୁଅ ବୋହୂ କହି ଲୋକଙ୍କୁ ଭୁଆଁ ବୋଲାଉଥିଲେ। କେବଳ ଭୁଆଁ ବୁଲାଉ ନ ଥିଲେ ବରଂ ଟେଣ୍ଡର କରେଇଦେବେ, କର୍ପୋରେଟ ସେକ୍ଟରରେ କାମ କରେଇ ଦେବେ କହି ଠକୁଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କୌଣସି କାମ ଥିଲେ ବି ଆରାମରେ ହୋଇଯିବ ବୋଲି କହୁଥିଲେ। ପଟିଆରେ ➪ପୃଷ୍ଠା-୬

## ମହିଳାଙ୍କୁ ନୂଆବର୍ଷ ଭେଟି
# ୨୦୨୫ରେ ୩ ଥର ସୁଭଦ୍ରା ଟଙ୍କା



**ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ):** ୨୦୨୫ ମସିହା ହେଉଛି 'ସୁଭଦ୍ରା' ଯୋଜନାର ବର୍ଷ। ଏହି ବର୍ଷ ସୁଭଦ୍ରା ଯୋଜନାରେ ମାଲେମାଲ ହେବେ ମହିଳା। କାରଣ ଆସନ୍ତା ବର୍ଷ ମହିଳା ହିତାଧିକାରୀ ୩ ଥର ପାଇବେ ସୁଭଦ୍ରା ଟଙ୍କା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ଆସନ୍ତା ବର୍ଷ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ । ଏଥିସହ ମାର୍ଚ୍ଚ ୮ ଓ ରକ୍ଷା ବନ୍ଧନରେ ବି ସୁଭଦ୍ରା ଟଙ୍କା ମିଳିବ। ତେଣୁ ଆସନ୍ତା ବର୍ଷ ମହିଳାଙ୍କ ନିମନ୍ତେ ବଡ଼ ଖୁସି ଖବର ଆସିବାକୁ ଯାଉଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ୫ ଲକ୍ଷ ୧୧ ହଜାର ମହିଳାଙ୍କ କେୱାଇସିରେ ତ୍ରୁଟି ଥିବାରୁ ତାହାକୁ ସୁଧାରିବାକୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସୁଯୋଗ ଦେଖାଦେଇଥିଲା। ଜାନୁଆରୀ ପ୍ରଥମ ସପ୍ତାହରେ ପୁରା ସର୍ଭେ ସରିବ। ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ। ସୂଚନାଯୋଗ୍ୟ, ହିତାଧୀକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳି ସାରିଛି। ଡିସେମ୍ବର ୨୫ ତାରିଖରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଯାଞ୍ଚ ଚାଲିଥିବାରୁ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଡିସେମ୍ବରରେ ମିଳିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିବା ବେଳେ ଏହା ୨୦୨୫ ମସିହାରେ ମିଳିବ ବୋଲି ଜଣାଯାଇଛି।







ରାଜଧାନୀ ଭୁବନେଶ୍ୱରର ମହିଳା ଓ ଯୁବତୀଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡ଼ନ ରୋକିବା ପାଇଁ 'ହର' ଟିମ ଗଠନ କରିଥିଲା କମିଶନରେଟ ପୋଲିସ। ଯୁବତୀ ବା ମହିଳାଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କଲେ ଆଉ ତ୍ରାହି ନାହିଁ। ଏ ଭ ଳି ମେସେଜ ଦେଇ କମିଶନରେଟ ପୋଲିସ ଆରମ୍ଭ କରିଥିଲା 'ହର' ବା ହାଇ ଏଫିସିଏନ୍ସି ରେସପନ୍ସ । କୌଣସି ମହିଳା ବା ଯୁବତୀଙ୍କୁ ଦୁର୍ବ୍ୟବହାର, ଅତ୍ୟାଚାର ଓ ନିର୍ଯାତନା ହେଲେ ହର ଟିମ କାର୍ଯ୍ୟାନୁଷ୍ଠାନ ନେବ ବୋଲି କୁହାଯାଇଥିଲା। ହେଲେ ଏବେ କୁଆଡେ ଗଲା ଏହି ହର ଟିମ ? କାହିଁକି ଆଉ ଏହି ଟିମର ଦେଖା ମିଳୁନି ? କାରଣ କିଛି ଦିନ ତଳେ ମୈତ୍ରୀବିହାର ଅଞ୍ଚଳରେ ହୋଇଥିଲା ଭରତପୁର ଘଟଣାର ପୁନରାବୃତ୍ତି। ପୋଲିସ ଚେକିଂ ଠାରୁ କିଛି ଦୂରରେ ବା ଉତ୍କଳ ହସ୍ପିଟାଲ ରୋଡରେ ଜଣେ ଯୁବତୀ ନିଜ ପୁରୁଷବନ୍ଧୁଙ୍କ ସହ ସ୍କୁଟିରେ ଯାଉଥିବା ବେଳେ ହଠାତ ଆସି କାର ଯୋଗେ ପହଞ୍ଚିଥିଲେ ୪ ଯୁବକ। ଏକ ଧଳା ରଙ୍ଗର ବାଲେନୋ କାରରେ ଯୁବତୀଙ୍କୁ ଉଠାଇ ନେଇଥିଲେ। ପ୍ରତିବାଦ କରିବାରୁ ପୁରୁଷବନ୍ଧୁ ବା ଆକାଶ ସିଂଙ୍କୁ ଅତର୍କିତ ଆକ୍ରମଣ କରିବା ସହ ଖଣ୍ଡାରେ ହାଣି ଲହୁଲୁହାଣ କରିଦେଇଥିଲେ। ଅପହରଣ କରି କିଛି ସମୟ ଯୁବତୀଙ୍କୁ ବୁଲାଇବା ପରେ ଖଣ୍ଡଗିରି ଠାରେ ଫୋପାଡ଼ି ଦେଇଥିଲେ । ଏହି ଘଟଣାକୁ ପାଖାପାଖି ୭ ଦିନ ବିତିଯାଇଥିଲେ ସୁଦ୍ଧା ଏଯାବତ ଅଭିଯୁକ୍ତଙ୍କ ପତ୍ତା ମିଳିନାହିଁ । ପୋଲିସ କେବଳ ଏକ ଅପହରଣ ମାମଲା ରୁଜୁ କରି ଚୁପ ବସିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, କିଛିଦିନ ତଳେ ବାର ମାଲିକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ହର ଟିମ ଏବେ କୁଆଡେ ଗଲା ? ଯୁବତୀଙ୍କୁ ଅପହରଣ ଘଟଣାରେ କାହିଁକି ଚୁପ ବସିଛି ଏହି ଟିମ? ଟିମ ଗଠନ ବେଳେ ମୋଟ ୧୪ ଜଣ ମହିଳା ପୋଲିସ ଅଫିସର ଏହି ଟିମର ମେମ୍ବର ରହିଥିଲେ। ୬୩୭୨୫୦୦୪୦୦ ନମ୍ବର ରେ କଲ କରି ମହିଳା ତାଙ୍କ ସହ ଘଟିଥିବା ଅପରାଧ ସମ୍ପର୍କରେ ଜଣାଇପାରିବେ ବୋଲି କୁହାଯାଇଥିଲା। ଯେଉଁମାନେ ଅସୁବିଧା ସମୟରେ ଏହି ନମ୍ବରକୁ କଲ କରିବେ ସେମାନଙ୍କ ନମ୍ବର ମଧ୍ୟ ଗୋପନ ରଖାଯିବ ବୋଲି ଟିମ ଦାୟିତ୍ୱରେ ଥିବା ଜଣେ ଏସିପି କହିଥିଲେ । କିନ୍ତୁ ଏବେ ଏହି ହର ଟିମ ହାରିଯାଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



## କାନ ଡେରିଥା

ନିଜର ବଡ଼ିମା ନବୀନ ମଣିମା
ବଖାଣନ୍ତି ନିଜ ତୁଣ୍ଡେ
ତଥାପି ବିଜେଡି କର୍ମୀ ପଚାରନ୍ତି
କାହିଁ ଆମେ ରାଜଦଣ୍ଡେ।

# ୧୭ ବର୍ଷ ଧରି ଠିକାରେ ନୋଡାଲ ଅଫିସର

- ପରିବେଶ ଆକଳନ ନାଁରେ ଥଇଥାନ
- ଗୋଟିଏ ଚଉକିରେ ଯନ୍ତ୍ରୀରୁ ମୁଖ୍ୟଯନ୍ତ୍ରୀ

**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରତିଷ୍ଠା ହେଉଥିବା ବିଭିନ୍ନ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ଦେବାପାଇଁ କେନ୍ଦ୍ରୀୟ ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ଗଠନ ହୋଇଛି ରାଜ୍ୟ ପରିବେଶ ମୂଲ୍ୟାଙ୍କନ କମିଟି (ଏସ୍ଇଏସି) । ବିଭିନ୍ନ ବର୍ଗର ୧୫ଜଣ ବିଶେଷଜ୍ଞ ସଦସ୍ୟଙ୍କୁ ନେଇ ଏହି କମିଟି ଗଠନ ହୋଇଥିବାବେଳେ ଏଥିରେ ଜଣେ ନୋଡାଲ ଅଫିସର ରହିଛନ୍ତି । ତେବେ ଏସ୍ଇଏସି ଗଠନ ପାଇଁ କେନ୍ଦ୍ର ସରକାର ୨୦୦୭-୦୮ ବର୍ଷରୁ ବିଜ୍ଞପ୍ତି ଜାରି କରିବା ପରଠାରୁ ରାଜ୍ୟ ସ୍ତରୀୟ ଏହି କମିଟିଟିରେ ଜଣେ ନୋଡାଲ ଅଫିସର ହିଁ କାର୍ଯ୍ୟ କରୁଛନ୍ତି । ଯନ୍ତ୍ରୀ ପଦବୀରୁ ସିଏ ମୁଖ୍ୟମନ୍ତ୍ରୀ ପଦବୀରେ ପହଞ୍ଚିଥିଲେ ବି ନୋଡାଲ ଅଫିସର ପଦବୀକୁ ଅତିରିକ୍ତ ଦାୟିତ୍ୱ ଭାବେ ତାଙ୍କରି ହାତରେ ରଖାଯାଇଛି ।

ODISHA
State Pollution Control Board, Odisha
ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା

ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ । ଏଠାରେ ଥିବା ଏସ୍ଇଏସି ବା ସିଆ କମିଟଟି ଗଠନ ହେବା ପରଠାରୁ ଏହାର ନୋଡାଲ ଅଫିସର ବଦଳୁ ନାହାନ୍ତି। ଏହି କମିଟିର ମୁଖ୍ୟ କାର୍ଯ୍ୟ ହେଉଛି ରାଜ୍ୟକୁ ଆସୁଥିବା ବିଭିନ୍ନ ନୂତନ ପ୍ରକଳ୍ପର ପରିବେଶ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିବା। କମିଟିର ୧୫ଜଣିଆ ସଦସ୍ୟ ବିଭିନ୍ନ ଦିଗରୁ ଅନୁଧ୍ୟାନ କରିବାପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଥିବା ଆଉ ଗୋଟିଏ ତିନି ଜଣିଆ କମିଟିକୁ ରିପୋର୍ଟ ପ୍ରଦାନ କରନ୍ତି । ଏହି ତିନି ଜଣିଆ କମିଟିରେ ବୋର୍ଡର ସଦସ୍ୟ ସଚିବଙ୍କ ସହିତ ଆଉ ଦୁଇଜଣ ପିସିସିଏଫ୍ ପାହ୍ୟାର ଅଧିକାରୀ ରହିଛନ୍ତି ।

ତେବେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହିଁ ସିଆ ଗ୍ରହଣ କରିଥାଏ । ଏହାର ନୋଡାଲ ଅଫିସରଙ୍କ ଉପରେ ସବୁକିଛି ନିର୍ଭର କରେ । କମିଟିର ମୋହର ବାଜିଲା ପରେ ହିଁ ପ୍ରକଳ୍ପ କାମ ଆଗକୁ ବଢେ । ହେଲେ ଏଠାରେ ଜଣେ ନିୟମିତ ନୋଡାଲ ଅଫିସର ନିଯୁକ୍ତ କରାଯାଉ ନାହିଁ କିମ୍ବା ଆରମ୍ଭରୁ ଥିବା ନୋଡାଲ ଅଫିସରଙ୍କୁ ପରିବର୍ତ୍ତନ କରାଯାଉ ନାହିଁ । ୧୭ବର୍ଷ ଧରି ଜଣେ ବ୍ୟକ୍ତିଙ୍କ ହାତରେ ଥିବା ଏହି କମିଟିଟି ରହିଛି ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯେତେବେଳେ ନୋଡାଲ ଅଫିସରଙ୍କୁ ପରିବର୍ତ୍ତନ ଲାଗି ଉଦ୍ୟମ ➪ପୃଷ୍ଠା-୬

# ଯୋଗ ଦେଲେ ନୂତନ ୧୬ ଓଏଏସ୍ ଅଧିକାରୀ



**କେନ୍ଦ୍ରାପଡା, ୩୦।୧୨ (ସଂଚାର ବ୍ୟୁରୋ):** ଓପିଏସ୍‌ସି ଦ୍ୱାରା ମନୋନିତ ହୋଇଥିବା ଓଏଏସ୍ ଅଧିକାରୀ ମାନଙ୍କ ମଧ୍ୟରୁ ୧୬ଜଣ ନୂତନ ଅଧିକାରୀ ଜିଲ୍ଲା ପ୍ରଶାସନରେ ଯୋଗ ଦେଇଛନ୍ତି । ଏହି ଅଧିକାରୀ ମାନେ ୬ ମାସ କାଳ ପ୍ରଶାସନର ବିଭିନ୍ନ ବିଭାଗରେ ଶିକ୍ଷା ନବିସ ଭାବେ ଯୋଗ ଦେଇ ପ୍ରଶାସନିକ କାର୍ଯ୍ୟ ଅନୁଧ୍ୟାନ କରିବା ସହ ବିଭିନ୍ନ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବେ। ଜିଲ୍ଲାର ୯ଟି ବ୍ଲକ ଓ ୯ଟି ତହସିଲ ଓ ଜିଲ୍ଲା କାର୍ଯ୍ୟାଳୟରେ ପ୍ରଶାସନ ସମ୍ବନ୍ଧୀୟ କାର୍ଯ୍ୟ ପଦ୍ଧତି ବିଷୟରେ ଜାଣିବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟତା କରିବେ । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ତତ୍ତ୍ୱାବଧାନ ରେ ଏହି ଅଧିକାରୀ ମାନେ କାର୍ଯ୍ୟକରି ଅଭିଜ୍ଞତା ହାସଲ କରିବେ ବୋଲି ଜଣାପଡିଛି ।

### ମାଆଙ୍କ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ

# ସହାୟତା ଯୋଗାଇ ଦେବାକୁ ଦିବ୍ୟାଙ୍ଗ ପୁଅର ଗୁହାରି



**ମହାକାଳପଡ଼ା, ୩୦।୧୨ (ସଂଚାର ବ୍ୟୁରୋ):** ଜଣେ ମାଆର ଶୁଦ୍ଧିକ୍ରିୟା ପାଇଁ ଜଣେ ଦିବ୍ୟାଙ୍ଗ ପୁଅ ଗୁହାରି କରିଛନ୍ତି। ଆର୍ଥିକ ଅବସ୍ଥା ସ୍ୱଛଳ ନଥିବାରୁ ସେ ଏମିତି ଗୁହାରି କରିଛନ୍ତି। ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନ ଗାଁରୁ ଦେଖିବାକୁ ମିଳିଛି ଏମିତି ଘଟଣା। ଗ୍ରାମର ଆରତ ବେହେରା (୭୫)ଙ୍କ ପତ୍ନୀ ଧୋବଣୀ ବେହେରାଙ୍କ ୬୪ ବର୍ଷ ବୟସରେ ଗତ ଡିସେମ୍ବର ୨୮ରେ ଶ୍ୱାସଜନିତ ଘଟଣାରେ ମୃତ୍ୟୁ ଘଟିଛି। ଧୋବଣୀ ଦୀର୍ଘଦିନ ଧରି ଶ୍ୱାସଜନିତ ସମସ୍ୟାରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଔଷଧ ଖର୍ଚ୍ଚ ପରିବାର ତରଫରୁ କଷ୍ଟରେ ଯୋଗାଡ଼ କରାଯାଉଥିଲା। ଦିନଥିଲା ଆରତ ବେହେରା ମୁଲମଜୁରି ଲାଗି ୫ ପ୍ରାଣୀ କୁଟୁମ୍ବଙ୍କ ପ୍ରତିପୋଷଣ କରୁଥିଲେ ହେଲେ ବୟସର ଅପରାହ୍ନରେ ପହଞ୍ଚିଗଲା ପରେ କୁଟାଖିଅ ଆଉ ଦୁଇଖଣ୍ଡ କରିବାକୁ ସାହାସ ନାହିଁ। ଆରତ ବେହେରାଙ୍କ ପୁତ୍ର ପ୍ରତାପ ଜଣେ ଦିବ୍ୟାଙ୍ଗ ଓ ଝିଅ ମଧ୍ୟ ଜଣେ ମାନସିକ ବିକାରଗ୍ରସ୍ତ ଅବିବାହିତ ଯୁବତୀ। ପ୍ରତାପ ଦିବ୍ୟାଙ୍ଗ ଭତ୍ତା ବାବଦକୁ ୧୨୦୦ ଓ ଏକ ଓମଫେଡ କେନ୍ଦ୍ରରେ କାମ କରି ମାସିକ ୩୦୦୦ ଟଙ୍କା ପାଉଛନ୍ତି। ଯାହା ପରିବାର ପ୍ରତିପୋଷଣ ପାଇଁ ପର୍ଯ୍ୟାପ୍ତ ନୁହେଁ। ଏମିତି ସମୟରେ ମାଆଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଯୋଗାଡ଼ କରିବା ତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏମିତି ଅବସ୍ଥାରେ ସେ ସରକାରୀ ଓ ବେସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି। ମହାକାଳପଡ଼ା ବିଧାୟକ,ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ସାମାଜିକ ସଙ୍ଗଠନ ମାନଙ୍କ ତରଫରୁ ସହଯୋଗ ଯୋଗାଇ ଦେବାକୁ ପ୍ରତାପ ଗୁହାରି କରିଛନ୍ତି।

### ବାଟ ହୁଡିଛି ଆବାସ ଯୋଜନା

# ନୁଆଁଣିଆ ଭଙ୍ଗା ଚାଳ ଘରେ ପରିବାର

**ରାଜକନିକା, ୩୦।୧୨ (ସଂଚାର ବ୍ୟୁରୋ):** ପଲ୍ଲୀରେ ପ୍ରଶାସନ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଲା। ଗଦା ଗଦା ଅଭିଯୋଗ ପତ୍ର ଧରି ବ୍ଲକ ଅଫିସକୁ ବୋହି ନେଲେ। ହେଲେ କାଣିଚାଏ ବି ସମାଧାନ ହେଲାନି କୈଣସି ଅଭିଯୋଗର। ପିଢି ପରେ ପିଢି ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିଥିବା ଗରୀବ ପରିବାରର ଅବସ୍ଥା ସେଇଭଳି ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯେ ବାଟ ହୁଡିଛି ତାହା ଜଳ ଜଳ ଦିଶୁଛି। ଅଥଚ ଅଯୋଗ୍ୟଙ୍କ ପାଖେ ପହଞ୍ଚି ଯାଉଛି ସରକାରୀ ଘର। ଗରିବ ହିତାଧିକାରୀ ଯେତେ ଗୁହାରି କଲେ ବି ଫଳଶୂନ।

ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ଅଧିନ ମୁରାଦପୁର ୧୧ ନମ୍ବର ୱାର୍ଡର ବାସିନ୍ଦା ହେଉଛନ୍ତି ରାଜକିଶୋର ମଲିକ (୩୬)। ଘରେ ପତ୍ନୀ ସସ୍ମିତା ଆଉ ଦୁଇ ପୁଅ ରୋହନ, ଆୟୁଷ। ପରଘରେ ମୂଲମଜୁରି ଲାଗିଲେ ପରିବାର ଚଳେ। ନିଜର ଜମି ନ ଥିବାରୁ ପର ଜମି ନେଇ ଭାଗ ଚାଷ କରନ୍ତି ରାଜକିଶୋର। ରାସନ କାର୍ଡ ଥିଲେ ବି ସସ୍ମିତାଙ୍କର ସେଥିରେ ନାଁ ନ ଥିବାରୁ କେବଳ ପାଞ୍ଚକିଲୋ ଚାଉଳ

### ପଲ୍ଲୀରେ ପ୍ରଶାସନ ବ୍ୟର୍ଥ

### ପିଢି ପରେ ପିଢି ଅବସ୍ଥା ସୁଧୁରୁନି

ହିଁ ଭରସା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏମାନଙ୍କ ପାଖେ ପକ୍କା ଘରଟିଏ ନ ଥିବାର ମାଗୁଛନ୍ତି ସରକାରୀ ଘର ଖଣ୍ଡେ। ଖରା, ବର୍ଷା, ଶୀତ କାକରକୁ ସହ୍ୟ କରି ପାରୁନଥିବା ଭଙ୍ଗାଦଦରା ଚାଳଛପର ଘର ହିଁ ଏମାନଙ୍କ ବାସସ୍ଥାନ ପାଲଟିଛି।

ଗତ ବାତ୍ୟା ଘର ଛପର ଉଠି ଘରଟା ସାରା ପାଣି ଲହଡି ମାରିଲା। ବର୍ଷା, ବାତ୍ୟା



କୋପରେ ଭଙ୍ଗା କାନ୍ଥ ବି ଢଳି ପଡିଲା। ତଥାପି ବି ବିପଜ୍ଜନକ ସ୍ଥିତିରେ ପିଲାମାନଙ୍କୁ ନେଇ ରହୁଛନ୍ତି ରାଜକିଶୋର। ପ୍ରତିବର୍ଷ ଅର୍ଥ ଅଭାବ ଯୋଗୁ ଛପର ବି ହୋଇ ପାରୁନାହି ଘର। ବର୍ଷା ପବନ ଆସିଲେ ପିଲାଙ୍କୁ ଧରି ସ୍କୁଲ ଘରେ ଆଶ୍ରୟ ନିଅନ୍ତି ପରିବାର । ଏଭଳି ସ୍ଥିତିରେ ସରକାରୀ ଘର ଖଣ୍ଡେ ପାଇଁ ଯେତେ ଗୁହାରୀ କଲେ ବି ଫଳଶୂନ। ଚକିତ କଲାଭଳି କଥା ହେଉଛି ଗୋଟିଏ ବଖରା ମାତ୍ର ନୁଆଁଣିଆ ଚାଳ ଛପର ଘରକୁ ପଶିବାକୁ ହେଲେ ନଇଁ ନଇଁ ଯିବାକୁ ହୋଇଥାଏ। ସେଇଘରେ ଚୁଲି, ହାଣ୍ଡିଶାଳ ଆଉ ଶୁଆବସା। ପୁଣି ଛୋଟ ଛୋଟ ପିଲାଙ୍କୁ ନେଇ। ଏଭଳି ସ୍ଥିତିରେ କିଭଳି ପରିବାର ଲୋକେ ରହୁଥିବା ତାହା ବିଚାର ସାପେକ୍ଷ।

ସରକାରୀ ଭାବେ ସମସ୍ତ ଗରିବ ଅସହାୟ ପରିବାର ପାଖେ ପକ୍କା ଘର ମିଳିବ ବୋଲି ଯେତେ ଡିଣ୍ଡିମ ପିଟାଗଲେ ବି ତାହା କେଉଁଠି ନା ପ୍ରହସନ ବୋଲି ଅଭିଯୋଗ ହୁଏ। ତଥାପି ଘର ଖଣ୍ଡେ ପାଇଁ ପଞ୍ଚାୟତରୁ ବ୍ଲକ ଯାଏ ଧାରାବାହିକ ଭାବେ ଗରିବ ଅସହାୟଙ୍କ ସଂଗ୍ରାମ ଜାରି ରହିଛି। କେବଳ ଦେଖିବାକୁ ବାକି ରହିଛି ରାଜକିଶୋରଙ୍କ ଭଳି ପ୍ରକୃତ ହିତାଧିକାରୀଙ୍କ ପାଖେ ସରକାରୀ ଘର ପହଞ୍ଚି ପାରୁଛି କି ନାହିଁ ।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କେନ୍ଦ୍ରାପଡା, ୩୦।୧୨ (ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଡେରାବିଶ ବ୍ଲକ ଅନ୍ତର୍ଗତ ସନ୍ଥପୁରା ଗାଁର ଭୂମିହୀନ ଚାଷୀ ଭାବଗ୍ରାହୀ ମଳିକଙ୍କ ହୃଦଘାତଜନିତ ମୃତ୍ୟୁ ଆକସ୍ମିକ ନୁହେଁ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ଆଜି କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସିରେ ବିକ୍ଷୋଭ କରି ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛି।

ପ୍ରଥମେ ସନ୍ଥପୁରା ଗ୍ରାମର ଭାବଗ୍ରାହୀ ମଳିକଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଘଟଣାର ସତ୍ୟାସତ୍ୟ ପରଖିଥିଲେ। ଫସଲ ହାନି ଯୋଗୁ ଚାଷୀ ଭାବଗ୍ରାହୀ ମଳିକଙ୍କ ମୃତ୍ୟୁ ଘଟିଛି ବୋଲି ଜାଣିବାକୁ ପାଇଥିଲେ। ପରିବାର ସଦସ୍ୟଙ୍କ ସହ ଆଲୋଚନା କଲାବେଳେ ତାଙ୍କର ମୋଟ ଅଠର ଗୁଣ୍ଠ ଚାଷଜମି ଓ ଏକ ଡ଼ିସିମିଲି ଘର ଡିହ ଥିବା ଜଣାପଡିଛି। ଛଅ ଜଣ ପରିବାରକୁ ପ୍ରତିପୋଷଣ କରିବା ପାଇଁ ସେ ଆଉ ଆଠ ଏକର ଜମି ଭାଗ ଚାଷ କରିଥିଲେ। ଏଥିପାଇଁ ମଧ୍ୟ ସେ ଅଢେଇ ଲକ୍ଷ ଟଙ୍କା ହାତ ଉଧାରୀ ଆଣିଥିଲେ। ସମସ୍ତ ଧାନ ଫସଲ ଅଦିନିଆ ବର୍ଷାରେ ଉଜୁଡି ଯିବାରୁ ସବୁ ବୁଲି ଦେଖି ଆସିଲା ପରେ ମାନସିକ ଭାରସାମ୍ୟ ହରାଇ ହୃଦଘାତରେ ମୃତ୍ୟୁ ବରଣ କରିଛନ୍ତି।

ତାଙ୍କର ଘର ବୋଲି କହିଲେ ଗୋଟିଏ ଚାଳ ଛପର ଘର। ଏପର୍ଯ୍ୟନ୍ତ ଆବାସ ଯୋଜନାରେ ଭାବଗ୍ରାହୀଙ୍କୁ ସାମିଲ କରାଯାଇ ନାହିଁ। ତାଙ୍କ ଘରକୁ ଏପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଯାଇ ନାହାନ୍ତି ବୋଲି ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଥିଲେ । କେବଳ ଡେରାବିଶ ତହସିଲଦାର ତାଙ୍କ ଜମି ପାଖକୁ ଯାଇ ମଝିଆ ପୁଅ ଠାରୁ ଗୋଟିଏ ସାଧା କାଗଜରେ ଦସ୍ତଖତ କରେଇ




### ମୃତ ଭାଗ ଚାଷୀ ଭାବଗ୍ରାହୀଙ୍କ ପରିବାରକୁ ମିଳୁ ୫୦ ହଜାର ଟଙ୍କା

ନେଇଛନ୍ତି ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଭାବଗ୍ରାହୀ ତାଙ୍କ ଛଅ ଜଣିଆ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ।

ଅନ୍ୟ ପକ୍ଷରେ ସମସ୍ତ ପନିପରିବା ଶେଷ ହୋଇ ଯାଇଛି। ଏଣୁ ସଂଯୁକ୍ତ କିଷାନ ମୋର୍ଚ୍ଚା ଏବେ ବିଭିନ୍ନ ଦାବି କରିଛି । ଭାବଗ୍ରାହୀଙ୍କ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ସହିତ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ବିବାଦୀୟ ଡେରାବିଶ ତହସିଲଦାରଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଭାବଗ୍ରାହୀଙ୍କ ପରିବାରରୁ ଜଣଙ୍କୁ ସରକାରୀ ନିଯୁକ୍ତି ଦିଆଯାଉ। ଅଦିନିଆ ବର୍ଷାରେ ସାରା ଜିଲ୍ଲାରେ ଉଜୁଡି ଯାଇ ରହିବା ସମସ୍ତ ଜମିକୁ ୟୁନିଟି ଭାବେ ଗ୍ରହଣ କରି ଯୁଦ୍ଧ କାଳୀନ ଭିତ୍ତିରେ ଅନୁଧ୍ୟାନ କରାଯାଇ ପ୍ରକୃତ କ୍ଷତିପୂରଣ ଦିଆ ଯାଉ। ଉଜୁଡି ଯାଇଥିବା ପନିପରିବା ର କ୍ଷତି ଭରଣା କରାଯାଉ। ସମସ୍ତ କୃଷି ଋଣ ଛାଡ କରିବାକୁ ସଂଯୁକ୍ତ କିଷାନ ମୋର୍ଚ୍ଚାର ସୋମବାର କେନ୍ଦ୍ରାପଡା ଜିଲ୍ଲାପାଳ ଅଫିସରେ ଆଗରେ ଦାବି କରିଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର କୁଇନ ଜେନା ଆନ୍ଦୋଳନ ସ୍ଥଳରେ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଦାବି ପୂରଣ ନହେଲେ ଚାଷୀମାନେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଥିଲେ।

# ପରଲୋକରେ ବରିଷ୍ଠ ବ୍ୟବସାୟୀ

**ମାର୍ଶାଘାଇ, ୩୦।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଅଞ୍ଚଳର ଥିବା ବାଘଡ଼ିଆ ଗ୍ରାମର ବରିଷ୍ଠ ବ୍ୟବସାୟୀ ଜଳଧର ସ୍ୱାଇଁ ୮୫ଙ୍କ ପରୋଲୋକ ଘଟିଛି । ଦୀର୍ଘ ୬୦ ବର୍ଷ ଧରି ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟବସାୟ କରି ସୁନାମ ଓ କୀର୍ତି ଅର୍ଜନ କରିଥିଲେ । ସେ ଅଞ୍ଚଳର ଜଣେ ମେଳାପୀ ଆଦର୍ଶ ଭାବେ ବେସ ଜଣା ଶୁଣା ମଧ୍ୟ ଥିଲେ। ତାଙ୍କର ପରଲୋକ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ବହୁ ବ୍ୟବସାୟୀ ମାନେ ତାଙ୍କର ଶେଷ ଦର୍ଶନ ଓ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବ୍ୟବସାୟ ସହିତ ସେ ବହୁ ସାମାଜିକ ଅନୁଷ୍ଠାନ ସହ ଜଡିତ ରହି ସମାଜ ସେବା କାର୍ଯ୍ୟ ମଧ୍ୟ ଜାରି ରଖିଥିଲେ । ଗତ ରବିବାର ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ତାଙ୍କ ମୃତ୍ୟୁ ସର୍ଯ୍ୟ ନିକଟରେ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସୋମବାର ଦିନ ମାର୍ଶାଘାଇ ବଜାର ପରିକ୍ରମା ସହ ନିଜ ଗ୍ରାମ ବାଘଡ଼ିଆ ସ୍ଥିତ ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷ ମୁଖାଗ୍ନି ଦେଇଥିଲେ ।

# ରାମଚଣ୍ଡୀ ପୀଠ ଆୟ ବ୍ୟୟର ସ୍ୱତନ୍ତ୍ର ଅଡିଟ ଓ ଭୂସମ୍ପତ୍ତି ଉଦ୍ଧାର ପାଇଁ ଦାବି

**କେନ୍ଦ୍ରାପଡା/ମହାକାଳପଡା, ୩୦।୧୨ (ସଂଚାର ବ୍ୟୁରୋ):** ମା ଦରିଆ ରାମଚଣ୍ଡୀ ପୀଠ, ରାମନଗର ଅଞ୍ଚଳର ଏକ ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳ ଭାବେ ରାଜା ରାଜୁଡ଼ା ସମୟରୁ ରହିଅଛି। ୧୯୭୨ ମସିହା ଠାରୁ ଏହି ପୀଠ ଦେବୋତ୍ତର ବିଭାଗ ଅଧୀନରେ ରହି ଆସିଛି କିନ୍ତୁ ନିୟମ ଅନୁସାରେ ପ୍ରତି ଦୁଇ ବର୍ଷରେ ନୂଆ ଟ୍ରଷ୍ଟି ହେବା କଥା ହେଲେ ଦୀର୍ଘ ବର୍ଷ ଧରି ଏହି ନିୟମକୁ ପାଳନ କରାଯାଉନାହିଁ ଅର୍ଥାତ ମଥୁରି ଚରଣ ସେନାପତି ୨୦୧୪ ମସିହା ଠାରୁ ଏହି ଦାୟିତ୍ୱରେ ରହି ଆସିଛନ୍ତି। ହେଲେ ଇତିମଧ୍ୟରେ ନୂତନ ସ୍ଥାୟୀ ଟ୍ରଷ୍ଟ ବୋର୍ଡ଼ ଗଠନ ନ ହେବା ପର୍ଯ୍ୟନ୍ତ ମହାକାଳପଡ଼ା ତହସିଲଦାର ଶିବ ମଲ୍ଲୀକଙ୍କୁ ଟ୍ରଷ୍ଟି ଭାବରେ କାର୍ଯ୍ୟଭାର ତୁଲାଇବା ସହ ତତ୍କାଳୀନ ଟ୍ରଷ୍ଟିଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ସହିତ ଆୟବ୍ୟୟ ହିସାବ ହସ୍ତାନ୍ତର କରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ କମିଶନର। ହେଲେ ଯେଉଁଦିନ ଦାୟିତ୍ୱ



ହସ୍ତାନ୍ତର ପାଇଁ ନୋଟିସ୍ କରାଯାଇଥିଲା ସେହିଦିନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅପେକ୍ଷା କରି କରି ଫେରି ଆସିଥିଲେ ତହସିଲଦାର।

ବିଭିନ୍ନ ସୂତ୍ରରୁ ମିଳିଥିବା ଜମିକୁ ହିସାବକୁ ନେଲେ ଠାକୁରାଣୀଙ୍କ ଭୂସମ୍ପତ୍ତି ପ୍ରାୟ ୨୨୦ ଏକରରୁ ଅଧିକ ହୋଇଥିବା ବେଳେ ବର୍ତ୍ତମାନ ସେଥିରୁ ପ୍ରାୟ ୯୦ ଭାଗ ଜମି ଜବରଦଖଲରେ ରହିଛି। ସ୍ଥାନୀୟ ପ୍ରଶାସନକୁ ହାତବାରିସୀ କରି ଭୂସମ୍ପତ୍ତି ବ୍ୟତୀତ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିବାହ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ରାମଚଣ୍ଡୀ ମେଳା (ପଣା ସଂକ୍ରାନ୍ତି) ଇତ୍ୟାଦି ବିଭିନ୍ନ ସୂତ୍ରରୁ ରୋଜଗାର ଥିବା ବେଳେ ବର୍ଷ ବର୍ଷ ଧରି ଆୟ ବ୍ୟୟର ଅଡ଼ିଟ କରାଯାଇନାହିଁ। ଯାହା ବଡ଼ ଧରଣର ଲୁଟ ହୋଇଥିବା ଆଶଙ୍କା କରିଛନ୍ତି ସାମାଜିକ କର୍ମୀ।

ଏତଦ୍ ବ୍ୟତୀତ ୧୯୭୨ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମନ୍ଦିରର ଆୟ ବ୍ୟୟ ଉପରେ ସ୍ୱତନ୍ତ୍ର ଅଡ଼ିଟ ହୋଇନି ଏବଂ ଠାକୁରାଣୀଙ୍କ ୨୨୦ ଏକର ଜମି ଉଦ୍ଧାର ସହ ଜମି ଜବରଦଖଲ କାରୀ ଓ ଏହି କାର୍ଯ୍ୟରେ ସହଯୋଗ କରିଥବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ବିରୋଧରେ ଆଇନ ଗତ ପଦକ୍ଷେପ ନେବା ନିମନ୍ତେ ଅତିରିକ୍ତ ଜିଲାପାଳଙ୍କ ନିକଟରେ ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସହ ସମାଜସେବୀ ହରେକୃଷ୍ଣ ପାତ୍ର, ସୁବ୍ରତ ସେଠି,ନଗେନ୍ଦ୍ର ଜେନା, ଅମିତାଭ ଚାନ୍ଦ,ନିରଞ୍ଜନ ପରିଡା,ସନ୍ତୋଷ ପୋଥାଳ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ଏଥି ସହ ଏହାର ଏକକିତା ନକଲ କପି ଦେବୋତ୍ତର କମିଶନ, ରାଜସ୍ୱ ବିପର୍ଯ୍ୟୟ ବିଭାଗ ମନ୍ତ୍ରୀ,ଆଇନ ବିଭାଗ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ ପ୍ରେରିତ କରାଯାଇଛି ।

### ପୁରାତନ ଛାତ୍ରଛାତ୍ରୀଙ୍କ ନିଆରା ଚିନ୍ତାଧାରା

# ପାଠ ପଢ଼ିଥିଲେ, ଏବେ ନିଜେ ପଢ଼ାଇବେ

**ଗରଦପୁର, ୩୦।୧୨ (ସଂଚାର ବ୍ୟୁରୋ):** ଯେଉଁ ବିଦ୍ୟାଳୟରୁ ପାଠ ପଢ଼ି ମଣିଷ ହୋଇଛନ୍ତି ତାହାର ଋଣ ସୁଜିବାକୁ ଆଗେଇ ଆସିଛନ୍ତି । ସରକାରୀ ବିଦ୍ୟାଳୟରେ ପାଠ ପଢ଼ି ଇଂରାଜୀ ବିଦ୍ୟାଳୟରେ ପାଠ ପଢିଥିବା ଛାତ୍ରଛାତ୍ରୀଙ୍କ ସହିତ ଲଢେଇ କରି ସଫଳତା ପାଇଥିବା ପୂରାତନ ଛାତ୍ରଛାତ୍ରୀମାନଙ୍କ ଏହି ନିଆରା ପ୍ରୟାସକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି । ଏହିଭଳି ଏକ ନିଆରା ଚିନ୍ତାଧାରା କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ହାଇସ୍କୁଲର ୨୦୦୨ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ।

ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅନ୍ଧବର ପୀଠରେ ୫୦ରୁ ଉର୍ଦ୍ଧ୍ୱ ପୂରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ । ପ୍ରଥମେ ଏହି ମନ୍ଦିର ପରିସରକୁ ସଫେଇ କରିଥିଲେ । ଏହାପରେ ଏକ ବୈଠକର ଆୟୋଜନ କରାଯାଇଥିଲା । ଏହି ବୈଠକରେ ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଦକ୍ଷତା ଶିକ୍ଷା ଏବଂ ମାଗଣା କୋଚିଂ ଦେବାର ଖସଡ଼ା ପ୍ରସ୍ତୁତ ହୋଇଥିଲା। ଆସନ୍ତା ବର୍ଷ ଜାନୁଆରୀ ମାସରୁ ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ପିଲାମାନଙ୍କୁ ମାଗଣା କୋଚିଂ ଦିଆଯାଇ ସେମାନଙ୍କର ମୂଳଦୁଆ ସୁଧାରିବାକୁ ଚେଷ୍ଟା କରାଯିବ



ବୋଲି ପୂରାତନ ଛାତ୍ରଛାତ୍ରୀମାନେ ଖସଡ଼ା ପ୍ରସ୍ତୁତ କରିଛନ୍ତି । ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇଛି । ଏନେଇ ମାଗଣା ସ୍ୱାସ୍ଥ୍ୟ କ୍ୟାମ୍ପ କରାଯାଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାନିରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବିତରଣ ନେଇ ଆଲୋଚନା ହୋଇଛି । ଏହାଛଡ଼ା ବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସାମିଲ ହୋଇ ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ନେଇ ମଧ୍ୟ ଆଲୋଚନା କରିଥିଲେ । ବ୍ଲକର ଏହି ସର୍ବପୁରାତନ ପର୍ଯ୍ୟଟନ ସ୍ଥଳୀକୁ ଗମନାଗମନ ସୁବିଧାର ଉନ୍ନତି ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି।

### ଠାକୁରଙ୍କ ଜମି ଉପରେ ମାଫିଆଙ୍କ ନଜର

# ନିୟମକୁ ବେଖାତିର କରି ନିର୍ମାଣ ହେଉଛି ରାସ୍ତା

**କେନ୍ଦ୍ରାପଡା, ୩୦।୧୨ (ସଂଚାର ବ୍ୟୁରୋ):** ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଜମି ମାଫିଆ ଙ୍କ ଠାକୁରଙ୍କ ସମ୍ପତି ବା ଜମି ଜବରଦଖଲ । ଧିରେ ଧିରେ ଠାକୁରଙ୍କ ସମ୍ପତି ନିକଟରେ ବସବାସ କରୁଛନ୍ତି ପରେ ପୁରା ଅଞ୍ଚଳକୁ କାବ୍ଜା କରି ନେଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଜମି ଜବରଦଖଲ ମାଫିଆ ଏବେ ସ୍ଥାୟୀ କଂକ୍ରିଟ ଗୃହ ନିର୍ମାଣ ମଧ୍ୟ କରିଦେଇଛନ୍ତି । ସ୍ଥାନୀୟ ଲୋକେ କିମ୍ବା ବୁଦ୍ଧିଜୀବି ଏହାକୁ ବିରୋଧ କଲେ ମଧ୍ୟ ସେମାନେ କାହାକୁ ଖାତିର କରୁନଥବା ଦେଖାଦେଇଛି।

କେନ୍ଦ୍ରାପଡା ସହରାଞ୍ଚଳର ଥିବା ଅଯୋଧ୍ୟା ନଗର ନିକଟରେ ବହୁ ବର୍ଷରୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପାଦ ପଦ୍ମ



ପୁଜା ପାଉଥିବା ବେଳେ ଶ୍ରୀ ସିଦ୍ଧ ଦାସଙ୍କ ମଠ ଏହି ସ୍ଥାନର ଶୋଭା ବଢାଇ ଆସୁଛି । ଭଗବାନପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଆସୁଥିବା ଏହି ଐତିହାସିକ ମନ୍ଦିରକୁ ଲାଗି ଥିବା ଅନେକ ଜାଗା ଏବେ ଜମୀ ଦଲାଲ୍ ଙ୍କ କବଜାରେ ରହିଛି । ପାଦ ପଦ୍ମ ପୋଖରି ଠୁ କିଛି ଦୂରରେ ରାସ୍ତା ନଥିବା ଏକ ଜାଗାକୁ ରାସ୍ତା କରାଇ ବା ପାଇଁ ମନ୍ଦିରର ବହୁ ଜାଗା ଜବରଦଖଲ କରାଯାଇ ରାସ୍ତା ନିର୍ମାଣ କରାଯାଇଛି । ଏହି ରାସ୍ତା ନିର୍ମାଣକୁ ବିରୋଧ କରି ପୂର୍ବରୁ ସ୍ଥାନୀୟ ବାସୀନ୍ଦାମାନେ ଜିଲ୍ଲାପାଳଙ୍କୁ ଭେଟି ମନ୍ଦିର ଜାଗାର ସୁରକ୍ଷା ପାଇଁ ଦାବି ପତ୍ର ଦେଇଥିଲେ।

ଅଭିଯୋଗ ଅନୁଯାୟୀ ଅଯୋଧ୍ୟା ନଗର୍ ରେ ରହୁଥିବା ଜଣେ ଜମି ବ୍ୟବସାୟୀ ରାସ୍ତା ନଥିବା ପ୍ଲଟ କୁ ରାସ୍ତା କରାଇବା ପାଇଁ ମନ୍ଦିରର ପୋଖରୀକୁ ଲାଗିଥିବା ଅନେକ ଜାଗାକୁ ଜବରଦଖଲ କରିଛନ୍ତି । ଯେଉଁଥି ପାଇଁ ଜିଲ୍ଲାପାଳ ରାସ୍ତାକୁ ଭାଙ୍ଗି ସଂପୂର୍ଣ୍ଣ ଜାଗାକୁ ନିଜ ଆୟତକୁ ଆଣିଥିଲେ । ପୁନର୍ବାର କିଛି ଦିନ ବ୍ୟବଧାନ ପରେ ଉକ୍ତ ଜମି ମାଫିଆ ସେହି ସ୍ଥାନରେ ରାସ୍ତା ନିର୍ମାଣ କଲେ ଯାହାର ଖବର ପାଇ ତହସିଲଦାର ମନ୍ଦିର ଜାଗା ଚତୁଃପାର୍ଶ୍ୱ ତାର ବାଡ଼ ବୁଲାଇ ଜମି ମାଫିଆଙ୍କୁ ତାଗିଦ୍ କରିଥିଲେ । ହେଲେ ଏବେ ସେହି ପାଦ ପଦ୍ମ ପୋଖରୀକୁ ଲାଗିଥିବା ମନ୍ଦିର ଜାଗା ଜମି ମାଫିଆ ଜବରଦଖଲ କରି କଚା ରାସ୍ତା ନିର୍ମାଣ କରିଛନ୍ତି ଓ ତା ସହିତ ଇଲେକ୍ଟ୍ରି ଖୁଣ୍ଟ ମଧ୍ୟ ପକାଇଛନ୍ତି । ଜମି କିଣିଥିବା ଲୋକମାନେ ଘର ମଧ୍ୟ ନିର୍ମାଣ କରି ସାରିଲେଣି । ବର୍ତ୍ତମାନ ସୁଦ୍ଧା ୩ଟି ଘର ନିର୍ମାଣ ହୋଇଥିବା ଦେଖାଯାଇଛି। ଅନ୍ୟ ପକ୍ଷରେ ଭଗବାନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପଛରେ ଏହି ରାସ୍ତା ନିର୍ମାଣ ହେବାର ସୂଚନା ରାଜସ୍ୱ ନୀରିକ୍ଷକ କେମିତି ଜାଣିପାରିଲେ ନାହିଁ ? ତାହା ଜଣା ପଡିନଥିବା ବେଳେ ଜମି ମାଫିଆଙ୍କ ସହ ବୁଝାମଣାରେ ଜବରଦଖଲକୁ ରାସ୍ତାକୁ ରାଜସ୍ୱ ନୀରିକ୍ଷକ ସମର୍ଥନ ଜଣାଇ ଚୁପ୍ ରହିଛନ୍ତି ବୋଲି ସନ୍ଦେହ ସୃଷ୍ଟି କରିଛି। ଏହି ଜବର ଦଖଲ ଉଚ୍ଛେଦ ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଦାବିପତ୍ର ଦେଇଛନ୍ତି।



# ସେହ୍ନ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ

**ଗରଦପୁର, ୩୦।୧୨ (ସଂଚାର ବ୍ୟୁରୋ):** ଶୀତ ପ୍ରକୋପ ରୁ ସାମାନ୍ୟ ରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ସେହ୍ନ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସଂଗଠନ କାର୍ଯ୍ୟାଳୟ ମାହାଳ ଠାରେ କେଶବ ମଲ୍ଲିକ, କାଶିନାଥ,ଜେନା, ପୁରୋଷତମ ମଲ୍ଲିକ,ଦିଲ୍ଲିପ ମଲ୍ଲିକ,ଶୁକଦେବ ବାରିକ, ଝରି ଜେନା, ଙ୍କ ସମେତ ଅନ୍ୟ ଅସହାୟ ଲୋକଙ୍କୁ ସଂଗଠନ ର ସଂଯୋଜକ ରମାକାନ୍ତ ସ୍ୱାଇଁ, ଦେବ ପ୍ରସାଦ ଲେଙ୍କା ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୨୧୨ ଅଭିଯୋଗ

**ରାଜନଗର, ୩୦।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଏସପି ସିଦ୍ଧାର୍ଥ କାଟରିଆ, ଉପଜିଲ୍ଲାପାଳ



ରବୀନ୍ଦ୍ର କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି ପ୍ରମୁଖ ଯୋଗଦେଇ ୨୧୨ ଅଭିଯୋଗ ଶୁଣିବା ସହ ତ୍ୱରିତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ୨୧୨ଟି ଅଭିଯୋଗ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଗତ ଅଭିଯୋଗ ଆସିଥିବା ବେଳେ ଅଳ୍ପ କେତୋଟି ସାମୁହିକ ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ୧୫୦ରୁ ଅଧିକ ଅଭିଯୋଗ କେବଳ ରାସନକାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ, ଭତା ସମ୍ପର୍କିତ ଥିଲା। ଏହି ଜନଶୁଣାଣି ଶିବିରରେ ସାମୁହିକ ଅଭିଯୋଗ ଭାବେ ତାଳଚୁଆରୁ ରଙ୍ଗଣୀ ଆରଡି ରାସ୍ତା, ଡାଲଖାଇରୁ ରଙ୍ଗଣୀ ଆରଡି ରାସ୍ତା କାମ ହେଉନି ବୋଲି ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗକୁ ଆଧାର କରି ଜିଲ୍ଲାପାଳ ଶ୍ରୀ ପ୍ରଧାନ ବିଭାଗୀୟ ଅଧିକାରୀଙ୍କୁ କାମ ତୁରନ୍ତ କରି ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଟିକାୟତନଗରରୁ ହାତିଆଗଣ୍ଡ ପର୍ଯ୍ୟନ୍ତ ଡ୍ରେନେଜ ନିର୍ମାଣ ପାଇଁ ଲୋକମାନେ ଅଭିଯୋଗ କରିଥିଲେ। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ତଟବନ୍ଧ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ଭଞ୍ଜକିଶୋର ରାଉତ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ବିଶ୍ୱ ରଞ୍ଜନ ସ୍ୱାଇଁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ।

# ନବଦିଗନ୍ତ ସ୍ୱେଚ୍ଛାସେବୀ ସଂଗଠନର ଆଦ୍ୟ ଗୁରୁପୂଜନ ଉତ୍ସବ

**ପଟ୍ଟାମୁଣ୍ଡାଇ, ୩୦।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ବଡମୋହନପୁର ପଞ୍ଚାୟତ ଅନ୍ତର୍ଗତ କଣିପାଳ ଗ୍ରାମରେ ଯୁବକ ଓ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଗଠିତ ନବଦିଗନ୍ତ ସ୍ୱେଚ୍ଛାସେବୀ ସଂଗଠନର ତୃତୀୟ ବାର୍ଷିକ ଆଦ୍ୟଗୁରୁପୂଜନ କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷାବିତ କୃଷ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅତି ଧୁମଧାମରେ ପାଳିତ ହୋଇଯାଇଅଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ସାତଗୋଟି ବ୍ଲକ ଓ ଦୁଇଟି ମ୍ୟୁନିସିପାଲିଟିର ଜାତି ଧର୍ମ ବର୍ଣ୍ଣ



ନିର୍ବିଶେଷରେ ବରିଷ୍ଠ ଓ ଅବହେଳିତ ନାଗରିକ ମାନଙ୍କୁ ଅଣାଯାଇ ପ୍ରଥମେ ସମସ୍ତଙ୍କର ପାଦୁକା ପୂଜା,ବନ୍ଦାପନା କରିବା,ସେବା କରିବା ସହିତ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା । ସମସ୍ତଙ୍କୁ ଆଦରରେ ଖାଦ୍ୟ ଖୁଆଇବା ସହିତ ଦେଢ଼ ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ସଂଗଠନ ତରଫରୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣିପାଳ ଗ୍ରାମବାସୀଙ୍କଙ୍କ ସହିତ ବଡମୂଳବସନ୍ତ ଓ ମାଟିଆପଡା ଗ୍ରାମର ମହିଳା ସଂଗଠନ ମାନେ ମଧ୍ୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଦାଶରଥି ସାହୁ ଓ ଭ୍ରମରବର ଦାସ ପରିଚାଳନା କରିଥିଲେ।



● ବିଦେଶରେ ଚମକିଲେ ଓଡ଼ିଆ ପୁଅ

# ଜୁନିଅର ସାଇନ୍ସ ଅଲିମ୍ପିଆଡ୍‌ରେ ଅନିଶଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ବିଦେଶରେ ଓଡ଼ିଆ ପୁଅଙ୍କ କମାଲ୍। ରୋମାନିଆରେ ହାତେଇଲେ ବ୍ରୋଞ୍ଜ ପଦକ। ଓଡ଼ିଆ ପୁଅ ଅନିଶ ଜେନାଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା। ରୋମାନିଆର ବୁରାରେଷ୍ଟଠାରେ ଚାଲିଥିଲା ୨୧ତମ ଅନ୍ତର୍ଜାତୀୟ ଜୁନିଅର ବିଜ୍ଞାନ ଅଲିମ୍ପିଆଡ୍। ଯାହା ଏଇ ନିକଟରେ ଉଦଯାପିତ ହୋଇଛି। ଆଉ ଏଥିରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଆ ପୁଅ ଅନିଶ ଜେନା। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସେ ୟୁଏଇ ଦେଶକୁ ପ୍ରତିନିଧିତ୍ୱ କରୁଥିଲେ। ୫୦ଟି ଦେଶରୁ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲାବେଳେ ଅନିଶ ହାତେଇଛନ୍ତି ବ୍ରୋଞ୍ଜ ପଦକ। ତେବେ ଏହି ପ୍ରତିଯୋଗିତାରେ ଗୋଲ୍ଡ ମେଡାଲ୍ ହାସଲ କରିଛି ଭାରତ। ପ୍ରତିବର୍ଷ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଯାହା ଏଥର ପେଲେସ୍ କାଷ୍ଟଲ୍ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦେଶର ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ ଥିଓରି ଓ ପ୍ରାକ୍ଟିକାଲ୍ ଭିତ୍ତିକ ବିଜ୍ଞାନ ପ୍ରଦର୍ଶନ କରିଥିଲେ। ଯେଉଁଥିରେ ଯାଜପୁର ଜିଲ୍ଲା ବରୀ ଡିହସାହିର ବୈଦ୍ୟନାଥ ଜେନାଙ୍କ ପୁଅ ଅନିଶ ୟୁଏଇକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ବାପା ବୈଦ୍ୟନାଥ ଦୀର୍ଘ ଦିନ ଧରି ପ୍ରବାସୀ ଓଡ଼ିଆ ଭାବେ ୟୁଏଇରେ ଏକ ପ୍ରତିଷ୍ଠିତ ସଂସ୍ଥାର ନିର୍ଦ୍ଦେଶକ ଭାବେ କାମ କରୁଥିଲାବେଳେ ଅନିଶଙ୍କ ମା' ଅନିମାରାଣି ଫାର୍ମାସୀ ଚଳାନ୍ତି। ଅନିଶ ସେଠାରେ ପାଠ ପଢ଼ୁଥିଲାବେଳେ ତାଙ୍କର ବିଜ୍ଞାନ ପ୍ରତି ରହିଛି ବିଶେଷ ରୁଚି। ଅନିଶଙ୍କର ଏହି କୃତୀତ୍ୱ ଲାଗି ଜେଜେ ରାଜକିଶୋର ଜେନା, ଜେଜେ ମା' ରାଧାରାଣି ଜେନା, ଅଜା ନାରାୟଣ ପ୍ରସାଦ ନାୟକ, ଆଈ କୁମୁଦଲତା ନାୟକ, ବନ୍ଧୁ ଓ ପରିବାରବର୍ଗଙ୍କ ସମେତ ଗାଁ ଓ ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆ ସମୁଦାୟଙ୍କ ପକ୍ଷରୁ ଅନିଶଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।



ହତ୍ୟା ମାମଲାରେ ନ୍ୟାୟ ନ ମିଳିବାରୁ ସିପି ଅଫିସ ଆଗରେ ଧାରଣା ଦେଲେ ପରିବାର

# ୭୮% ଅଭିଯୋଗର ହୋଇଛି ସମାଧାନ



**ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ):** ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ସପ୍ତମ ପାଳି, ଚଳିତ ବର୍ଷର ଶେଷ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକ କ୍ରିୟାଶୀଳ ହୋଇଛି। ମୁଖ୍ୟମନ୍ତ୍ରୀ, ଅଭିଯୋଗ ପ୍ରକୋଷ୍ଠରେ ଅଥବା ଯେଉଁଠାକୁ ଯାଆନ୍ତି ସେଠାରେ ସାଧାରଣଲୋକଙ୍କୁ ଭେଟିବା, ସେମାନଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି। ଆଜି ସପ୍ତମ ପାଳିର ଆରମ୍ଭରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ପରେ ବାହାରେ ଚେୟାରରେ ବସିଥିବା ପ୍ରାୟ ୪୦ ଜଣ ଭିନ୍ନକ୍ଷମଙ୍କୁ ପ୍ରଥମେ ଭେଟିଥିଲେ । ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପରେ ପାଖରେ ଥିବା ମନ୍ତ୍ରୀ ଓ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅଭିଯୋଗପତ୍ର ଧରାଇ ସମାଧାନ କିପରି ହେବ ସେଥିପ୍ରତି ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୌଦ୍ଧର ହେରମ୍ବ ଗିରି ଆସିଥିଲେ ଜଟିଳ ରୋଗରେ ପୀଡିତ ତାଙ୍କ ୭ ବର୍ଷର ପୁଅ ପ୍ରତ୍ୟୁଷ ଗିରିଙ୍କୁ ନେଇ। ପିଲାର ଦୁଇଟି ଯାକ ଆଖି ନଷ୍ଟ ହୋଇଯାଇଛି। ବାପା ମା' ଦୁହେଁ ଚିକିତ୍ସା ବାବଦରେ ଦୌଡି ଦୌଡି ସମସ୍ତ ଟଙ୍କା ଖର୍ଚ୍ଚ କରିସାରିବା ପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ତୁରନ୍ତ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଆମ୍ବୁଲାନ୍ସ ଡାକି ଡାକ୍ତରଖାନା ପଠାଇବାପାଇଁ କହିଥିଲେ । କ୍ୟାପିଟାଲ ହସ୍ପିଟାଲରୁ ପିଲାଟି କଟକ ବଡ ଡାକ୍ତରଖାନାକୁ ଯିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପିଲାଟିର ଚିକିତ୍ସା କିପରି ହେବ ସେ ସମ୍ପର୍କରେ ତନ୍ନ ତନ୍ନ କରି ବୁଝୁଥିଲେ। କଟକ ବଡ ଡାକ୍ତରଖାନାରେ ପିଲାଟି ଚିକିତ୍ସାପାଇଁ ଭର୍ତ୍ତିହେଲା । ପିଲାଟିର ଚିକିତ୍ସା ବାବଦକୁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆହୁରି ମଧ୍ୟ କହିଛନ୍ତି ଯେ, ଜଟିଳ ରୋଗରେ ପୀଡିତ ସବୁ ମାମଲା ଗୁଡିକୁ ଆମେ ସମାନ ଗୁରୁତ୍ୱ ଦେଉଛୁ । ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ। ଆଜି ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରୀ ମଣ୍ଡଳର ସଦସ୍ୟମାନେ ସମସ୍ତଙ୍କ ଅଭିଯୋଗର ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ହେଉଛି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସପ୍ତମ ପାଳି । ଏ ପର୍ଯ୍ୟନ୍ତ ୩୦ ହଜାରରୁ ୩୫ ହଜାର ଅଭିଯୋଗକାରୀ ଆସିଛନ୍ତି। ଜୁଲାଇ ପହିଲାରେ ହୋଇଥିବା ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୮୮ ପ୍ରତିଶତ କେସ୍ ସମାଧାନ ହୋଇଛି । ଜୁଲାଇ ୧୫ ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୮୪ ପ୍ରତିଶତ, ଅଗଷ୍ଟ ୫ ରେ ହୋଇଥିବା କାର୍ଯ୍ୟକ୍ରମରେ ୮୨ ପ୍ରତିଶତ, ସେପ୍ଟେମ୍ବର ୨୩ରେ ହୋଇଥିବା କାର୍ଯ୍ୟକ୍ରମରେ ୮୦ ପ୍ରତିଶତ, ଅକ୍ଟୋବର ୨୧ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୭୭ ପ୍ରତିଶତ ଏବଂ ଡିସେମ୍ବର ୧୬ ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୧୬ ପ୍ରତିଶତ କେସର ସମାଧାନ କରାଯାଇଛି। ବାକି ରହିଥିବା କେସ ଗୁଡିକ ପ୍ରକ୍ରିୟାଭୁକ୍ତ ଅଛି, ଖୁବଶୀଘ୍ର ଏଗୁଡିକର ସମାଧାନ କରାଯିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ପ୍ରତି ଜିଲ୍ଲାରେ ମଧ୍ୟ ଜିଲ୍ଲାପାଳଙ୍କ ଜରିଆରେ ଅଭିଯୋଗ ଶୁଣାଣି ଜାରିରହିଛି। ଆଗାମୀ ଦିନରେ ଆର୍‌ଡିସି ସ୍ତରରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ କାର୍ଯ୍ୟକାରୀ କରିବାର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

**ଅଭିଯୋଗ ପ୍ରକୋଷ୍ଠରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ**

**ଅଜଣା ରୋଗରେ ପୀଡିତ ନାବାଳକକୁ ବଡ ମେଡିକାଲ ପଠାଇଲେ ମୁଖ୍ୟମନ୍ତ୍ରୀ**

# 'କଳା ଜହ୍ନ' ଖବର ମିଛ



**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ୩୧ କଳା ଜହ୍ନ - କେତେକ ଗଣ ମାଧ୍ୟମ ଓ ସୋସିଆଲ୍ ମିଡିଆ ରେ ପ୍ରଚାରିତ ହେଉଥିବା କଥା ୩୦ - ୩୧ ରେ -"କଳା ଜହ୍ନ ଦେଖାଯିବା ଖବର ଠିକ୍ ନୁହେଁ । ୩୦ ତାରିଖ ରାତିରେ ସବୁ ଅମାବାସ୍ୟା ଭଳି ଜହ୍ନ ବିଲକୁଲ୍ ଦେଖାଯିବ ନାହିଁ ଓ ୩୧ ତାରିଖରେ ଧଳା ବଙ୍କୁଲି ଜହ୍ନ ଦେଖାଯିବ । କଳା ଚନ୍ଦ୍ର ବା କଳା ଜହ୍ନ କ'ଣ ? ଏକ ଇଂରାଜୀ କ୍ୟାଲେଣ୍ଡର ମାସରେ ଦୁଇଟି ପୂର୍ଣ୍ଣିମା ପଡିଲେ ଦ୍ୱିତୀୟ ପୂର୍ଣ୍ଣିମାକୁ "ନୀଳ ଜହ୍ନ" ଭାବରେ ନାମିତ କରାଯାଏ, ଠିକ୍ ସେହି ଭଳି ଏକ ଇଂରାଜୀ କ୍ୟାଲେଣ୍ଡର ମାସରେ ଦୁଇଟି ଅମାବାସ୍ୟା ପଡିଲେ ଦ୍ୱିତୀୟ ଅମାବାସ୍ୟା କୁ "କଳା ଜହ୍ନ" ଭାବରେ ନାମିତ କରାଯାଏ, ଯାହାର ଚନ୍ଦ୍ରର ରଙ୍ଗ ସହିତ କୌଣସି ସମ୍ପର୍କ ନାହିଁ । ଏହା କେବଳ ଏକ ନାମକରଣ ଯାହାକି ଏକ କ୍ୟାଲେଣ୍ଡର ମାସରେ ଦ୍ୱିତୀୟ ଅମାବାସ୍ୟାକୁ ବ୍ୟାଖ୍ୟା କରିବା ପାଇଁ ବ୍ୟବହୃତ ହୁଏ । କଳା ଜହ୍ନ ଶବ୍ଦଟି ଜ୍ୟୋତିର୍ବିଜ୍ଞାନ ରେ ଏତେ ବ୍ୟବହାର କରାଯାଏ ନାହିଁ ଏହା ଏକ ଲୋକପ୍ରିୟ ନାମ ମାତ୍ର । ଏହା ଏକ ବିରଳ ଘଟଣା ହେଇଥିବାରୁ ଏହାର ଏଭଳି ନାମକରଣ କରାଯାଇଛି । କଳା ଚନ୍ଦ୍ର କେତେ ବିରଳ ? ଦୁଇଟି କ୍ରମାଗତ ପୂର୍ଣ୍ଣିମା ବା ଅମାବାସ୍ୟା ମଧ୍ୟରେ ସମୟ ପ୍ରାୟ ୨୯.୫ ଦିନ, ଯାହା ଫେବୃଆରୀ ବ୍ୟତୀତ ଅନ୍ୟ ସମସ୍ତ ମାସ ଅପେକ୍ଷା କମ୍ ଅଟେ । ତେଣୁ, ଗୋଟିଏ ଇଂରାଜୀ ମାସରେ ଦୁଇଟି ଅମାବାସ୍ୟା ହେବା ପାଇଁ, ପ୍ରଥମ ପୂର୍ଣ୍ଣିମା ମାସର ୧ କିମ୍ବା ୨ ତାରିଖରେ ହେବା ଉଚିତ୍ । ୩୦ ଦିନିଆ ମାସ ଅପେକ୍ଷା ୩୧ ଦିନିଆ ମାସରେ ଏକ କଳାଜହ୍ନ ହେବାର ସମ୍ଭାବନା ଅଧିକ । ଫେବୃଆରୀରେ କଳା ଜହ୍ନ ସମ୍ଭବ ନୁହେଁ କାରଣ ଏହା ୨୮ ଦିନ, ଏବଂ ୨୯ ଦିନର ହେଇଥାଏ । ୩୧ ଦିନ ଥିବା ମାସରେ ନୀଳଜହ୍ନ ୨ ରୁ ୩ ବର୍ଷ ମଧ୍ୟରେ ପଡେ । ଏପରି ନୀଳଜହ୍ନ ଗତ ୨୦୨୨ ମସିହା ଅଗଷ୍ଟ ମାସରେ ଘଟିଥିଲା, ପରବର୍ତ୍ତୀ ଟି ମେ-୨୦୨୬ ମସିହାରେ ପଡିବ । କଳା ରଙ୍ଗର ଜହ୍ନ ଅତ୍ୟନ୍ତ ବିରଳ ଏବଂ କ୍ୟାଲେଣ୍ଡର କିମ୍ବା ଚନ୍ଦ୍ର କଳା ସହିତ ଏହାର କୌଣସି ସମ୍ପର୍କ ନାହିଁ। ବାୟୁମଣ୍ଡଳରେ ଆଗ୍ନେୟଗିରି ପାଉଁଶ ଏବଂ ଧୂଆଁ, ବାୟୁରେ ଜଳ ବୁନ୍ଦା କିମ୍ବା କିଛି ପ୍ରକାରର ମେଘ ଆଦିର ସ୍ଥିତି ଯୋଗୁଁ , କେବେ କେବେ ଏକ ପୂର୍ଣ୍ଣିମା ଜହ୍ନ କିଛି ସମୟ ପାଇଁ କଳା ଦେଖାଯାଇପାରେ।

● ୨୦୨୪ରେ ବିଶ୍ୱ ମାନ୍ୟତାରେ ଭାରତର ଅଗ୍ରଗତି

# ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି



**ନୂଆଦିଲ୍ଲୀ,୩୦।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇପାରିଛି ଏବଂ ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ଆଡ଼କୁ ଆତ୍ମବିଶ୍ୱାସର ସହ ଅଗ୍ରସର ହେଉଛୁ। ପ୍ରତିଦ୍ୱନ୍ଦ୍ୱୀ ହେବା ଏବଂ ବିଶ୍ୱ ଦରବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ଭାରତର ସଂକଳ୍ପ ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ ବିଶ୍ୱ ମାନ୍ୟତାରେ ଉଲ୍ଲେଖନୀୟ ଉନ୍ନତି ମାଧ୍ୟମରେ ସ୍ପଷ୍ଟ ହୋଇଛି। ଲଜିଷ୍ଟିକ୍ ଠାରୁ ଆରମ୍ଭ କରି ଉଦ୍ଭାବନ, ନିରାପତ୍ତା ଏବଂ ସାଇବର ନିରାପତ୍ତା କ୍ଷେତ୍ରରେ ଦେଶ ଯଥେଷ୍ଟ ଅଗ୍ରଗତି କରିଛି। ବିଗତ ୧୦ ବର୍ଷ ମଧ୍ୟରେ ଏହି ସଫଳତା କେବଳ ଉନ୍ନତ ମାନ୍ୟତା ପାଇଁ ନୁହେଁ ବରଂ ବିଶ୍ୱ ବ୍ୟବସ୍ଥାରେ ଭାରତର ଭୂମିକାକୁ ପ୍ରତିପାଦିତ କରିପାରିଛି। ୨୦୧୫ରୁ ୨୦୧୮ ମଧ୍ୟରେ ଇଜ୍ ଅଫ୍ ଡୁଇଂ ବିଜନେସ୍ ସୂଚକାଙ୍କରେ ୪୨ ସ୍ଥାନ ଉପରକୁ ଉଠି ଭାରତ ନିଜକୁ ନିବେଶ ଅନୁକୂଳ ଗନ୍ତବ୍ୟ ସ୍ଥଳ ଭାବେ ସ୍ଥାନିତ କରିଛି, ଯେଉଁଥିରେ କମ୍ ଅନୁପାଳନ ଏବଂ ଅଧିକ ସୁଯୋଗ ରହିଛି। ସେହିଭଳି ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ଭାରତ ୨୦୧୪ରେ ୭୧ତମ ସ୍ଥାନରେ ଥିବା ବେଳେ ୨୦୧୮ରେ ୩୯ତମ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୨୨ରେ ଭାରତର ବିମାନ ଚଳାଚଳ ନିରାପତ୍ତା ତଦାରଖ ବ୍ୟବସ୍ଥା ଚୀନ, ଇସ୍ରାଏଲ ଓ ଡେନମାର୍କ ଭଳି ଦେଶକୁ ପଛରେ ପକାଇ ୧୦୨ତମ ସ୍ଥାନରୁ ୪୮ତମ ସ୍ଥାନରେ ପହଞ୍ଚିଛି। ଏହି ମାଇଲଖୁଣ୍ଟ ଗୁଡିକ ଏହାର ବିଶ୍ୱସ୍ତରୀୟ ସ୍ଥିତି ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ସୁଦୃଢ଼ କରିବା ପାଇଁ ଭାରତର ନିରନ୍ତର ପ୍ରୟାସର ପ୍ରମାଣ।

# ନୂଆବର୍ଷରେ ଝଲସିବ ସମଲେଇ ପୀଠ



**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ନୂଆବର୍ଷରେ ନୂଆରୁପରେ ଝଲସିବ ସମ୍ବଲପୁର ମହାନଦୀ କୂଳ। ବନ୍ଦ ଥିବା ମହାନଦୀ ଆଳତି ପୁଣି ଆରମ୍ଭ ହେବ। ପୁଣି ଅନୁଭଓ୍ୱ ହେବ ଦିବ୍ୟ ପରିବେଶ। ମାଆ ସମଲେଇଙ୍କ ମାହାତ୍ମ୍ୟ ପର୍ଯ୍ୟଟକ ଜାଣିବେ। ନୂଆବର୍ଷରେ ସମଲେଇ ପ୍ରକଳ୍ପ ଅଧୀନରେ ମହାନଦୀ ଆଳତି କରାଯିବ । ମହାନଦୀ ଘାଟରେ ମହାଆଳତି । ସମଲେଇ ପୀଠରେ ଝଲସିବ ସଂସ୍କୃତିର ଝଲକ। ମହାନଦୀ କୂଳରେ ବନ୍ଦ ଥିବା ଆଳତି ପୁଣି ଆରମ୍ଭ ହେବାକୁ ଯାଉଛି। ସମଲେଇ ପ୍ରକଳ୍ପ ଅଧୀନ ମହାନଦୀ ଘାଟରେ ନୂଆବର୍ଷରେ ସବୁ ସନ୍ଧ୍ୟାରେ ନୂଆରୂପରେ ଆଳତୀ ପାଇଁ ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି । ଘଣ୍ଟଘଣ୍ଟାରେ ଝଙ୍କୁରିତ ହେବ ମହାନଦୀ କୂଳ। ଏନେଇ ସବୁ ପ୍ରସ୍ତୁତି ସରିଥିବା ବେଳେ ପୂଜକଙ୍କୁ ମଧ୍ୟ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି । ଏଥର ମହାନଦୀ ଆଳତି ସମୟରେ ସମ୍ବଲପୁରୀ ଭାଷାରେ ସମଲେଇ ଭଜନ ବାଜିବ। ମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ମହାନଦୀ ବନ୍ଦନା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଭଳି ଆୟୋଜନ ଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ଆଶା କରାଯାଇଛି । ପୁଣି ମହାନଦୀ ଆଳତୀ ଆରମ୍ଭ ନେଇ ସୂଚନା ମିଳିବା ପରେ ସମ୍ବଲପୁରବାସୀଙ୍କ ମନରେ ଉତ୍ସାହ ଦେଖାଦେଇଛି ।

# ସାହୁ ଭାଉଜଙ୍କ ନାଁରେ ମାମଲା:ଫସିଲେ ଆଇଆଇସି



**ମାଲକାନଗିରି,୩୦।୧୨ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲା ସଦର ବ୍ଲକ କତାମେଟାରେ ଶନିବାର ଶ୍ରୀକ୍ଷେତ୍ର ଅପେରା ଯାତ୍ରା କରୁଥିବା ବେଳେ ଜଣେ ଅଶ୍ଳୀଳ ନୃତ୍ୟ ଆଧାରରେ ଜଣେ ଆଇଟମ୍ ଗର୍ଲଙ୍କ ନାମରେ ମାଲକାନଗିରି ପୋଲିସ ନିଜଆଡୁ ମାମଲା ନଂ (୭୨୧/୨୪)ରୁଜୁ କରିଛି। ସେହିପରି ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ମଧ୍ୟ ସୋମବାର ତାଙ୍କ ବିରୋଧରେ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କତାମେଟାରେ ଶ୍ରୀକ୍ଷେତ୍ର ଅପେରାରେ ଶନିବାର ନାଟକ ଆରମ୍ଭ ପୂର୍ବରୁ ସାହୁ ଭାଉଜ ନାମରେ ପରିଚିତ ଭାଗ୍ୟଶ୍ରୀ ସାହୁ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅପେରା ଦେଖିବା ପାଇଁ ଶହ ଶହ ମହିଳା ପୁରୁଷ ପରିବାର ସହ ଏଠାରେ ଉପସ୍ଥିତ ଥିଲେ। ଏହି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ଲୋକେ ନିନ୍ଦା କରିବା ସହ ଏହାଦ୍ୱାରା ଓଡିଶାରେ ଅପେରାରମାନ ହ୍ରାସ ପାଉଥିବା କହିଥିଲେ। ଏ ସମ୍ପର୍କରେ ମାଲକାନଗିରି ଥାନାରେ ଭାଗ୍ୟଶ୍ରୀ ସାହୁ ଓରଫ ସାହୁ ଭାଉଜ, ଶ୍ରୀ କ୍ଷେତ୍ର ଅପେରା ଓ କତାମେଟା ଯାତ୍ରା କମିଟି ଆୟୋଜକଙ୍କ ନାମରେ ପୋଲିସ ନିଜଆଡୁ ମାମଲା ରୁଜୁ କରିଛି। ଏହାସହ ଅଶ୍ଳୀଳ ଦୃଶ୍ୟକୁ ଉପଭୋଗ କରୁଥିବା ଅଭିଯୋଗରେ ସମ୍ପୃକ୍ତ ଥାନା ଆଇଆଇସିଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

# ବର୍ଷର ଅନ୍ତିମ ମନ୍ କୀ ବାତ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଚଳିତ ବର୍ଷର ଅନ୍ତିମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଗତ ରବିବାର ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍ଥାପୁର ଗ୍ରାମପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜେପି ରାଜ୍ୟ ଉପସଭାପତି ଶ୍ରୀଯୁକ୍ତ ଗୋଲକ ମହାପାତ୍ର ଯୋଗଦେଇ କାର୍ଯ୍ୟକର୍ତ୍ତା ଏବଂ ଶତାଧିକ ସ୍ଥାନୀୟ ଲୋକଙ୍କ ସହ ମୋଦିଜୀ ଙ୍କ ଉଦବୋଧନ ଶୁଣିବା ସହ ଡବଲ ଇଞ୍ଜିନ ସରକାରର ଜନକଲ୍ୟାଣକାରୀ ଯୋଜନା ଗୁଡିକ ସମ୍ବନ୍ଧରେ ଲୋକ ମାନଙ୍କୁ ଅବଗତ କରାଇଥିଲେ।କାର୍ଯ୍ୟକ୍ରମର ଶେଷରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ବିଷୟରେ ମାନନୀୟ ପ୍ରଧାନମନ୍ତ୍ରୀ କହିଥିବା କଥାକୁ ଶ୍ରୀ ମହାପାତ୍ର ଜନତାଙ୍କୁ ବୁଝାଇବା ସହ ଓଡିଶାରେ ବିଜେପି ସରକାରଙ୍କ କାର୍ଯ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସତ୍ୟମ ଶୁଭମ ଆଚାର୍ଯ୍ୟଙ୍କ ନେତୃତ୍ୱରେ କିରଣ କୁମାର ଭୋଇ ଏବଂ ଚନ୍ଦ୍ରଶେଖର ଙ୍କ ସହଯୋଗ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଭାଜପା ଉପସଭାପତି ମାଗୁଣି ସେଠି, ସଞ୍ଜୟ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଓଝା, ଶୁଭ୍ରଜିତ ଦାଶ, ପ୍ରତାପ ପ୍ରମୁଖ ଉପସ୍ଥିତ ରହିଥିଲେ।

# କ୍ୱାର୍ଟର୍ସ ନମିଳିଲେ ଅନଶନ ପାଇଁ ଚେତାବନୀ

**କଟକ,୩୦।୧୨ (ସଂଚାର ବ୍ୟୁରୋ):** କ୍ୱାର୍ଟର୍ସ ନମିଳିଲେ ଅନଶନ କରିବେ ବିଧାୟକ । ବିଷମ କଟକ ବିଧାୟକ ନୀଳମାଧବ ହିକକା ଏଭଳି ଧମକ ଦେଇଛନ୍ତି । ବିଧାୟକ ଭାବେ ନିର୍ବାଚନ ହେବାରେ ୬ ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ନୀଳମାଧବଙ୍କୁ ମିଳିନାହିଁ ସରକାରୀ କ୍ୱାର୍ଟର । ଯାହାକୁ ନେଇ ଅସନ୍ତୋଷ ଝାଡ଼ିବା ସହ ଗୁରୁତର ଅଭିଯୋଗ ମଧ୍ୟ ଆଣିଛନ୍ତି । କଂଗ୍ରେସ ବିଧାୟକ ବୋଲି ସରକାର ତାଙ୍କୁ ହେୟଜ୍ଞାନ କରୁଥିବା ଅଭିଯୋଗ କରିଛନ୍ତି। ଜଣେ ବିଧାୟକ ଭାବେ ସେ ଅତିଥି ଭବନ ଓ ହୋଟେଲରେ ରହିବାକୁ ବାଧ୍ୟ ହେଉଛନ୍ତି । ବିଧାୟକ କ୍ୱାର୍ଟର ୩/୧ ତାଙ୍କୁ ଆଲର୍ଟ ହୋଇଥିଲେ ବି ଏପର୍ଯ୍ୟନ୍ତ ସେହି କ୍ୱାର୍ଟରରେ ତାଙ୍କୁ ରହିବାକୁ ମିଳିନାହିଁ। ଉକ୍ତ କ୍ୱାର୍ଟର ଜିତୁ ମିତ୍ରଙ୍କ ନାଁରେ ରହିଛି । କିନ୍ତୁ ସେଠାରେ ରାଜ୍ୟସଭା ସାଂସଦ ମୁନା ଖାଁ ରହୁଥିବା ଅଭିଯୋଗ କରିଛନ୍ତି ନୀଳମାଧମ ହିକକା । ସାଂସଦ ଘର ଛାଡୁନଥିବା ବେଳେ ଅନ୍ୟପଟେ ବିଧାୟକଙ୍କ ବାପା-ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଛି । ଏପରି ସ୍ଥିତି ଆଉ କେତେ ଦି ଅତିଥି ଭବନରେ ରହିବେ ବୋଲି ପ୍ରଶ୍ନ କରିଛନ୍ତି ବିଷକ କଟକ ବିଧାୟକ ।

# ଡବଲ ଡେକର ବସ୍‌ରେ ଓଡ଼ିଶାର କଳା ଓ ସଂସ୍କୃତିର ଛାପ



**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ଇଏ ହେଉଛି ଇଲେକ୍ଟ୍ରିକ ଡବଲ ଡେକର ବସ୍। ଯେଉଁଥିରେ ରହିଛି ଓଡ଼ିଶାର କଳା ଓ ସଂସ୍କୃତିର ଛାପ। ଏହି ବସ୍ ଦିନେ ବା ଦୁଇ ଦିନ ଭିତରେ ଭୁବନେଶ୍ୱରରେ ପହଞ୍ଚିବ। ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ଗଡ଼ିବ ଡବଲ ଡେକର୍ ବସ୍। ପ୍ରଥମେ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବାକୁ ଆସିଥିବା ଅତିଥିମାନେ ବସିବେ। ଏନେଇ ଏନେଇ (କ୍ରୁଟ୍) ପକ୍ଷରୁ ସୂଚନା ଦିଆଯାଇଛି। କଟକ-ଭୁବନେଶ୍ୱର-ପୁରୀ ମଧ୍ୟରେ ଚାଲିବ ଇଲେକ୍ଟ୍ରିକ ଡବଲ ଡେକର ବସ୍। ୫ଟି ବସ୍ କ୍ରୁଟ୍ ଆଣିବେ ରାଜ୍ୟ ସରକାର। ମୁମ୍ବାଇର ଏକ ସଂସ୍ଥା ଏହି ବସ୍ ତିଆରି କରୁଛି। ପ୍ରଥମ ପର୍ଯ୍ୟାୟରେ ୨ଟି ବସ୍ ଆସୁଛି। ପରବର୍ତ୍ତୀ ସମୟରେ ଅନ୍ୟ ୩ଟି ବସ୍ ଆସିବ ବୋଲି ଜଣାପଡ଼ିଛି। ଗେରୁଆ ରଙ୍ଗରେ ତିଆରି ହୋଇଥିବା ଏହି ବସ୍‌ରେ ରହିଛି ଓଡ଼ିଶା କଳା ଓ ସଂସ୍କୃତି ଛାପ। ବସ୍‌ରେ କୋଣାର୍କ ଚକ, ଧୌଳି ଶାନ୍ତିସ୍ତୁପ, ଗୋଟିପୁଅ ନୃତ୍ୟ ଓ ଅନ୍ୟାନ୍ୟ କଳାକୃତିର ଛାପ ରହିଛି। ନିର୍ମାଣ କାର୍ଯ୍ୟ ସରିଥିବା ୨ଟି ଇଲେକ୍ଟ୍ରିକ ଡବଲ ଡେକର ବସ୍ ମୁମ୍ବାଇରୁ ଭୁବନେଶ୍ୱର ଅଭିମୁଖେ ବାହାରି ସାରିଲାଣି। ଇତି ମଧ୍ୟ ୪୦୦ କିମି ଅତିକ୍ରମ କରି ସାରିଲାଣି। ବସ୍ ନିର୍ମାଣ କରୁଥିବା ସଂସ୍ଥାର ଚାଳକମାନେ ବସ୍ ନେଇ ଆସୁଛନ୍ତି। ଦିନେ ବା ଦୁଇ ଦିନରେ ବସ୍ ଗୁଡ଼ିକ ଭୁବନେଶ୍ୱରରେ ପହଞ୍ଚିବ। ବସ୍ ଗୁଡ଼ିକ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ଟ୍ରାଏଲ୍ ରନ୍ କରାଯିବ।

# ପ୍ରବାସୀ ଭାରତୀୟ ଦିବସ ନଜର ପଡ଼ିବ ମାଂସ ଦୋକାନ

**ଭୁବନେଶ୍ୱର,୩୦।୧୨:** ପ୍ରବାସୀ ଭାରତୀୟ ଦିବସ ପାଇଁ ରାଜଧାନୀ ସଜେଇ ହେଉଥିବାବେଳେ ପ୍ରବାସୀମାନଙ୍କ ନଜରରେ ଯେଭଳି ସହରର ଉଠାଦୋକାନୀ, ଅଳିଆ ଆବର୍ଜନା ଆଦି ନପଡେ ସେଥିପାଇଁ ପ୍ରତିଦିନ ବିଭିନ୍ନ ସ୍ଥାନରେ ଉଚ୍ଛେଦ ଓ ସଫେଇ ଚାଲିଛି। ତେବେ ସହରରେ ଯେଭଳି ଭାବେ ଖୋଲା ମେଲାରେ ମାଂସ କଟା ଚାଲିଛି ତାହା ନିଶ୍ଚିତ ଭାବେ ପ୍ରବାସୀଙ୍କ ଆଖିରେ ପଡ଼ିବ ବୋଲି କୁହାଯାଉଛି। ରାଜଧାନୀର ପ୍ରମୁଖ ରାସ୍ତା ପାର୍ଶ୍ୱରେ ଥିବା ଉଠାଦୋକାନୀମାନଙ୍କୁ ବିଏମ୍‌ସି ହଟାଇବାରେ ଲାଗିଛି। ସେମାନେ ଯେଭଳି ପୂର୍ବ ସ୍ଥାନରେ ବସି ନପାରିବେ ସେଥିପାଇଁ ତୁରନ୍ତ ସେହି ସ୍ଥାନରେ ଖୁଣ୍ଟ ପୋତି ଦେଉଛି। ପ୍ରତିଦିନ ସେଠାରେ ଝାଡୁ ମାରିବା ସହିତ ବ୍ଲିଚିଂ ସିଞ୍ଚନ କରୁଛି। ତେବେ ସହରରର ରାସ୍ତାକଡରେ ଥିବା ମାଂସ ଓ ମାଛ ଦୋକାନୀଙ୍କୁ ହଟାଇବା ସେତେଟା ସହଜ ହେଉନାହିଁ। କାରଣ ସେମାନଙ୍କୁ ଅନ୍ୟ ସ୍ଥାନକୁ ଉଠାଇଲେ ସ୍ଥାନୀୟ ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ମାଛ ଓ ମାଂସ ବ୍ୟବସାୟୀମାନେ ସେହିସବୁ ସ୍ଥାନକୁ ପୂତି ଗନ୍ଧମୟ କରିଦେବେ। ଗନ୍ଧ ହେଲେ ସେଠାକାର ଲୋକ ବିରୋଧ କରିବେ। ତେଣୁ ସହରର ଯେଉଁସବୁ ସ୍ଥାନରେ ଖୋଲାମେଲାରେ ମାଂସା, ମାଛ ଆଦି ବିକ୍ରି ହେଉଥିଲା ତାହା ଜାରି ରହିଛି। ଯଦି କୌଣସି ପ୍ରବାସୀ ରାଜଧାନୀ ବୁଲି ବାହାରିବେ ଓ ସହରର ଗଳି କନ୍ଦିରେ ପଶିବେ ତେବେ ସେମାନଙ୍କ ନଜରରେ ନିଶ୍ଚିତ ଏହି ଦୃଶ୍ୟ ପଡ଼ିବ। ରାଜଧାନୀରେ ଏବେ ପ୍ରାୟତଃ ରାସ୍ତା କଡରେ ହିଁ ମାଂସ କଟା ହେଉଛି। ମହାନଗର ନିଗମର କଂସେଇଖାନାଟିଏ ନଥିବାରୁ ଯିଏ ଯେଉଁଠି ପାରୁଛି ଲୋକଙ୍କ ସାମ୍ନାରେ ବେଧଡକ ଭାବେ ଛେଳି କାଟିବାରେ ଲାଗିଛି। ଦେଢ କୋଟି ଟଙ୍କା ବ୍ୟୟରେ ବିଏମ୍‌ସି ନିର୍ମାଣ କରିଥିବା କଂସେଇଖାନାରେ ଗୋଟିଏ ହେଲେ ପଶୁବଧ ହୋଇନଥିବାବେଳେ ଟଙ୍କାସବୁ ଏକ ପ୍ରକାର ପାଣିରେ ପଡ଼ିଛି। ସେହିଭଳି ସହର ମଧ୍ୟସ୍ଥଳରେ ଥିବା ପାଇକାରୀ ମାଛ ହାଟକୁ ମଧ୍ୟ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ସହର ବାହାକୁ ଉଠାଯାଇ ପାରୁନାହିଁ। ଚାରିନମ୍ବର ଅଞ୍ଚଳରେ ଥିବା ଏହି ପାଇକାରୀ ମାଛ ହାଟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ କେବଳ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉନାହିଁ ଏକାଧିକ ମାଛବୁହା ଗାଡି ସ୍ଥାନୀୟ ଅଞ୍ଚଳରେ ଗୁରୁତର ଟ୍ରାଫିକ ସମସ୍ୟା ଉଠାଉଛନ୍ତି। (ତଥ୍ୟ)




# ମାତିଛନ୍ତି ଦନ୍ତା

**ଚମ୍ପୁଆ,୩୦।୧୨ (ସଂଚାର ବ୍ୟୁରୋ):** ରାତି ଅଧରେ ଦଳିଦେଲା ଦନ୍ତା, ଚମ୍ପୁଆ ରେଞ୍ଜ ବାଲି ବନ୍ଧ ସେକ୍ସନ ରେଭେନ୍ସାପୁର(ଖ) ଗ୍ରାମରେ ଏଭଳି ଅଘଟଣ ଘଟିଛି । ରଥ ମୁଣ୍ଡା ନାମକ ଜଣେ ବ୍ୟକ୍ତି ଘରୁ ବାହାରକୁ ଆସିଥିବା ବେଳେ ଦନ୍ତା ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ନୁଣଗୋଠାଣି ଗାଁ ଜଙ୍ଗଲରେରେ ୩୨ ଟିକିଆ ହାତୀ ପଲ ବୁଲୁଥିବା ବେଳେ ଏଥିରୁ ଗୋଟିଏ ଦନ୍ତାହାତୀ ଜନବସତି ମୁହାଁ ହୋଇ ଆତଙ୍କ ଖେଳାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେପଟେ କାମାକ୍ଷାନଗରରେ ମଧ୍ୟ ଦନ୍ତା ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି। ଆହତ ବ୍ୟକ୍ତିଙ୍କ ନାଁ ମହେଶ୍ୱର ବାରିକ। ହଠାତ ଜିରାଳ ଗାଁ ଭିତର ଦେଇ ବଜାରକୁ ପଶି ଆସିଥିଲେ ୨ଟି ଦନ୍ତାହାତୀ। ମହେଶ୍ୱର ଏହି ଦୁଇ ଦନ୍ତାହାତୀଙ୍କ ଆକ୍ରମଣରେ ଶିକାର ହୋଇ ଆହତ ହୋଇଛନ୍ତି। ବନବିଭାଗ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ହାତୀ ଦୁଇଟିକୁ ତଡ଼ିବାକୁ ଦାବି କରାଯାଇଛି।

# 'କଥାରେ ଗାଥାରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ ହେଉଛନ୍ତି ଅବଧ୍ୟ ରହସ୍ୟ ଓ ବିଚିତ୍ର ବିସ୍ମୟ। ତାଙ୍କର ଉତ୍ପତ୍ତି, ସ୍ଥିତି ଏବଂ ଦୈନନ୍ଦିନ ରୀତି ନୀତି ଅନୁଧ୍ୟାନ କଲେ ଗବେଷକ ମାନେ ଏବେ ମଧ୍ୟ ବିସ୍ମୟ ପ୍ରକାଶ କରନ୍ତି । ତାଙ୍କର ସମସ୍ତ ରହସ୍ୟ ଭକ୍ତ ମାନଙ୍କୁ ଆକର୍ଷିତ କରିଆସୁଅଛି। ଯାହା ଫଳରେ ବର୍ଷ ପରେ ବର୍ଷ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ହୋଇ ଚାଲିଛି। ଶ୍ରୀଜଗନ୍ନାଥଙ୍କ ଲୀଳା ମାଧ୍ୟମରେ କେବଳ ଓଡିଶା ନୁହେଁ ସମଗ୍ର ଭାରତ ବର୍ଷର ବିଭିନ୍ନ ରାଜ୍ୟ ଓ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଓ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଅଛି। ଶ୍ରୀଜଗନ୍ନାଥ ବିଶ୍ୱାବସୁ ଉଦିତ ଜଣ ଦେବତାରୁ ଆଜି ବିଶ୍ୱରୁ ଗଣ ଦେବତା ଭାବେ ଗଣାହୋଇ ବିଶ୍ୱ ଭାତୃତ୍ୱର ପ୍ରତୀକ ଭାବେ ପରିଚିତ ଲାଭ କରିଛନ୍ତି। ତାଙ୍କ ମୂର୍ତ୍ତିର ଗଠନ ଓ ପୂଜା ପାର୍ବଣ ବିଭିନ୍ନ ଧର୍ମର ସମନ୍ୱୟ ରୂପେ ପ୍ରତିପାଦିତ ହେଉଛି ବୋଲି ସଭାପତି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଥିଲେ। ମୁଖ୍ୟ ଅତିଥୁ ରାଜବୈଦ ଗୋପାଳ ଚନ୍ଦ୍ର ନନ୍ଦ ତୁଳସୀ ପତ୍ରର ଆଧ୍ୟାତ୍ମିକ ଗୁଣ ସଂପର୍କରେ ବର୍ଣ୍ଣନା କରି ତାଙ୍କ ଆସାମ ରହିବା ସମୟରେ ଗୋଟିଏ ମଠରୁ ପଞ୍ଚଦଶ ଶତାବ୍ଦୀରେ ପୋଥି ଉଦ୍ଧାର କରି ସଂସ୍କୃତରୁ ଅନୁବାଦ କରି ନାମ ମାଳିକା ପୁସ୍ତକ ପ୍ରକାଶନ ସଂପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଡ. ଅଲେଖ ଚନ୍ଦ୍ର ପଢିଆରୀ ଓଡିଆ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ପୁସ୍ତକରେ ବର୍ଣ୍ଣନା କରାଯାଇଥିବା ବିଷୟକୁ ବର୍ଣ୍ଣନା କରିଥିଲେ। ସମ୍ମାନୀତ ବକ୍ତା ଡ. ଅସିତ ମହାନ୍ତି ଚତୁର୍ଦ୍ଧା ମୂର୍ତ୍ତୀଙ୍କ ଗଠନ ଶୈଳୀକୁ ବର୍ଣ୍ଣନା କରି ଶ୍ରୀଜଗନ୍ନାଥ ଏକ ପ୍ରତୀକାତ୍ମକ ଦେବତା ଭାବେ ବର୍ଣ୍ଣନା କରିଥିଲେ। ସଭାରେ ପୀତବାସ ରାଉତରାୟ, ସଂପାଦିତ କଥାରେ ଗାଥାରେ ଶ୍ରୀଜଗନ୍ନାଥ ପୁସ୍ତକ ଅତିଥୁ ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ଅଳ୍ପ ବିଦ୍ୟା ଭୟଙ୍କରୀ- ଧର୍ମ, ଈଶ୍ୱର ଏବଂ ସତକର୍ମ ବା ସଦାଚାର ସମ୍ପର୍କରେ ଅନେକଙ୍କର ସଠିକ ଧାରଣା ନଥାଏ ବା ସ୍ୱଳ୍ପ ଜ୍ଞାନ ରହିଥାଏ। ଏହା ଅନେକ ସମ୍ପ୍ରୟରେ ବିଭ୍ରାନ୍ତି ସୃଷ୍ଟି କରିଥାଏ। କାରଣ ଆଦୌ ଜ୍ଞାନ ନରହିବା ବରଂ ଭଲ, କିନ୍ତୁ ଅଳ୍ପ ଜ୍ଞାନ ମଣିଷକୁ ବିପଥଗାମୀ କରାଇଥାଏ।

SANCHAR
ସଂଚାର

୪ ମଙ୍ଗଳବାର ୩୧ ଡିସେମ୍ବର ୨୦୨୪, ଭୁବନେଶ୍ୱର
Tuesday 31 December 2024 Bhubaneswar

# ରତ୍ନଭଣ୍ଡାର ସୁରକ୍ଷାକୁ ପ୍ରାଥମିକତା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ମରାମତି କାର୍ଯ୍ୟ ଶେଷ ହେବା ପରେ ସେଠାକୁ ମହାପ୍ରଭୁଙ୍କ ରତ୍ ଅଳଙ୍କାର ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସ୍ଥାନାନ୍ତରିତ କରାଯିବ। ଗତ ରଥଯାତ୍ରା ବେଳେ ରତ୍ନଭଣ୍ଡାର ଖୋଲାଯାଇ ଏସବୁ ରତ୍ନ ଅନ୍ୟତ୍ର ରଖାଯାଇଛି। ରତ୍ନଭଣ୍ଡାର ମରାମତି ପରେ ସେଠାକୁ ଏହା ପୁନର୍ବାର ଅଣାଯାଇ ଏହାର ଗଣତିମଣତି କରାଯିବ। ବାସ୍ତବରେ ମହାପ୍ରଅଭୁଙ୍କ ସମସ୍ତ ସମ୍ପତ୍ତି ସୁରକ୍ଷିତ ଅଛି କି ନାହିଁ ତାହା ଜଣାପଡ଼ିବ। ଦୀର୍ଘ ବର୍ଷ ହେବ ଏହାର ଗଣତି କରାଯାଇନାହିଁ। ପୁଣି ରତ୍ନଭଣ୍ଡାର ଚାବି ହଜିଛି। ଏହାର ରହସ୍ୟ ଆଜି ପର୍ଯ୍ୟନ୍ତ ଉନ୍ମୋଚିତ ହୋଇପାରିନି। ରତ୍ନଭଣ୍ଡାର ଚାବି କିଏ ହଜାଇଲା, କିପରି ହଜିଲା, ତାହାକୁ ଜାଣିଶୁଣି କିଏ ଉଦ୍ଦେଶ୍ୟମୂଳକ ଭାବେ ଗାଏବ କରିଛି କି ନାହିଁ ତାହା ଜାଣିବା ନିହାତି ଆବଶ୍ୟକ। ମହାପ୍ରଭୁଙ୍କ ଭକ୍ତମାନଙ୍କର ଏଥିଲାଗି ଅଧିକାର ରହିଛି। ଯଦି ଆବଶ୍ୟକ ପଡ଼େ ତେବେ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯିବା ଉଚିତ। ରତ୍ନଭଣ୍ଡାର ଖୋଲାଯିବା ବେଳେ ସେଠାରେ ଥିବା ଅନେକ ଆଲମୀରା କାଲି ପଡ଼ିଥିବା ଦେଖାଯାଇଥିଲା। ଏହା ସମ୍ପୂର୍ଣ୍ଣ ସନ୍ଦେହଜନକ। ଖୋଦ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଏହା ଉପରେ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ସନ୍ଦେହକୁ ଆହୁରି ଦୃଢ଼ କରିଛି। ତେଣୁ ଯେତେ ଶୀଘ୍ର ଏହାର ରହସ୍ୟ ଖୋଲିବ ଭକ୍ତମାନେ ସେତେ ଆଶ୍ୱସ୍ତ ହେବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିବା ପାଇଁ ନିର୍ବାଚନ ବେଳେ ବିଜେପି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସରକାର ଗଠନର ମାସକ ଭିତରେ ରତ୍ନଭଣ୍ଡାର ଖୋଲିବା ଲାଗି ସରକାର ପଦକ୍ଷେପ ନେଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେବା କଥା। ରତ୍ନଭଣ୍ଡାର ଖୋଲିବା ନିମନ୍ତେ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଗଲା। ପରିଚାଳନା କମିଟି ସହ ସମନ୍ୱୟ ରକ୍ଷା କରି ଏହି ୧୧ ଜଣିଆ କମିଟି ରତ୍ନଭଣ୍ଡାର ଖୋଲିବାକୁ ପଦକ୍ଷେପ ନେଲେ। କମିଟିରେ ସମାଜର ସବୁ ବର୍ଗର ପ୍ରତିନିଧି ରହିଛନ୍ତି। କିନ୍ତୁ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ହେତୁ ବହୁ ବିଳମ୍ବରେ ରତ୍ନଭଣ୍ଡାର ଖୋଲାଗଲା। ଗୁଣ୍ଡିଚା ଯାତ୍ରା ଭିତରେ ଏହା କୋଲାଯିବାର ଥିଲା। କିନ୍ତୁ ବାହୁଡ଼ା ପୂର୍ବଦିନ ରତ୍ନଭଣ୍ଡାର ଖୋଲାଗଲା। ଏହା ୮ ଦିନ ବିଳମ୍ବ ହୋଇଗଲା। ଯାହା ବି ହେଉ ରତ୍ନଭଣ୍ଡାର ଚାବି ବୋଲି ପ୍ରଶାସନ ପକ୍ଷରୁ ଯାହା ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିକୁ ଦିଆଗଲା ତାହା ବେକାର ହେଲା। ଏହି ଚାବିରେ ତାଲା ଖୋଲିଲାନି। ବାସ୍ତବରେ ଏହା ଅସଲି ଚାବି ଥିଲା କିମ୍ବା ଅନ୍ୟ କିଛି ଚାବି ଆଣି ଧରାଇ ଦିଆଗଲା ତାହା ଏକ ପ୍ରଶ୍ନବାଚୀ। ତାଲା ଭାଙ୍ଗି ୧୧ ଜଣିଆ କମିଟି ରତ୍ନଭଣ୍ଡାର ଭିତରକୁ ପ୍ରବେଶ କଲେ ସତ, ମାତ୍ର ରତ୍ନଭଣ୍ଡାର ଚାବି ହଜିବା ଏକ ରହସ୍ୟ ହୋଇ ସବୁ ଦିନ ପାଇଁ ରହିଗଲା। କୌଣସି ପ୍ରକାରେ ବାହାର ଏବଂ ଭିତର ରତ୍ନଭଣ୍ଡାରରେ ଥିବା ସମ୍ପଦକୁ ଶ୍ରୀମନ୍ଦିର ଭିତରେ ଥିବା ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଗଲା। କିନ୍ତୁ କାମ ସେତିକିରେ ଅଟକି ଯାଇଛି। ଏ ପର୍ଯ୍ୟନ୍ତ ଅଳଙ୍କାର ଗଣତି ହୋଇନାହିଁ। ଗଣତି ପୂର୍ବରୁ ପ୍ରଥମେ ରତ୍ନଭଣ୍ଡାରକୁ ମରାମତି କରାଯାଉଛି। ରତ୍ନଭଣ୍ଡାର ମରାମତି ଏବଂ ଗଣତି ମଣତି କାହିଁକି ଏକସଙ୍ଗେ ଚାଲିପାରିବ ନାହିଁ ତାହା ବିସ୍ମୟଜନକ। ଉଭୟ ସ୍ଥାନ ଭିନ୍ନ, ଲୋକ ଭିନ୍ନ। ରତ୍ନଭଣ୍ଡାର ଖୋଲାଯିବା ପରେ ମହାପଭୁଙ୍କ ସମ୍ପଦ ସବୁ ଠିକ ଅଛି କି ନାହିଁ ତାହା ଜାଣିବାକୁ ରାଜ୍ୟବାସୀ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି। କିନ୍ତୁ ରତ୍ନଭଣ୍ଡାର କମିଟି ଏଥିଲାଗି ଦିନ ଗଡ଼ାଇ ଚାଲୁଛି। ଏବେ ଜଷ୍ଟିସ ବିଶ୍ୱନାଥ ରଥ ଯାହା କହିଛନ୍ତି ତାହା ସନ୍ଦେହକୁ ଆହୁରି ବଢ଼ାଇ ଦେଇଛି। ଜଷ୍ଟିସ ରଥ କହିଛନ୍ତି ଯେ, ଭିତ ରତ୍ନଭଣ୍ଡାରକୁ ଯିବା ବେଳେ ସେଥିରେ ଲାଗିଥିବା ୩ଟି ତାଲା ମଧ୍ୟରୁ କେବଳ ଗୋଟିଏକରେ ସିଲ ଥିଲା। ବାକି ୨ଟିରେ ସିଲ ନଥିଲା। ଭିତର ରତ୍ନଭଣ୍ଡାରରେ ଥିବା ସିନ୍ଦୁକ ଓ ଆଲମୀରା ମଧ୍ୟରୁ କେତେକ ଖୋଲାଥିଲା। ଏହା କିପରି ସମ୍ଭବ ହେଲା? ଏତେ ମୂଲ୍ୟବାନ ସାମଗ୍ରୀକୁ କିପରି ଏଭଳି ଖାମଖିଆଲି ଭାବେ ଛାଡ଼ି ଦିଆଯାଇଥିଲା? ଭିତରେ ସବୁ ସୁରକ୍ଷିତ ଅଛି କି ନାହିଁ, ତାହା ସନ୍ଦେହରେ। ଗଣତି ମଣତି ପରେ ଏହା ସ୍ପଷ୍ଟ ହେବ। ଏହା କହିଁକି ବିଳମ୍ବ ହେଉଛି ତାହା ବିସ୍ମୟଜନକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ଅମୂଲ୍ୟ ସାମଗ୍ରୀ ସବୁ ସୁରକ୍ଷିତ ଅଛି କି ନାହିଁ ସେଥିନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହା ଆଉ ଏକ ବଡ଼ ରହସ୍ୟ। ଏ ରହସ୍ୟ ଶୀଘ୍ର ଉନ୍ମୋଚିତ ହେବା କଥା। ସରକାରୀ ଫାଇଲ ଗୋଟିଏ ଟେବଲରୁ ଅନ୍ୟ ଗୋଟିଏ ଟେବଲକୁ ଯିବାକୁ ଯେପରି ମାସ ମାସ ଲାଗିଯାଏ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲିବା ଏବଂ ଗଣତି ମଣତିକୁ ସେମିତି ଅନେକ ଦିନ ଲାଗିଯାଉଛି। ଏହାର କୌଣସି କାରଣ ନାହିଁ। ରତ୍ନଭଣ୍ଡାର ଖାଲି ଖୋଲି ଦେଲେ ହେବ ନାହିଁ। ଏଥିଲାଗି ସରକାର ବାହାବା ନେବାର କାରଣ ନାହିଁ। ରତ୍ନଭଣ୍ଡାର ରହସ୍ୟ ସମ୍ପୂର୍ଣ୍ଣ ଉନ୍ମୋଚିତ ନହେବା ପର୍ଯ୍ୟନ୍ତ ଏବଂ ଲୋକଙ୍କ ମନରୁ ସନ୍ଦେହ ସମ୍ପୂର୍ଣ୍ଣ ଦୁର ନହେବା ଯାଏଁ ଏହି ଅପରେସନ ସମ୍ପୂର୍ଣ୍ଣ ହୋଇଛି ଏବଂ ସଫଳ ହୋଇଛି ବୋଲି କୁହାଯାଇପାରିବ ନାହିଁ।

# ବିକଶିତ ଓଡ଼ିଶା ଓ ୨୦୨୪ର ନବକଳେବର



ସତ୍ୟ ମହାପାତ୍ର

ଓଡ଼ିଶାରେ ସରକାରଙ୍କ ଢ଼ାଞ୍ଚା ବଦଳିଲା କହିବାକୁଗଲେ ୨୦୨୪ ବର୍ଷର ପାରମ୍ପରିକ ଶଗଡ଼ ଗୁଳାରୁ ପ୍ରଶାସନ ବାହାରିଲା। ବିକଶିତ ଓଡ଼ିଶାର ସ୍ୱପ୍ନ ନେଇ ନୂଆ ରାସ୍ତାରେ ଓ ନୂଆ ସମ୍ଭାବନାର ଦିଗରେ ଆଗକୁ ବଢ଼ିଲେ ନୂଆ ସରକାର। ସବୁଠି ନୂତନତ୍ୱର ଛାପ ଦେଖାଯିବା ସହ ପଞ୍ଚାୟତ ଠାରୁ ସଚିବାଳୟ ସବୁଠି ପରିବର୍ତ୍ତନର କଡ଼ ଲେଉଟିଲା। ବିଜେପିର ଡବଲ ଇଞ୍ଜିନ ସରକାର ସକ୍ରିୟ ହେବା ପରେ ବାବୁରାଜ ବ୍ୟବସ୍ଥା ହଟିବା ପରେ ନିର୍ବାଚିତ ଜନପ୍ରତିନିଧିଙ୍କ ହାତକୁ ଆସିଲା ଶାସନର ଡ଼ୋରି। ଜୁନ ୪ରେ ନିର୍ବାଚନ ଫଳ ବାହାରିବା ପରେ ଜୁନ ୧୨ରେ ମୋହନ ସରକାର ଶପଥ ନେବା ପରେ ଅଭିଜ୍ଞ ଓ ଯୁବ ଟିମକୁ ନେଇ ମୋହନ ସରକାରଙ୍କ ନୂଆ ମନ୍ତ୍ରୀମଣ୍ଡଳ ଶପଥ ନେଲା। ତତ୍କାଳ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲା ହେବା ପରେ ପରେ ପ୍ରତିଶ୍ରୁତି ପାଳନ ପାଇଁ କଷ୍ଟକର ଦାୟିତ୍ୱ ନିର୍ବାହରେ ଲାଗି ପଡ଼ିଲେ ସରକାର। ମହିଳାଙ୍କ ପାଇଁ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା ଠାରୁ ଚାଷୀ ମୁହଁରେ ହସ ପାଇଁ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ହେଲା। ଓଡ଼ିଶାର ଡବଲ ଇଞ୍ଜିନ ସରକାର ବାର୍ଦ୍ଧକ୍ୟ ଭତ୍ତା ରାଶି ବଢ଼ାଇବା ସହ ନୂଆ ନିଯୁକ୍ତିର ବାଟ ଖୋଲିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତର ବିକାଶ ପୁରୁଷ ଓ ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋକସରେ ରହିଲା ଓଡ଼ିଶା। କେନ୍ଦ୍ରରୁ ପର୍ଯ୍ୟାପ୍ତ ଅନୁଦାନ ଓ ସହଯୋଗ ପାଇବା ପରେ ତୀବ୍ର ବେଗରେ ରାଜ୍ୟ ପ୍ରଶାସନ ଚଳଚଞ୍ଚଳ ଓ ଧାବମାନ ହେଲା। କେନ୍ଦ୍ର ସରକାରଙ୍କ ହାତ ଧରି ବିକାଶ ପଥରେ ଓଡ଼ିଶା ଆଗେଇବା ସହ ନୂଆ ସରକାରରେ ଶାସନ ମୁଖ୍ୟ ମୁଖ୍ୟମନ୍ତ୍ରୀ ଆଉ ସାଧାରଣ ଜନତାଙ୍କ ଭିତରେ ଥିବା ସବୁ ଦୂରତା ଦୂର ହୋଇଗଲା। ସାଧାରଣ ଲୋକଟିର ସୁଖଦୁଃଖରେ ଭାଗୀ ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ସବୁବେଳେ ଖୋଲା ରହିଲା। ଲୋକମତକୁ ନେଇ ଚାଲିଥିବା ମୋହନ ସରକାର ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ବିକାଶର ଏକ ପ୍ରକାର ନବକଳେବର କରିଲେ ଏହା ଅନ୍ୟଥା ହେବନି।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଚାଷବାସର ମୁଖ୍ୟ ଅବଲମ୍ବନ କୁହାଯାଉଥିବା ଧାନକୁ ନେଇ ସର୍ବଦା ଚାଷୀକୁଳ ଘୋର ନୈରାଶ୍ୟରେ ରହୁଥିଲେ। ଭୋଟ ବେଳେ ଯାହା କହିଥିଲେ, ସରକାରକୁ ଆସିଲା ପରେ ତାହା କରି ଦେଖାଇଲେ। ନିର୍ବାଚନ ପ୍ରତିଶ୍ରୁତି ପାଳନ କରି ଚଳିତ ଖରିଫ ଋତୁରୁ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଦେଇଛନ୍ତି ସରକାର। ଏଥିପାଇଁ ଡିସେମ୍ବର ୮ରେ ବରଗଡ଼ ଜିଲ୍ଲା ସୋହେଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକଙ୍କୁ ଧାନର କୁଇଣ୍ଟାଲ ପିଛା ଅତିରିକ୍ତ ୮ଶହ ଟଙ୍କା ଇନପୁଟ ସବସିଡି ପ୍ରଦାନ ଶୁଭାରମ୍ଭ କରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁସାରେ ଚାଷୀଙ୍କ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୨୩ଶହ ଟଙ୍କା ମିଳୁଥିଲା। ଏହା ସହ ଅତିରିକ୍ତ ୮ଶହ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଇବା ଭଳି ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ମୋହନ ସରକାର।

ଓଡ଼ିଶାରେ ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସୁଭଦ୍ରା ଯୋଜନାକୁ ପ୍ରଭାବୀ ଓ ସଶକ୍ତ କରିଛନ୍ତି। ନିର୍ବାଚନରେ ଗେମ ଚେଞ୍ଜର ପାଲଟିଥିଲା ସୁଭଦ୍ରା ଯୋଜନା। ମହିଳାଙ୍କୁ ଫୋକସରେ ରଖି ବିଜେପି ଇସ୍ତାହାରରେ ଘୋଷଣା କରିଥିବା ଏହି ଯୋଜନା ନିର୍ବାଚନରେ ବଡ଼ ପ୍ରଭାବ ପକାଇଥିଲା। ମହିଳାଙ୍କୁ ୫୦ ହଜାର ଟଙ୍କା କ୍ୟାସ ଭାଉଚର ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏ ପ୍ରତିଶ୍ରୁତିକୁ ଭରସା କଲେ ରାଜ୍ୟବାସୀ। ନିର୍ବାଚନରେ ବିଜେପି ବହୁମତ ପାଇ ସରକାର ଗଢ଼ିଥିଲା। ସୁଭଦ୍ରା ଲାଗୁ କରିବାକୁ ନୂଆ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଥିଲେ। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପିର ଫ୍ଲାଗସିପ ଯୋଜନା ସୁଭଦ୍ରାର କଲେ ଶୁଭାରମ୍ଭ। ସେହି ଦିନ ୧୦ ଲକ୍ଷ ମହିଳାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ପଠାଯାଇଥିଲା। କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ। ଏହି ଯୋଜନାରେ ସାମିଲ ହେବାକୁ ମହିଳାଙ୍କ ଭିତରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ପ୍ରଥମ କିସ୍ତିରେ ଏଯାବତ ପ୍ରାୟ ୮୦ ଲକ୍ଷ ମହିଳାଙ୍କୁ ୫ ହଜାର ଟଙ୍କା ଲେଖାଏଁ ମିଳିସାରିଛି। ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସରେ ସରକାର ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ବାଣ୍ଟିବେ। ଏହି ଯୋଜନା ବର୍ତ୍ତମାନ ଏକ ମଡ଼େଲ ପାଲଟିଛି। ଏ ସବୁ ଭିତରେ ନୂଆ ସରକାରଙ୍କ ପାଇଁ ଆସିଥିବା ପ୍ରଥମ ବାତ୍ୟା ଦାନାକୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ମୁକାବିଲା କଲେ। ନୂଆ ସରକାର ପାଇଁ ପ୍ରଥମ ପରୀକ୍ଷା ରୂପରେ ଆସିଥିଲା ବାତ୍ୟା 'ଦାନା'। ହେଲେ ଦମ୍ଭର ସହ ଦାନା ବାତ୍ୟାକୁ ମୁକାବିଲା କଲେ ମୋହନ ସରକାର। ବାତ୍ୟାର ଯଥେଷ୍ଟ ପୂର୍ବରୁ ୮ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ନେଇ ଆସିଥିଲେ ସରକାର। ବାତ୍ୟା ପ୍ରକୋପ କମିବା ମାତ୍ରେ ଆରମ୍ଭ ହୋଇଗଲା ତତ୍କାଳ କ୍ଷତି ପୂରଣ ସର୍ଭେ ହେଲା। ସର୍ଭେ ସରିବା ମାତ୍ରେ କ୍ଷତିପୂରଣ ରାଶି ବାଣ୍ଟିଲେ। ବଡ଼କଥା ହେଲା, ଜିରୋ କାଜୁଆଲିଟି ମିଶନରେ ମୋହନ ସରକାର ଶତ ପ୍ରତିଶତ ସଫଳ ହେଲେ।

ପୁରୁଣା ଢ଼ାଞ୍ଚାରେ ନଚାଲି ଓଡ଼ିଆ ଭାଷାରେ ହିଁ ଓଡ଼ିଆ ଶାସନ ଆରମ୍ଭ ହେଲା। ଯାହାକୁ ନେଇ କେବଳ ଭାଷାବିତମାନେ ନୁହେଁ କୋଟି କୋଟି ଓଡ଼ିଆଙ୍କ ଦୀର୍ଘଦିନର ଦାବୀ ରହିଥିଲା। ଯାହା କରୁଛ କର, ସରକାରୀ ଚିଠିପତ୍ର ଏଣିକି ଓଡ଼ିଆ ଭାଷାରେ ହିଁ ହେବ। ନୂଆ ସରକାର ଆସିବା ପରେ ଜାରି ହେଲା ଏମିତି ଫତୱା। ଓଡ଼ିଆ ଭାଷାରେ ଶାସନକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜୋର ଦେଲା। ସମସ୍ତ ବିଭାଗ ଓଡ଼ିଆ ଭାଷାରେ ଯେଉଁ ଦରଖାସ୍ତ କିମ୍ବା ଚିଠି ପାଇଥିବେ, ତାହାର ଫଇସଲା କରି ଆବେଦନକାରୀଙ୍କୁ ଓଡ଼ିଆ ଭାଷାରେ ଜଣାଇବେ। ସରକାରୀ ଭାବେ ବ୍ୟବହାର ହେଉଥିବା ସମସ୍ତ ନିମନ୍ତ୍ରଣ ପତ୍ର, ନାମ ଫଳକ ଓଡ଼ିଆ ଭାଷା କିମ୍ବା ଉଭୟ ଓଡ଼ିଆ ଓ ଇଂରାଜୀରେ ଛପା ହେଲା। ବିଧାନସଭାରେ ଉପସ୍ଥାପିତ ସମସ୍ତ ବିଲ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ ଜାରି ସହ ଅନେକାଂଶରେ କାର୍ଯ୍ୟକାରୀ ହୋଇଛି। ମନ୍ତ୍ରୀମଣ୍ଡଳ ବୈଠକର ଚିଠା, କ୍ୟାବିନେଟ ସ୍ମାରକପତ୍ର, ସମୀକ୍ଷା ବୈଠକ ବିବରଣୀ ଓଡ଼ିଆରେ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଲୋକାୟୁକ୍ତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି।

ନୂଆ ସରକାର ପରେ ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ନୂଆ ଢ଼ାଞ୍ଚାରେ ନବକଳେବର ହେଲା। ନୂଆ ସରକାର। ନୂଆ ପ୍ରଶାସନିକ ଟିମ। ସରକାର ଓ ପ୍ରଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରଶାସନରେ ନବକଳେବର କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନୂଆ ମୁଖ୍ୟ ଶାସନ ସଚିବ ଭାବେ ମନୋଜ ଆହୁଜାଙ୍କୁ ବାଛିଲେ। ପୁଲିସ ବିଭାଗ ମୁଖିଆ ଭାବେ ୱାଇ ବି ଖୁରାନିଆ ହେଲେ ସରକାରଙ୍କ ପସନ୍ଦ। ସରକାର ଓ ଶାସନ ବ୍ୟବସ୍ଥାକୁ ଅଧିକ ଚଳଚଞ୍ଚଳ କରିବାକୁ ମୁଖ୍ୟମନ୍ତ୍ରୀ ଜୋର ଦେଲେ। ଆନ୍ତଃ କ୍ୟାଡ଼ର ଡେପୁଟେସନରେ ଓଡ଼ିଶା ସରକାରରେ ଯୋଗ ଦେଲେ ଆଇଏଏସ ମନୋଜ କୁମାର ସାହୁ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାର ତୁଲାଇଲେ। ବର୍ଷ ଶେଷକୁ ମୁଖ୍ୟ ସଚିବ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ିଛି। ଓଡ଼ିଶା ବୋଇଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ପରିଚୟ। କୋଟି କୋଟି ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଆଗମନ କରିଥାନ୍ତି। ତେଣୁ ନୂଆ ରୂପ ନେଲା ଶ୍ରୀମନ୍ଦିର ଚୌହଦୀ। ନବୀନ ସରକାର ଅମଳରେ ଆରମ୍ଭ ହୋଇଥିବା ଏହି ମେଗା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ହୋଇଥିଲା ୨୦୨୪ ଜାନୁଆରୀ ୧୭ରେ। ୮୦୦କୋଟି ବ୍ୟୟରେ ନିର୍ମିତ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ବ୍ୟାପକ ଆୟୋଜନ ହୋଇଥିଲା। ସାରା ଦେଶରୁ ଧାର୍ମିକ ଲୋକଙ୍କ ସମାଗମ ହୋଇଥିଲା। ନୂଆ ସରକାର ଆସିବା ପରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଭକ୍ତଙ୍କ ସୁବିଧା ପାଇଁ ଆଉ କିଛି ନୂଆ ଯୋଜନା ପ୍ରସ୍ତୁତି ଚଳାଇଛନ୍ତି।



ସାଧାରଣ ଖଟିଖିଆଙ୍କ ଜୀବନ ଧନ କୁହାଯାଉଥିବା ରାସନ କାର୍ଡ଼ ସହଯୋଗ ପାଇଁ ସରକାର ନୂଆ ବ୍ୟବସ୍ଥା ଆପଣାଇଲେ। ନୂଆ ସରକାର ଆସିବା ପରେ ରାସନ କାର୍ଡ଼ ସର୍ଭେ ଆରମ୍ଭ ହୋଇଛି। ଇ-କେୱାଇସି ଯାଞ୍ଚ କରି ନକଲି ଓ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ସରକାରଙ୍କ କଡ଼ା ଆଭିମୁଖ୍ୟ ଅଯୋଗ୍ୟଙ୍କୁ ନିସ୍ତାର ମିଳିବନି। ଚୂଡ଼ାନ୍ତ ପ୍ରକ୍ରିୟା ସରିବା ପରେ ଖାଲି ଥିବା ସ୍ଥାନରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ। ଭତ୍ତା ଉପରେ ନିର୍ଭରଶୀଳ ଲୋକମାନଙ୍କ ପାଇଁ ସରକାର ନିଜ ପେଡ଼ି ଖୋଲିଦେଲେ। ନିର୍ବାଚନ ପୂର୍ବରୁ ବିଜେଡ଼ି ସରକାର ଭତ୍ତା ତାଲିକାରେ ୪ ଲକ୍ଷ ୧୩ ହଜାର ନୂଆ ହିତାଧିକାରୀଙ୍କୁ ସାମିଲ କରିଥିଲେ। ମାସିକ ଭତ୍ତା ରାଶିରେ ୫ଶହ ଟଙ୍କା ବୃଦ୍ଧି କରିଥିଲେ। ଅର୍ଥାତ୍ ୫ଶହରୁ ବଢ଼ି ଭତ୍ତା ୧ ହଜାର ଟଙ୍କା ହୋଇଥିଲା। ରାଜ୍ୟରେ ସରକାର ବଦଳିବା ପରେ ବିଜେପି ସରକାର ବି ଭତ୍ତା ରାଶି ବୃଦ୍ଧି କରିଛନ୍ତି। ନୂଆ ସରକାରଙ୍କ ପ୍ରଥମ ବଜେଟରେ ବାର୍ଦ୍ଧକ୍ୟ ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ରାଶିକୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଅଧିକ ବୟସ୍କ ଓ ୮୦%ରୁ ଅଧିକ ଭିନ୍ନକ୍ଷମ ଥିବା ହିତାଧିକାରୀଙ୍କ ମାସିକ ଭତ୍ତା ରାଶି ୩୫୦୦ ଟଙ୍କା କରାଯାଇଛି।

ଲୋକଙ୍କ ମୁଖ୍ୟମନ୍ତ୍ରୀ ଏହା କେବଳ କଥାରେ ନୁହେଁ କାମରେ ବିଶ୍ୱାସ କଲେ ନୂଆ ସରକାର। ଢ଼େର ବର୍ଷ ପରେ ସାଧାରଣ ଜନତାଙ୍କ ପାଇଁ ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର। ମୁଖ୍ୟମନ୍ତ୍ରୀ ହେବା ମାତ୍ରେ ପୁରୁଣା ଢ଼ାଞ୍ଚା ବଦଳାଇ ଦେଲେ ମୋହନ ସରକାର। ମୋହନ ମାଝୀ ପାଲଟିଗଲେ ଲୋକଙ୍କ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ପୁଣି ଆରମ୍ଭ ହେଲା ଜନତାଙ୍କ ଆଗମନ। ଆଉ ଅଫିସର ନୁହେଁ, ଖୋଦ ମୁଖ୍ୟମନ୍ତ୍ରୀ ସଚିବାଳୟରୁ ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟ ଅତିଥି ଭବନ ଯାଏଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଲାଗିଲା ପ୍ରବଳ ଗହଳି। ପ୍ରତି ସୋମବାର ମୁଖ୍ୟମନ୍ତ୍ରୀ ବସୁଛନ୍ତି ଜନତାଙ୍କ ଅଭିଯୋଗ ଶୁଣିବା ପାଇଁ। ନୂଆ ସରକାର ଆସିବା ପରେ ବିଧିବଦ୍ଧ ଭାବେ ବିଭିନ୍ନ ଯୋଜନା ଓ କଲ୍ୟାଣ କାର୍ଯ୍ୟକ୍ରମକୁ ବଦଳାଇବାକୁ ପଡ଼ିଲା। ପୂର୍ବ ସରକାରଙ୍କ ୨୧ଟି ଯୋଜନାର ନାମ ପରିବର୍ତ୍ତନ କଲେ ନୂଆ ସରକାର। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଲା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା। ଆମ ଓଡ଼ିଶା ନବୀନ ଓଡ଼ିଶା ଢ଼ାଞ୍ଚାରେ ଆସିଲା ବିକଶିତ ଗାଁ ବିକଶିତ ଓଡ଼ିଶା। କାଳିଆ ଯୋଜନା ବଦଳରେ ଚାଷୀଙ୍କ ପାଇଁ ସରକାର ଆଣିଲେ ସିଏମ-କିଷାନ ଯୋଜନା। ମେକ ଇନ ଓଡ଼ିଶା କନକ୍ଲେଭ ନାଁ ହେଲା ଉତ୍କର୍ଷ ଓଡ଼ିଶା। ବିଜୁ ସେତୁ ହେଲା ସେତୁ ବନ୍ଧନ, ଲକ୍ଷ୍ମୀ ବଦଳରେ ଆସିଲା ଗ୍ରାମାଞ୍ଚଳ ପରିବହନ। ମିଲେଟ ମିଶନ ନାଁ ହେଲା ଶ୍ରୀଅନ୍ନ ଯୋଜନା। ରଙ୍ଗ ବି ବଦଳିଗଲା।

ରେଳବାଇ କ୍ଷେତ୍ରରେ ଓଡ଼ିଶା ଆଉ ପଛରେ ନାହିଁ। ସ୍ୱତନ୍ତ୍ର ଭାବେ ମେଟ୍ରୋ ରେଳର ସ୍ୱପ୍ନ ସାକାର ହେଲା। ଭୁବନେଶ୍ୱର-କଟକ ଦୌଡ଼ିବ ମେଟ୍ରୋ। ଗମନାଗମନ ଯୋଗାଯୋଗରେ ନୂଆ ଶିଖର ଛୁଇଁବ ଓଡ଼ିଶା। ୨୦୨୪ ଆରମ୍ଭ ଦିନ ହିଁ ଏହି ଡ୍ରିମ ପ୍ରକଳ୍ପର ନିଅଁ ପକାଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରୁ କଟକ ତ୍ରିଶୁଳିଆ ପର୍ଯ୍ୟନ୍ତ ୨୬ କିଲୋମିଟର ମେଟ୍ରୋ ଚଳାଚଳ କରିବ। ସରକାର ବଦଳିବା ପରେ ବି ଏହି ପ୍ରକଳ୍ପ ଅଟକି ନାହିଁ। ଏହାକୁ ତ୍ୱରିତ ବେଗରେ ସାରିବାକୁ କାମ ଆରମ୍ଭ ହୋଇଛି। ୨୦୨୭ ସୁଦ୍ଧା ଏହାକୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ଜନପଥ ସମେତ ରାଜଧାନୀର ବିଭିନ୍ନ ସ୍ଥାନରେ ରାସ୍ତା ଖୋଳାଯାଇ କାମ ଆରମ୍ଭ କରାଯାଇଛି। ପୁରୁଣା ବର୍ଷଟି ସହିତ ପୁରୁଣା ସରକାର ମଧ୍ୟ ବଦଳିଲେ। ଏ ସବୁ ଭିତରେ ନୂଆ ସରକାର ଓ ନୂଆ ବର୍ଷ ଭିତରେ ଆମ ସମସ୍ତଙ୍କର ଏ ରାଜ୍ୟ, ଏ ସରକାରଙ୍କ ପ୍ରତି ମଧ୍ୟ ଉତ୍ତରଦାୟିତ୍ୱ ରହିଛି ସେ ସବୁ ନିର୍ବାହ କରିବାର ଦାୟିତ୍ୱ ଆମ ସମସ୍ତଙ୍କର।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ**

# ଯାତ୍ରା ସମ୍ପର୍କରେ



ଅନୀତା ପଟ୍ଟନାୟକ

ଶ୍ରଦ୍ଧାଙ୍କର ପୁଅ ଦାସିଆ ଓ ତାର ସାଙ୍ଗ ସାଲବେଗ ଦିନେ ଶ୍ରଦ୍ଧାଙ୍କୁ ପଚାରିଲେ ଏତେ ପ୍ରକାରର ଯାତ୍ରା କ'ଣ? ହିନ୍ଦୁ ଧର୍ମରେ ବାର ମାସରେ ତେର ଯାତ୍ରା ହେଉଛି। ଯଥା ରଥଯାତ୍ରା, ପାଦୁକାଯାତ୍ରା, ଚଭାଡ଼ି ଯାତ୍ରା, ଧନୁଯାତ୍ରା, ରୁକୁଣା ରଥ ଯାତ୍ରା, ଚନ୍ଦନ ଯାତ୍ରା ଇତ୍ୟାଦି ଇତ୍ୟାଦି। ଏହାକୁ ଆମକୁ କ'ଣ ସୂଚନା ଦିଏ। ଶ୍ରଦ୍ଧା ଦାସିଆର ମୁଣ୍ଡକୁ ଆଉଁଷି ଦେଇ କହିଲେ - 'ଜୀବନ ଏକ ଯାତ୍ରା। କେତେକ ବର୍ଷ, ମାସ ଓ ଋତୁର। ମନୁଷ୍ୟ ଜାଗତିକ ଜୀବନଯାପନ, ବସ୍ତୁଗତ ପଦାର୍ଥର ହାସଲର ଯାତ୍ରାରେ ତାର ବିଶ୍ରାମ ସ୍ଥଳର ରାସ୍ତାକୁ ଭୁଲିଯାଇଥାଏ। ରଥଯାତ୍ରା ଗୁଡ଼ିକ ତାହାକୁ ମନେପକାଇ ଦେଇଥାନ୍ତି।' ଦାସିଆ କହିଲା ଆମ ଘର ପାଖ ରାଧାମାଉସୀ କହୁଥିଲେ ଅଗ୍ନି ସଂଯୋଗ ବିନା ବତୀ ଯେପରି ଜଳି ପାରିନଥାଏ, ଜୀବନ ଯାତ୍ରାରେ ଆଧ୍ୟାତ୍ମିକତାର ସଂଯୋଗ ବିନା ଜୀବନଯାତ୍ରା ସଫଳ ହୋଇପାରିନଥାଏ। ଦାସିଆର ସାଙ୍ଗ ସାଲବେଗ କହିଲା ଆରମ ବିଜ୍ଞାନ ଶିକ୍ଷକ କହୁଥିଲେ ସୂର୍ଯ୍ୟଙ୍କର ଚତୁଃପାର୍ଶ୍ୱରେ ପୃଥିବୀ ଘୁରି ବୁଲିବା ବିନା ତାର ଯାତ୍ରା ସଫଳ ନହେଲେ ଦିନରାତି ହୋଇପାରିନଥାଏ। ସେହିପରି ନିଜ ଠାରୁ ମହତ୍ତର ସତ୍ତା ଆଡ଼କୁ ଗତି କରିବାକୁ ଯାତ୍ରା କୁହାଯାଏ। ଶ୍ରଦ୍ଧା କହିଲେ, ମଣିଷ ଅନେକ ଯାତ୍ରା କରିଛି। ଅନେକ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିଛି। ମାଇଲ ମାଇଲ ଯାତ୍ରା ଗତି କରି ଗନ୍ତବ୍ୟସ୍ଥଳରେ ପହଞ୍ଚିଛି। କିନ୍ତୁ ଗନ୍ତବ୍ୟସ୍ଥଳୀ କୁହେ ତୋର ଆହୁରି ଅନେକ ଯାତ୍ରା ବାକି ଅଛି। ଗନ୍ତବ୍ୟସ୍ଥଳୀରେ ଆମେ ପୁରସ୍କାର ଖୋଜୁ। ଗୀର୍ଜାର ଘଣ୍ଟି, ମସଜିଦର ନମାଜର ସ୍ୱର, ମନ୍ଦିରର ଘଣ୍ଟ, ମାର୍ଦ୍ଦଳ, ଶଙ୍ଖଧ୍ୱନୀ, ସୂଚାଇ ଦିଏ ଯେ ରେ ମାନବ କାମନା ବାସନାଶୂନ୍ୟ ଜୀବନରେ ହିଁ ଦୈବତ୍ୱ ନିହିତ। ହେଲେ ତୁ ଆଗେଇ ଚାଲ। ଜୀବନର ବିଶ୍ରାମସ୍ଥଳୀ ନିକଟକୁ। ହେଲେ ମନୁଷ୍ୟ ଯେତେବେଳେ ପଚାରେ ଆମେ ଏ ଯାତ୍ରାକୁ ଆସିଥିଲୁ କାହିଁକି? ଏହି ସମୟରେ ଯାତ୍ରାର ଭାସ୍ୟକାରର ସ୍ୱର ଶୁଭେ 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭତେ।' ସାଲବେଗ କହିଲା ଏ ଭକ୍ତି କଣ ମଣିଷର ମନ ଭରେ। ସେ ସମୁଦ୍ରକୂଳକୁ ଯାତ୍ରା କରେ। ଦାସିଆ ଶ୍ରଦ୍ଧାଙ୍କୁ ପଚାରିଲା ତୁ ରଥଯାତ୍ରା ପରେ ସମୁଦ୍ର କୂଳକୁ କାହିଁକି ବୁଲାଇ ନେଉ? ମୁଁ ସମୁଦ୍ରର ନୀଳ ତରଙ୍ଗକୁ ଦେଖି ବିମୋହିତ ହୁଏ। ତରଙ୍ଗ ମତେ କୁହେ ମୁଁ କେତେବେଳେ ଠାର ଉତ୍ପନ୍ନ ହୋଇ କେତେ ପଥ ଗତି କରି ଆସିଲିଣି। ନିଜକୁ ଭୁଲି ଯାଇଛି। ଏପରି କାହିଁକି ମୋ ଭିତରେ ଭାବନା ଆସେ? ଶ୍ରଦ୍ଧାଙ୍କର ମଧୁସୂଦନ ରାଓଙ୍କର ଉକ୍ତି ମନେପଡ଼େ ସେ ଦାସିଆ ଓ ସାଲବେଗଙ୍କର ମୁଣ୍ଡକୁ ଆଉଁଷି କହନ୍ତି 'ରେ ଆତ୍ମନ ନୀଦ୍ରା ପରିହରି ଫେଡ଼ି ଚିନ୍ତାର ଲେଶଚନ, କର କର ନିରୀକ୍ଷଣ ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ।' ରଥଯାତ୍ରା ସାରି ସମୁଦ୍ର କୂଳରେ ଆତ୍ମ ଚିନ୍ତନ ସମୟରେ ମନୁଷ୍ୟ ହୃଦୟଙ୍ଗମ କରେ ଏଥରର ରଥଯାତ୍ରା ତାର ଜୀବନର ଶେଷ ଯାତ୍ରା ନୁହେଁ। ଅନେକ ଯାତ୍ରା ତାର ଜୀବନରେ ବାକି ଅଛି। ସେତେବେଳେ ତାର ମନେପଡ଼େ ଜାତସ୍ୟ ହିଁ ଧ୍ରୁବମୃତ୍ୟୁ ମୃତ୍ୟୁକୁ ଜୟ କରିବାକୁ ରଥଯାତ୍ରାରେ ଯୋଗ ଦେଇଥିଲି। ସାଲବେଗ କହିଲା ମୋର ମା ହାସିନା କହୁଥିଲେ, ହରି ହରି, ରାମ ରାମ, କୃଷ୍ଣ କୃଷ୍ଣ ତୁଣ୍ଡରେ ନଧରି ରଥରେ ନାଚି ନାଚି ବିଭୋର ନହୋଇ ଏ ଶରୀର ତ୍ୟାଗ ମୂଲ୍ୟହୀନ। ଏପରି ମନୁଷ୍ୟ କେବେ ବି ଅମୃତର ସନ୍ତାନ ହୋଇନପାରେ। ଶ୍ରଦ୍ଧା କହିଲେ ମହାପ୍ରଭୁ କେଉଁ ଭକ୍ତର ଆବେଗ, କେଉଁ ଶବରୀର ପ୍ରତୀକ୍ଷା, କେଉଁ ଭକ୍ତର ଡାକ ଶୁଣି ଶ୍ରୀମନ୍ଦିର ପରିତ୍ୟାଗ କରି ଭକ୍ତଙ୍କୁ ଦର୍ଶନ ଦିଅନ୍ତି ତାହା କହି ହେବନାହିଁ। ଦାସିଆ ଓ ସାଲବେଗ ଏକ ସ୍ୱରରେ କହିଲେ ପ୍ରଭୁ ଯେତେବେଳେ ସୁଯୋଗ ଦେଉଛନ୍ତି ତାର ସଦୁପଯୋଗ ଆମେ କରିବୁ। ତାଙ୍କର ପାଦୁକା ଯାତ୍ରାରେ ତାଙ୍କ ପୟରରେ ମଥାକୁ ରଖି ତୁଣ୍ଡରେ ହରିନାମ ଧରି ଜୀବନଯାତ୍ରାକୁ ସଫଳ କରିବୁ। ଶ୍ରଦ୍ଧା କହିଲେ ଚାଲ ଆମେ ସମସ୍ତେ ମିଶି ପ୍ରାର୍ଥନା କରି ରଥଯାତ୍ରାରେ ଯୋଗ ଦେବା। ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପୁନଶ୍ଚ ଆମ ଜୀବନର ଯାତ୍ରା ନ ହେଉ ବୋଲି ପ୍ରାର୍ଥନା କରିବା। ଚିରନ୍ତନ ବିଶ୍ରାମ ସ୍ଥଳୀ ପାଇଁ ପ୍ରାର୍ଥନା କରିବା ଓ ଆନନ୍ଦରେ ନିଜକୁ ଭରି ଦେବା।

**ଅବସରପ୍ରାପ୍ତ ପ୍ରଧ୍ୟାପିକା, ସିଡିଏ, କଟକ**
**ମୋବାଇଲ୍: ୯୬୯୨୯୮୦୦୨୬**

# ଆର୍ଥିକ ଉଦାରୀକରଣର ବାସ୍ତୁକାର: ମନମୋହନ ସିଂହ



ବିପିନ ବିହାରୀ ରାଉତ

'ହଜାରୋ ଜବାବୋଁ ସେ ଅଚ୍ଛୀ ମେରି ଖାମୋସି..'। ୨୦୧୨ ଅଗଷ୍ଟ ୨୭ରେ ସଂସଦ ପରିସରରେ ଏହି ଶାୟରୀ ପଢ଼ିଥିଲେ ଡ.ମନମୋହନ ସିଂହ। କେବଳ ରାଜନେତା କିମ୍ବା ଅର୍ଥଶାସ୍ତ୍ରୀ ନୁହଁନ୍ତି, ଶାୟରୀ ଉର୍ଦ୍ଦୁ କବିତାରେ ବି ବେଶ ରୁଚି ଥିଲା ତାଙ୍କର। ସଂସଦରେ ବିତର୍କ ବେଳେ ତାଙ୍କୁ ଶାୟର ଅନ୍ଦାଜରେ ଉତ୍ତର ରଖୁଥିବା ଦେଖାଯାଇଥିଲା। ୨୦୧୧ ମାର୍ଚ୍ଚ ୨୩ରେ ଲୋକସଭାରେ ନୋଟ ବଦଳରେ ଭୋଟ ବିଷୟ ଉପରେ ଚର୍ଚ୍ଚା ହେଉଥିବାବେଳେ ବିରୋଧୀ ନେତା ସୁଷମା ସ୍ୱରାଜ ତାଙ୍କୁ କଟାକ୍ଷ କରି କହିଥିଲେ, 'ତୁ ଇଧର ଉର୍ଦ୍ଧ୍ୱର କି ବାତ ନା କର, ୟେ ବତା କେ କାରବାଁ କୁଁୟ ଲୁଟା; ମୁଝେ ରହଜନୋ ସେ ଗିଲା ନେହିଁ, ତେରି ରହବରି କା ସବାଲ ହୈ।' ମନମୋହନ କହିଥିଲେ, 'ମାନା କେ ତେରି ଦିଦ୍ କେ କାବିଲ ନହିଁ ମେ, ତୁ ମେରା ଶୋକ ତୋ ଦେଖ, ମେରା ଇନ୍ତଜାର ତୋ ଦେଖ।' ୨୦୧୨ ଅଗଷ୍ଟ ୨୭ ରେ ସଂସଦ ଅଧିବେଶନ ଚାଲୁଥିବାବେଳେ ମନମୋହନ ସରକାର ବିରୋଧରେ କୋଇଲା ବ୍ଲକ ଆବଣ୍ଟନରେ ଦୁର୍ନୀତି ଅଭିଯୋଗ ଆସିଥିଲା। ହେଲେ ଅଭିଯୋଗ ତଥ୍ୟ ଆଧାରିତ ନୁହେଁ ବୋଲି ମନମୋହନ ସଂସଦରେ କହିବା ପରେ ବାହାରେ ସାମ୍ବାଦିକଙ୍କୁ ଉତ୍ତର ରଖି କହିଥିଲେ, 'ହଜାରୋଁ ଜବାବୋଁ ସେ ଆଚ୍ଛା ମେରି ଖାମୋସି, ଜୋ କୟି ସବାଲୋ କି ଆବରୁ ଢ଼କ ଲେତି ହୈ।' ୨୦୧୩ରେ ସଂସଦରେ ସୁଷମାଙ୍କୁ ମନମୋହନ କହିଥିଲେ, 'ହମେ ଉନସେ ହୈ ୱାଫୀ କି ଉମିଦେ, ଜୋ ନେହିଁ ଜାନତେ ୱଫୀ କ୍ୟା ହୈ।' ଜବାବରେ ସୁଷମା କହିଥିଲେ 'କୁଛ ତୋ ମଜବୁରିୟାଁ ରହିହୋଗ, ୟୁଁ ହିଁ କୋଇ ବେୱଫୀ ନେହି ହୋତା।'

ସୌମ୍ୟ, ଶାନ୍ତ, ସରଳ ସ୍ୱଭାବର ସ୍ୱର୍ଗତଃ ମନମୋହନ ସିଂହ ବିଶ୍ୱର କେବଳ ଜଣେ ରାଜନେତା ଭାବେ ନୁହେଁ ବରଂ ଦୂରଦର୍ଶୀ, ଅସାଧାରଣ ଓ ଦୂରଦୃଷ୍ଟି ସମ୍ପନ୍ନ ଅର୍ଥଶାସ୍ତ୍ରୀ ଥିଲେ। ଆତ୍ମବିଶ୍ୱାସର ସହ ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କରିବାରେ



ସଫଳ ହୋଇଥିବା ଏଡି ମହାନ ବ୍ୟକ୍ତିଙ୍କ ଛବି ଇତିହାସର ଫର୍ଦ୍ଦରେ ସର୍ବଦା ଅମଳୀନ ହୋଇ ରହିବ। ୧୯୯୧ରେ ସେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ଦେଶର ଆର୍ଥିକ ସ୍ଥିତି ଭଲ ନଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଆମଦାଣୀ କରିବା ପାଇଁ ଭାରତ ନିକଟରେ ଯଥେଷ୍ଟ ବୈଦେଶିକ ମୁଦ୍ରା ନଥିଲା। ଏ ସମୟରେ କାର୍ଯ୍ୟ କରିଥିଲେ ମନମୋହନଙ୍କ ମାଷ୍ଟର ଷ୍ଟ୍ରୋକ। କେବଳ ସେତିକି ନୁହଁ ମନମୋହନ ସିଂ ବଜେଟରେ କମ୍ପାନୀ ଟିକସ ହାରକୁ ୫% ବଢ଼ାଇ ୪୫% କଲେ ଏବଂ ବ୍ୟାଙ୍କ ଜମା ଭଳି କିଛି ବିତ୍ତୀୟ ଟ୍ରାଞ୍ଜାକ୍ସନ ପାଇଁ ଟାକ୍ସ ଡିଡକ୍ଟେଡ ଆଟ ସୋର୍ସ (ଟିଡିଏସ)ର କନସେପ୍ଟ ଆଣିଲେ। ରନ୍ଧନ ଗ୍ୟାସ ସିଲିଣ୍ଡର, ସାର ଏବଂ ପେଟ୍ରୋଲ ଦର ବଢ଼ାଇଲେ ଏବଂ ଚିନି ଉପରେ ସବସିଡି ହଟାଇ ଦେଲେ। ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂହ ୨-ଷ୍ଟେଜ ଡିଭ୍ୟାଲୁଏସନ କରିବାକୁ ଚାହୁଁଥିଲେ ଏବଂ ଏହାକୁ କରାଗଲା। ଏହାର ଫାଇଦା ମିଳିଲା ଏବଂ ଅନ୍ତର୍ଜାତୀୟ ବଜାର ସହିତ ବ୍ୟାପାର ତ୍ୱରାନ୍ୱିତ ହେଲା। ଏହା ସହିତ ରପ୍ତାନି ଉପରେ ଆଇନ ଏବଂ ଲାଇସେନ୍ସିଂ କଣ୍ଟ୍ରୋଲକୁ ସହଜ କରାଗଲା। ଏସବୁ ସୁଧାର ଶିଳ୍ପକୁ ଲାଇସେନ୍ସିଂ ଏବଂ ଇନସ୍ପେକ୍ଟରରାଜରୁ ମୁକ୍ତ କଲା। ନିବେଶକୁ ପ୍ରୋତ୍ସାହନ ଦେବା ଏବଂ ଶିଳ୍ପ ଗୁଡ଼ିକର ପ୍ରତିସ୍ପର୍ଦ୍ଧା ବଢ଼ାଇବା ପାଇଁ ପଦକ୍ଷେପ ନିଆଗଲା। ୧୮ ସମ୍ବେଦନଶୀଳ ଶିଳ୍ପକୁ ଛାଡ଼ି ସମସ୍ତ ଶିଳ୍ପରେ ଇଣ୍ଡଷ୍ଟ୍ରିଆଲ ଲାଇସେନ୍ସସିଂକୁ ସମାପ୍ତ କରାଗଲା।

ଅର୍ଥନୀତିରେ ରାଷ୍ଟ୍ରାୟତ୍ତ କ୍ଷେତ୍ର ଯେପରି ବଡ଼ ଯୋଗଦାନ ଦେବ ସେଥିପାଇଁ ଅନେକ ପରିଚାଳନାଗତ ସ୍ୱାଧୀନତା ଦିଆଗଲା। ଅର୍ଥ ବ୍ୟବସ୍ଥାକୁ ନିୟନ୍ତ୍ରଣମୁକ୍ତ କରିବା ଏହାର ଲକ୍ଷ୍ୟ ଥିଲା। ୧୯୯୧ର ସୁଧାର ଗୁଡ଼ିକ ବିଦେଶ ନିବେଶ ଉଦାରୀକରଣ କଲା ଏବଂ ଇଣ୍ଡସଇଣ୍ଡ ବ୍ୟାଙ୍କ, ଏକ୍ସିସବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏଚଡ଼ିଏଫସି ବ୍ୟାଙ୍କ ସହିତ ଘରୋଇ କ୍ଷେତ୍ରର ବ୍ୟାଙ୍କ ଗୁଡ଼ିକ ପାଇଁ ରାସ୍ତା ଖୋଲିଲା। ଏହି ସୁଧାରଗୁଡ଼ିକ ଯୋଗୁଁ ଅନେକ ଅନ୍ତରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତ ଆସିପାରିଲେ। ମ୍ୟାକଡୋନାଲ୍ଡସ ଏବଂ କେଏଫସି ଭଳି ଖାଦ୍ୟ କମ୍ପାନୀ ଆସିବା ଦ୍ୱାରା ଭାରତରେ ବ୍ୟୟ ପାଟର୍ଣ୍ଣ ବଦଳିଲା। ଅର୍ଥନୀତି ସବଳ ହୋଇଚାଲିଲା। ୧୯୯୧ ପରେ ୨୦୦୮ରେ ଭାରତକୁ ପୁଣି ଥରେ ଆର୍ଥିକ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡ଼ିଲା। ଭାରତୀୟ ସେୟାର ବଜାର ଧରାଶାୟୀ ହୋଇଗଲା। କିନ୍ତୁ ମନମୋହନ ସିଂହ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ୨୦୦୯ରୁ ୨୦୧୪ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ହାରାହାରି ୬.୭% ହାରରେ ବଢ଼ିଲା।

ମନମୋହନ ସିଂହ ଅର୍ଥମନ୍ତ୍ରୀ ଥିବା ସମୟରେ ଆଣିଥିବା ସଂସ୍କାର ଦେଶର ଅର୍ଥ ବ୍ୟବସ୍ଥା ପାଇଁ ବରଦାନ ସାବ୍ୟସ୍ତ ହୋଇଛି ଏବଂ ବିଶ୍ୱ ସ୍ତରରେ ଭାରତ ଏକ ବ୍ରାଣ୍ଡ ଭାବେ ସ୍ଥାପିତ ହୋଇଛି। ବିଶ୍ୱର ବଡ଼ ବଡ଼ ଅନ୍ତର୍ଜାତୀୟ ବିତ୍ତୀୟ ପ୍ରତିଷ୍ଠାନ ଆଜି ଭାରତର ଆର୍ଥିକ ବିକାଶ ହାରକୁ ନେଇ ସକାରାତ୍ମକ ଅନୁମାନ କରୁଛନ୍ତି। ଭାରତ ଆଗାମୀ କିଛି ବର୍ଷରେ ବିଶ୍ୱର ତୃତୀୟ ବୃହତ ଅର୍ଥ ବ୍ୟବସ୍ଥା ପାଲଟିବ ବୋଲି ପୂର୍ବାନୁମାନ କରାଯାଉଛି। ଏସବୁ ପଛରେ ଯିଏ ପୁରୋଧା ରହିଛନ୍ତି ସେ ହେଲେ ମନମୋହନ। ଡକ୍ଟର ମନମୋହନ ସିଂହ ସେହି ଭାରତର ନିର୍ମାଣ କରିଥିଲେ ଯାହାକୁ ଆଜି ଆମେ ଦେଖୁଛେ ଦଶନ୍ଧି ଧରି ଉଗ୍ରବାଦ, ଦଙ୍ଗା, ହତ୍ୟା ଭଳି ସ୍ଥିତିର ସମ୍ମୁଖୀନ ହୋଇ ବେଶ ସମ୍ବେଦନଶୀଳ ସମୟ ଦେଇ ଦେଶ ଗତି କରୁଥିବାବେଳେ ଡକ୍ଟର ସିଂହ ଦେଶ ପାଇଁ ସଶକ୍ତ ଅର୍ଥନୀତିର ଦ୍ୱାର ଖୋଲିଥିଲେ। ତାଙ୍କୁ ଏକ ଦଶନ୍ଧି ଧରି ସାଇଲେଣ୍ଟ ଥେରାପି ଦେଇଥିବା ପ୍ରଥମ ଶିଖ ପ୍ରଧାନମନ୍ତ୍ରୀ ଯିଏ କି ଭାରତର ସର୍ବୋତ୍ତମ ବିକାଶ କରି ଯାବତୀୟ ସୁଧାର ଆଣିଥିଲେ, ଯାହାକୁ ଦେଶ ଅନନ୍ତ କାଳ ପର୍ଯ୍ୟନ୍ତ ମନେରଖିବ। ତାଙ୍କ ଯୋଗଦାନ ଆଗାମୀ ପିଢ଼ିକୁ ପ୍ରେରିତ କରିବ ଏବଂ ସେ ଭାରତ ପାଇଁ ନୂଆ ଯୁଗର କେବଳ ଆରମ୍ଭ କରିନଥିଲେ ବରଂ ଭାରତର ଆର୍ଥିକ ଉଦାରୀକରଣର ବାସ୍ତୁକାର ଥିଲେ।

**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**

## କୃଷକ ସଂଗଠନର ପଞ୍ଜାବ ବନ୍ଦ ଡାକରା

# ୧୫୦ ଟ୍ରେନ ବାତିଲ



**ଚଣ୍ଡିଗଡ଼, ୩୦।୧୨:** ଜାରି ରହିଥିବା ଚାଷୀ ଆନ୍ଦୋଳନ ମଧ୍ୟରେ ଆଜି ପଞ୍ଜାବ ବନ୍ଦ ଡାକରା ଦେଇଛନ୍ତି ଏକାଧିକ କୃଷକ ସଂଗଠନ। ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କିଷାନ ମଜଦୁର ମୋର୍ଚ୍ଚା ଭଳି ସଂଗଠନ ପକ୍ଷରୁ ଆଜି ପଞ୍ଜାବରେ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଛି। ଆମରଣ ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂହ ଡଲ୍ଲେୱାଲଙ୍କୁ ସମର୍ଥନ କରି ଏକାଧିକ ଦାବିରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏହି ବନ୍ଦ ଡାକରା ଦେଇଛନ୍ତି କୃଷକ ସଂଗଠନ। ଫଳରେ ସାରା ରାଜ୍ୟରେ ରାସ୍ତାଘାଟ ବନ୍ଦ ହେବା ସହ ଟ୍ରେନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି।

ଆଜି, ୩୦ ଡିସେମ୍ବର(ସୋମବାର) ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ବନ୍ଦ ଡାକରା ଦେଇଛନ୍ତି ଏକାଧିକ କୃଷକ ସଂଗଠନ। ସବୁଠାରୁ ବଡ଼ କଥା ହେଉଛି ୩୫ ଦିନ ହେବ ଆମରଣ ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂହ ଡଲ୍ଲେୱାଲଙ୍କ ସ୍ୱାସ୍ଥ୍ୟରେ କ୍ରମାଗତ ଅବନତୀ ଘଟୁଛି। ପଞ୍ଜାବ ସରକାର ମନାଇବାକୁ ଚେଷ୍ଟା କରିବା ସତ୍ତ୍ୱେ ସେ ଚିକିତ୍ସା ପାଇଁ ରାଜି ହେଉନାହାନ୍ତି। ଅନ୍ୟପଟେ ଚାଷୀ ନେତା ସରବନ ସିଂହ ପଂଧେର କହିଛନ୍ତି ଯେ, ଏହି ବନ୍ଦଙ୍କୁ ସମର୍ଥନ କରିବାକୁ ଆମେ ତିନି କୋଟି ପଞ୍ଜାବବାସୀଙ୍କୁ ଅନୁରୋଧ କରିଥିଲୁ। ଆମେ ଜୋର କରି କାହାର ଦୋକାନ ବା ସଂସ୍ଥାକୁ ବନ୍ଦ କରିନାହୁଁ। ହେଲେ ସମସ୍ତେ ନିଜ ଇଚ୍ଛାରେ ସବୁ ବନ୍ଦ କରି ଆମକୁ ସମର୍ଥନ କରିଛନ୍ତି। ଏବେ ପର୍ଯ୍ୟନ୍ତ ବନ୍ଦ ସଫଳ ରହିଛି। ଆମେ ପଞ୍ଜାବକୁ ଚାରିପଟରୁ ଆସୁଥିବା ଟ୍ରେନ ସେବାକୁ ବନ୍ଦ କରିଛୁ। ଆଜି ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଓ ରେଳ ଧାରଣା ବନ୍ଦ ରହିବ। ପଞ୍ଜାବବାସୀ ନିଜ ହୃଦୟରୁ ସମର୍ଥନ କରି ଏହି ବନ୍ଦ ପାଳନ କରୁଛନ୍ତି। ତେବେ ବନ୍ଦ ପାଳନ ବେଳେ ହିଂସା ହେଉ ବୋଲି ସରକାର ଚାହୁଁଥିବା କହିଛନ୍ତି ସରବନ ସିଂହ। ତେଣୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦକୁ ସଫଳ କରିବା ପାଇଁ ସେ ପଞ୍ଜାବର ଯୁବବର୍ଗଙ୍କୁ ଅନୁରୋଧ କରିଛନ୍ତି।

ବନ୍ଦ ବେଳେ ମେଡିକାଲ ଓ ଅନ୍ୟ ଜରୁରୀକାଳିନ ସେବା ଉପରେ କୌଣସି ପ୍ରଭାବ ପଡ଼ିବନି ବୋଲି କହିଛନ୍ତି ଚାଷୀ ନେତା। ଏପରିକି ବିବାହ ବରଯାତ୍ରୀଙ୍କୁ ମଧ୍ୟ ଅଟକାଯିବ ନାହିଁ। ସେହିଭଳି ଚାକିରି ପାଇଁ ଇଣ୍ଟର୍ଭ୍ୟୁ ଦେବାକୁ ଯାଉଥିବା ଯୁବବର୍ଗଙ୍କୁ କେଉଁଠାରେ ମଧ୍ୟ ଅଟକାଯିବ ନାହିଁ। କିଛିମାତ୍ରାରେ ସରକାରୀ କାର୍ଯ୍ୟାଳୟ ଓ ପେଟ୍ରୋଲ ପମ୍ପ ମଧ୍ୟ ଖୋଲା ରହିଛି। ସେପଟେ ପଞ୍ଜାବ ଟ୍ରକ ଡ୍ରାଇଭର ସଂଘ ଓ ଲୁଧିଆନା ଟ୍ରାନ୍ସପୋର୍ଟ ଡିଲର ସଂଘ ମଧ୍ୟ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ଅପରାହ୍ନ ୪ଟା ପର୍ଯ୍ୟନ୍ତ ସେବା ବନ୍ଦ ରଖିଛନ୍ତି। ସେହିଭଳି ଚାଷୀ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆଜି ପାଇଁ ପଞ୍ଜାବରୁ ଯାତାୟାତ କରୁଥିବା ପ୍ରାୟ ୧୫୦ ଟ୍ରେନକୁ ବାତିଲ କରିଦେଇଛି ରେଳ ବିଭାଗ। ଯେଉଁଥିରେ ପଞ୍ଜାବ ସମେତ ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଆଦି ରାଜ୍ୟର ଅନେକ ଲୋକ ମଧ୍ୟ ପ୍ରଭାବିତ ହେବେ।



## ନଦୀକୁ ଖସିଲା ଯାତ୍ରୀଭର୍ତ୍ତି ଟ୍ରକ, ୬୦ ମୃତ

**ନୂଆଦିଲ୍ଲୀ, ୩୦।୧୨:** ଆଫ୍ରିକୀୟ ଦେଶ ଇଥିଓପିଆରେ ଏକ ବଡ଼ ଦୁର୍ଘଟଣା ଘଟିଛି | ଏକ ଯାତ୍ରୀ ଭରା ଟ୍ରକ୍ ନଦୀରେ ଖସିପଡିଥିଲା। ଏହି ଦୁର୍ଘଟଣାରେ ୬୦ ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ ଆଡିସ୍ ଆବାବା ଠାରୁ ପ୍ରାୟ 300 କିଲୋମିଟର ଦୂରରେ ଥିବା ସିଡାମା ରାଜ୍ୟରେ ଏହି ଦୁର୍ଘଟଣା ଘଟିଛି। ଦକ୍ଷିଣ ସିଡାମା ଅଞ୍ଚଳର ଅଧିକାରୀଙ୍କ ଅନୁଯାୟୀ, ଏହି ଭୟଙ୍କର ଦୁର୍ଘଟଣା ବୋନା ଜିଲ୍ଲାରେ ଘଟିଛି। ଏହି ଦୁର୍ଘଟଣାରେ ଆହତମାନଙ୍କୁ ବୋନା ଜେନେରାଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଇଥିଓପିଆର ବ୍ରଡକାଷ୍ଟିଂ କର୍ପୋରେସନ୍ (ଇବିସି) ଅନୁଯାୟୀ ସମସ୍ତ ଲୋକ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିଲେ। ସମସ୍ତ ଲୋକ ଏକ ଇଜୁଜୁ ଟ୍ରକରେ ଯାତ୍ରା କରୁଥିଲେ। କିନ୍ତୁ ହଠାତ୍ ଟ୍ରକଟି ଭାରସାମ୍ୟ ହରାଇ ନଦୀରେ ଖସିପଡିଥିଲା। ଅନ୍ୟପକ୍ଷରେ ନଦୀରେ ଲୋକଙ୍କ ସନ୍ଧାନ ଜାରି ରହିଛି। ସ୍ଥାନୀୟ ଲୋକ ଏବଂ ସରକାରୀ ବିଭାଗ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସୂଚନା ଥାଉ କି ଯେ ଇଥିଓପିଆରେ ଖରାପ ଡ୍ରାଇଭିଂ ମାନକ ଏଠାରେ ସୁରକ୍ଷିତ ପରିବହନ ପାଇଁ ସବୁଠାରୁ ବଡ ପ୍ରତିବନ୍ଧକ | ପ୍ରାୟ ଛଅ ବର୍ଷ ପୂର୍ବେ ୨୦୧୮ରେ, ଇଥିଓପିଆରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା | ଏହି ଦୁର୍ଘଟଣାରେ ଛାତ୍ରମାନଙ୍କୁ ନେଇ ଯାଉଥିବା ଏକ ବସ୍ ଖାଲରେ ଖସିପଡିଥିଲା ଯେଉଁଥିରେ ୩୮ ଜଣ ପ୍ରାଣ ହରାଇଥିଲେ।

## ଆକାଶରେ ଦିଶିବ କଳା ଜହ୍ନ

**ନୂଆଦିଲ୍ଲୀ, ୩୦।୧୨:** ଆଜି ଆକାଶରେ ଦିଶିବ କଳା ଜହ୍ନ। ଆଜି ଆକାଶରେ ଏପରି ଏକ ବିରଳ ଘଟଣା ଦେଖିବାକୁ ମିଳିବ। ଏସିଆ, ଆଫ୍ରିକା ଏବଂ ୟୁରୋପ ମହାଦେଶରେ ଏହା ଆଜି ଦୃଶ୍ୟମାନ ହେବ। ଭାରତ ଆକାଶରେ ଆସନ୍ତାକାଲି ଭୋର୍ ଅର୍ଥାତ ସକାଳ ୪ଟା ବେଳେ ଏହା ଦେଖିବାକୁ ମିଳିବ। କଳାଜହ୍ନ କଥା କହିଲେ ମନରେ ଅନେକ କୌତୁହଳ, ରୋମାଞ୍ଚ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ସାଧାରଣତଃ ଗୋଟିଏ ମାସରେ ଦୁଇ ଥର ଅମାବାସ୍ୟା ପଡ଼ିଲେ ଏହା ଦୃଶ୍ୟମାନ ହୋଇଥାଏ। ଦ୍ୱିତୀୟ ଅମାବାସ୍ୟା ରାତିକୁ କଳା ଜହ୍ନ ବୋଲି କୁହାଯାଇଥାଏ। ସେହିପରି ୩ ମାସରେ ୪ ଥର ଅମାବାସ୍ୟା ଆସିଥିଲେ ବି ତାହାକୁ କଳା ଜହ୍ନ ବୋଲି କୁହାଯାଏ। ଅନ୍ୟ ଅମାବାସ୍ୟା ଭଳି ଚନ୍ଦ୍ର ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ରୁହେ, ଫଳରେ ଏହା ଦେଖାଯାଏ ନାହିଁ। ଚନ୍ଦ୍ରଗ୍ରହଣ ଭଳି ଏହା କୌଣସି ପ୍ରଭାବ ପକାଏନି। କିନ୍ତୁ ଗୋଟିଏ ମାସରେ ଦୁଇଟି ଅମାବାସ୍ୟା ଆସୁଥିବାରୁ ଏହାର ଗୁରୁତ୍ୱ କିଛିଟା ବଢ଼ି ଯାଏ।

## ଷ୍ଟାଡିୟମ ଗ୍ୟାଲେରିରୁ ଖସି ପଡ଼ିଲେ ବିଧାୟିକା

**ଥିରୁଅନନ୍ତପୁରମ, ୩୦।୧୨:** ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଷ୍ଟାଡିୟମରେ ପହଞ୍ଚିଥିଲେ କଂଗ୍ରେସ ବିଧାୟିକା। ମାତ୍ର ହଠାତ୍ ଘଟିଲା ଅଘଟଣ। ଷ୍ଟାଡିୟମ ଗ୍ୟାଲେରିରୁ ତଳକୁ ଖସି ପଡ଼ିଲେ ବିଧାୟିକାଜଣକ। ଏପରି ଏକ ଘଟଣା କେରଳରେ ଘଟିଛି। ଗୁରୁତର ବିଧାୟିକାଜଣକ ହେଉଛନ୍ତି ଉମା ଥାମସ୍। ସେ କୋଚିସ୍ଥିତ ଜବାହରଲାଲ ନେହରୁ ଷ୍ଟାଡିୟମର ଗ୍ୟାଲେରିରୁ ଖସି ପଡ଼ି ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ଯୋଗୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଫଳରେ ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସା ନିମନ୍ତେ ଏକ ସ୍ୱାସ୍ଥ୍ୟ ଟିମ୍ ଗଠନ କରାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ତେବେ ଏପରି ଅଘଟଣ କାହିଁକି ଘଟିଲା, ତାହା କାରଣ ଖୋଜିବାକୁ ଯାଞ୍ଚ ଆରମ୍ଭ ହୋଇଥିବା ଅଧିକାରୀ ସୂଚନା ଦେଇଛନ୍ତି। କୌଣସି ଅଧିକାରୀ ଦାୟିତ୍ୱରେ ଅବହେଳା କରିଥିବା ତଥ୍ୟ ସାମନାକୁ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉମା ଥାମସ୍ କେରଳ ବିଧାନସଭାର ସଦସ୍ୟ ଅଛନ୍ତି। ସେ ଥ୍ରୀକ୍କାକାରା ସିଟ୍‌ରୁ ପ୍ରତିନିଧୀତ୍ୱ କରୁଛନ୍ତି। ସେ ୨୦୨୨ ମସିହା ଉପନିର୍ବାଚନରେ ବିଜୟୀ ହୋଇଛନ୍ତି।

## ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ପରଲୋକ



**ୱାଶିଂଟନ, ୩୦।୧୨:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ପରଲୋକ ହୋଇଛି। ୧୦୦ ବର୍ଷ ବୟସରେ ସେ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଆମେରିକା ଇତିହାସରେ ସବୁଠୁ ଅଧିକ ବର୍ଷ ଯାଏ ଜୀବିତ ଥିବା ରାଷ୍ଟ୍ରପତି ଥିଲେ ଜିମି କାର୍ଟର। ମାତ୍ର ଦୀର୍ଘ ଦିନ ହେଲା ସେ ବୟସାଧୀକ ରୋଗ ସମେତ ମାରାତ୍ମକ ସ୍କିନ୍ କ୍ୟାନସର ରୋଗରେ ପୀଡ଼ିତ ଥିଲେ। ଗତ ଅକ୍ଟୋବରରେ ଜିମିଙ୍କ ୧୦୦ତମ ଜନ୍ମ ଦିବସ ପାଳନ କରାଯାଇଥିଲା। ସାରା ଦୁନିଆରେ ଗଣତନ୍ତ୍ର ଏବଂ ମାନବାଧିକାର ପାଇଁ ସ୍ୱର ଉଠାଉଥିବା କାର୍ଟର ସେଣ୍ଟର ଏହି ଦୁଃଖଦ ଖବର ଦେଇଛି। ରବିବାର ଅପରାହ୍ନରେ ଜର୍ଜିଆସ୍ଥିତ ନିଜ ବାସଭବନରେ ଜିମିଙ୍କ ନିଧନ ହୋଇଥିବା ସଂସ୍ଥା ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ ଯେ ଜିମି କାର୍ଟର ୧୯୭୭ ମସିହାରେ ଆର.ଫୋର୍ଡଙ୍କୁ ହରାଇ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଆମେରିକାର ୩୯ତମ ରାଷ୍ଟ୍ରପତି ଭାବେ ଜିମିଙ୍କ କାର୍ଯ୍ୟକାଳ ୧୯୭୭ରୁ ୧୯୮୧ ଯାଏ ଥିଲା।

## ମହାକୁମ୍ଭ ମେଳାରେ ଯୋଗଦେବେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି

### ନିମନ୍ତ୍ରଣ କଲେ ଯୋଗୀ ଆଦିତ୍ୟ ନାଥ

**ନୂଆଦିଲ୍ଲୀ, ୩୦।୧୨:** ଆରମ୍ଭ ହେବ ବିଶ୍ୱର ସର୍ବବୃହତ ଧାର୍ମିକ ମେଳା। ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଜାନୁଆରୀ ୧୩ରୁ ଆରମ୍ଭ ହେବାକୁ ଯାଉଛି ମହାକୁମ୍ଭ ମେଳା। ଏହି ମେଳାରେ ଯୋଗ ଦେବେ ଭାରତର ବହୁ ବଡ଼ ବଡ଼ ନେତା, ମନ୍ତ୍ରୀ ଓ ପଦାଧିକାରୀ। ସାମିଲ୍ ହେବେ ମହାମହିମ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି। ଏଥିନିମନ୍ତେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ନିମନ୍ତ୍ରଣ ସ୍ୱରପ କୁମ୍ଭ ମେଳାର ଲଗୋ ସହିତ ଏକ କଳସ ଉପହାର ଦେଇଛନ୍ତି ଯୋଗି। ଏହା ସହିତ ନବ ବର୍ଷର ଟେବୁଲ୍ କ୍ୟାଲେଣ୍ଡର ଓ ଏକ ଡାଏରୀ ସହିତ ବିଶେଷ ଉପହାର ମଧ୍ୟ ପ୍ରଦାନ କରିଛନ୍ତି। ମହାକୁମ୍ଭ ମେଳା ୨୦୨୫ ଜାନୁୟାରୀ ୧୩ ରୁ ଆରମ୍ଭ ହୋଇ ଫେବୃଆରୀ ୨୬ତାରିଖରେ ଶେଷ ହେବ। ଏହି ମହୋତ୍ସବରେ ଯୋଗ ଦେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି ୟୁପି ମୁଖ୍ୟମନ୍ତ୍ରୀ।

## ଝରକାରେ ମୁହଁ ଦେଖାଇପାରିବେ ନାହିଁ ମହିଳା: ଆଫଗାନ

**କାବୁଲ, ୩୦।୧୨:** ତାଲିବାନ ଶାସନରେ ଆଫଗାନିସ୍ତାନରେ ମହିଳାଙ୍କ ଜୀବନ ଦୁର୍ବିସହ ହେବାରେ ଲାଗିଛି। ଏବେ ତାଲିବାନ ନେତା ହାଇବାତୁଲ୍ଲା ଆଖୁନ୍ଦଜାଦା ନିର୍ଦ୍ଦେଶ ଦେଇଛନ୍ତି ଯେ ମହିଳାମାନେ ବସିବା କିମ୍ବା ଠିଆ ହୋଇପାରୁଥିବା କୋଠାରେ ଝରକା ରହିବା ଉଚିତ ନୁହେଁ। ଅର୍ଥାତ୍ ଝରକା ଦ୍ୱାରା ବାହାର ଲୋକେ ଯେପରି ତାଙ୍କୁ ଦେଖିନପାରନ୍ତି। ଏକ୍ସ ଉପରେ ଲଗାଯାଇଥିବା ଆଦେଶ ଅନୁଯାୟୀ ଏହି ଆଦେଶ ନୂଆ କୋଠା ଏବଂ ବର୍ତ୍ତମାନର କୋଠାଉପରେ ଲାଗୁ ହେବ। ରୋଷେଇ ଘର କିମ୍ବା ଶୋଇବା ଘରର ଝରକା ବାହାରକୁ ଦୃଶ୍ୟମାନ ହେବା ଉଚିତ ନୁହେଁ। ଯଦି ସେଠାରେ ଝରକା ରହିଛି ତାହାକୁ ସ୍କ୍ରିନ ଲଗାଇ କିମ୍ବା କାନ୍ଥ ଲଗାଇ ବନ୍ଦ କରିବାକୁ ହେବ। ତାଲିବାନ ଆଦେଶରେ କୁହାଯାଇଛି ଯେ ପୌରପାଳିକା ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷ ନୂତନ କୋଠା ନିର୍ମାଣ ଉପରେ ନଜର ରଖିବା ଉଚିତ ଯେପରିକି ସେଠାରେ ଉପରୋକ୍ତ ନିୟମ ପାଳନ ହୋଇପାରିବ। ଅନ୍ୟ ଏକ ଆଦେଶରେ ତାଲିବାନ କହିଛି ଯେ ସେମାନେ ଆଫଗାନିସ୍ତାନରେ ମହିଳାଙ୍କୁ ନିୟୋଜିତ କରୁଥିବା ସମସ୍ତ ଜାତୀୟ ଏବଂ ବିଦେଶୀ ବେସରକାରୀ ଗୋଷ୍ଠୀକୁ ବନ୍ଦ କରିଦେବେ। ଦୁଇ ବର୍ଷ ତଳେ ତାଲିବାନ ଆଫଗାନିସ୍ତାନ ମହିଳାଙ୍କୁ ନିଯୁକ୍ତି ଦେବାକୁ ବାରଣ କରିଥିଲା। ଏହାର କାରଣ ଦର୍ଶାଯାଇଥିଲା ଯେ କର୍ମଜୀବୀ ମହିଳାମାନେ ଠିକ୍ ଭାବେ ଇସଲାମିକ ହିଜାବ ପିନ୍ଧି ନଥିଲେ।

### ଆପର ନିର୍ବାଚନୀ ପ୍ରତିଶ୍ରୁତି

## ମନ୍ଦିର ପୂଜକଙ୍କୁ ମାସିକ ୧୮ ହଜାର ଟଙ୍କା



**ନୂଆଦିଲ୍ଲୀ, ୩୦।୧୨:** ଦିଲ୍ଲୀରେ ଆପ ପୁନର୍ବାର କ୍ଷମତାକୁ ଆସିଲେ ମନ୍ଦିର ପୂଜକ ଏବଂ ଗୁରୁଦ୍ୱାର ଗ୍ରନ୍ଥିଙ୍କୁ ମାସିକ ୧୮ ହଜାର ଟଙ୍କାର ଭତ୍ତା ପ୍ରଦାନ କରାଯିବ ବୋଲି ଆମ ଆଦମୀ ପାର୍ଟୀ (ଆପ୦ ପ୍ରତିଶ୍ରୁତି ଦେଇଛି। ସୋମବାର ଏ ସମ୍ପର୍କରେ ସୂଚନା ପ୍ରଦାନ କରି ଆପ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲ କହିଛନ୍ତି ଯେ କାଲିଠାରୁ କନ୍ନଟପ୍ଲେସ ସ୍ଥିତ ହନୁମାନ ମନ୍ଦିରରୁ ପୂଜାକ ଗୁରୁଦ୍ୱାର ଗ୍ରନ୍ଥିଙ୍କ ରେଜିଷ୍ଟ୍ରେସନ ପ୍ରକ୍ରିୟା ଆରମ୍ଭ ହେବ। ଦେଶରେ ପ୍ରଥମ ଥର ପାଇଁ ମନ୍ଦିର ପୂଜାରୀ ଓ ଗୁରଦ୍ୱାର ଗ୍ରନ୍ଥିମାନଙ୍କୁ ଏଭଳି ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ଆସନ୍ତା ଫେବୃଆରରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନ ଲାଗି ଆପ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି ଏବଂ ଭୋଟରଙ୍କୁ ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରୁଛି। ନିକଟରେ ଆପ ସରକାର ମହିଳା ସହାୟତା ଯୋଜନା ଆରମ୍ଭ କରିଛି। ଆପ ଦିଲ୍ଲୀରେ ପୁନର୍ବାର କ୍ଷମତାକୁ ଆସିଲେ ମହିଳାଙ୍କୁ ମାସିକ ୨୧ଶହ ଟଙ୍କା ଦେବ ବୋଲି କହିଛି।

ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କେଜ୍ରିୱାଲ କହିଛନ୍ତି ଯେ, ପୂଜକ ଏବଂ ଗ୍ରନ୍ଥିମାନେ ଆମର ଧାର୍ମିକ ରୀତିନୀତିର ସଂରକ୍ଷକ ଅଟନ୍ତି। ଏମାନେ ସମାଜକୁ ନିଃସ୍ୱାର୍ଥପର ଭାବରେ ସେବା ପ୍ରଦାନ କରନ୍ତି। ହେଲେ ଦୁର୍ଭାଗ୍ୟଜନକ କଥା ହେଉଛି ସେମାନଙ୍କର ଆର୍ଥିକ ଅବସ୍ଥା ନେଇ କେହି କେବେ ଚିନ୍ତା କରୁନାହାନ୍ତି। ତେଣୁ ଆପ୍ ଶାସନକୁ ଫେରିଲେ ଏମାନଙ୍କୁ ମାସିକ ୧୮ ହଜାର ଟଙ୍କା ଲେଖାଏଁ ଦରମା ଦିଆଯିବ ବୋଲି ଘୋଷଣା କରିଛନ୍ତି କେଜ୍ରିୱାଲ। ଆସନ୍ତାକାଲି (୩୧ ଡିସେମ୍ବର)ଠାରୁ ଏଥିପାଇଁ ପଞ୍ଜିକରଣ ଆରମ୍ଭ ହେବ ବୋଲି କେଜ୍ରିୱାଲ କହିଛନ୍ତି। ସେ ନିଜେ ହନୁମାନ ମନ୍ଦିରରେ ଯାଇ ଏହାର ପଞ୍ଜିକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି କହିଛନ୍ତି। ପୂଜକ ଓ ଗ୍ରନ୍ଥିମାନଙ୍କ ଏହି ପଞ୍ଜିକରଣରେ ବାଧା ସୃଷ୍ଟି ନକରିବା ପାଇଁ କେଜ୍ରିୱାଲ ଗଣମାଧ୍ୟମରେ ବିଜେପିକୁ ଅନୁରୋଧ କରିଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ଏହାକୁ ବନ୍ଦ କରିବା ପାପ ସହିତ ସମାନ ହେବ, କାରଣ ଈଶ୍ୱରଙ୍କ ନିକଟକୁ ସେମାନେ ହିଁ ଆମର ରାସ୍ତା। ତେବେ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଗୋଟିଏ ପରେ ଗୋଟିଏ ଯୋଜନା ଘୋଷଣା କରିବାରେ ଲାଗିଛି ଆମ୍ ଆଦମୀ ପାର୍ଟି ସରକାର। ପ୍ରଥମେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପାଇଁ ସଞ୍ଜିବନୀ ଯୋଜନା ଓ ମହିଳାଙ୍କ ପାଇଁ ମହିଳା ସମ୍ମାନ ଯୋଜନା ପରେ ଏବେ ପୂଜକମାନଙ୍କ ପାଇଁ ମାସିକ ଦରମା ଯୋଜନା ଘୋଷଣା ପରେ ତେଜିଛି ରାଜନୀତି।

ଏହି ସାମ୍ବାଦିକ ସମ୍ମିଳନୀରେ ବାଂଲାଦେଶୀ ଅନୁପ୍ରବେଶକାରୀ ତଥା ରୋହିଙ୍ଗ୍ୟା ଭୋଟର ପ୍ରସଙ୍ଗରେ ବିଜେପିକୁ ଜୋରଦାର ଟାର୍ଗେଟ କରିଛନ୍ତି କେଜ୍ରିୱାଲ। କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ରବିବାର ଅଭିଯୋଗ କରିଥିଲେ ଯେ ବାଂଲାଦେଶୀ ରୋହିଙ୍ଗ୍ୟା ଭୋଟରଙ୍କ ଭୋଟ ପାଇଁ ଆପ୍ ସେମାନଙ୍କୁ ଦିଲ୍ଲୀରେ ବସାଇଛି। ଏ ପ୍ରସଙ୍ଗରେ କେଜ୍ରିୱାଲ କହିଛନ୍ତି ଯେ ଡ୍ରାମା କରିବା ବନ୍ଦ କରନ୍ତୁ ଓ କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀଙ୍କୁ ଗିରଫ କରନ୍ତୁ। ଦିଲ୍ଲୀରେ କେଉଁଠାରେ ରୋହିଙ୍ଗ୍ୟାମାନଙ୍କୁ ଆଣି ରଖାଯାଇଛି, ସେ ସବୁ ତଥ୍ୟ ତାଙ୍କ ପାଖରେ ଅଛି। ଯଦି ଏତେ ସବୁ କଥା ବିଜେପି ଜାଣିଛି, ତାହାଲେ ସେମାନେ କାର୍ଯ୍ୟାନୁଷ୍ଠାନ କାହିଁ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି କେଜ୍ରିୱାଲ।

## ବିପିଏସ୍‌ସି ଆଶାୟୀଙ୍କୁ ସମର୍ଥନ କରି ଅଡୁଆରେ ପ୍ରଶାନ୍ତ କିଶୋର



**ପାଟନା, ୩୦।୧୨:** ବିହାର ପବ୍ଲିକ ସର୍ଭିସ କମିଶନ(ବିପିଏସ୍‌ସି) ଆଶାୟୀଙ୍କ ଦ୍ୱାରା ଜାରି ରହିଥିବା ବିକ୍ଷୋଭକୁ ସମର୍ଥନ କରି ଅଡୁଆରେ ପ୍ରଶାନ୍ତ କିଶୋର। ଗତକାଲି ଛାତ୍ର ଉତ୍ତେଜନା ପରେ ପାଟନାରେ ଜନ ସୂରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କ ସମେତ ଦଳର ରାଜ୍ୟ ସଭାପତି ମନୋଜ ଭାରତୀ ଓ ଅନ୍ୟ ନେତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି। ପରୀକ୍ଷାର୍ଥୀଙ୍କୁ ରାଜରାସ୍ତାରେ ଆସି ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରବର୍ତ୍ତାଇବା ଅଭିଯୋଗରେ ପ୍ରଶାନ୍ତ କିଶୋରଙ୍କ ଉପରେ ଅନେକ ଗମ୍ଭୀର ଧାରା ଲାଗୁ କରିଛି ବିହାର ପୁଲିସ। କାଲିର ଉତ୍ତେଜନା ପାଇଁ ୬୦୦ରୁ ଅଧିକ ଅଜଣା ବିକ୍ଷୋଭକାରୀଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି। ପ୍ରଶାସନର ଅନୁମତି ନମିଳିବା ସତ୍ତ୍ୱେ ଗାନ୍ଧି ମଇଦାନରେ ଆସି ବିକ୍ଷୋଭ କରିବା ଓ ବିକ୍ଷୋଭକାରୀଙ୍କୁ ଉସୁକାଇବା ଅଭିଯୋଗରେ ପ୍ରଶାନ୍ତ କିଶୋର ଏବଂ ମନୋଜ ଭାରତୀଙ୍କ ବ୍ୟତୀତ ଏକ କୋଚିଂର ସଂଚାଳକ ରହମାଂସୁ ମିଶ୍ର, ନିଖିଲମଣି ତିୱାରୀ, ସୁଭାଷ କୁମାର ଠାକୁର, ଶୁଭମ ସ୍ନେହିଲ, ଆନନ୍ଦ ମିଶ୍ର, ରାକେଶ କୁମାର ମିଶ୍ର, ବିଷ୍ଣୁ କୁମାରଙ୍କ ସମେତ ମୋଟ ୨୧ ଜଣଙ୍କୁ ମାମଲାଭୁକ୍ତ କରିଛି ପୁଲିସ। ଉଲ୍ଲେଖଯୋଗ୍ୟ, ବିହାର ପବ୍ଲିକ ସର୍ଭିସ କମିଶନ(ବିପିଏସ୍‌ସି)ର ଡିସେମ୍ବର ୧୩ରେ ହୋଇଥିବା ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଆଶାୟୀମାନେ ପୁନଃ ପରୀକ୍ଷା ଦାବିରେ ଆନ୍ଦୋଳନ କରୁଛନ୍ତି। ଏକ ବିବୃତି ଜାରି କରି ବିହାର ପୁଲିସ କହିଛି ଯେ, ଗାନ୍ଧି ମଇଦାନରେଏକ ଛାତ୍ର ଆନ୍ଦୋଳନର ଆୟୋଜନ ପାଇଁ ପ୍ରଶାନ୍ତ କିଶୋରଙ୍କ ଦଳ ପ୍ରଶାସନକୁ ଅନୁମତି ମାଗିଥିଲା। ହେଲେ ପ୍ରଶାସନ ଏହି ଅନୁମତି ଦେଇନଥିଲା। ଏହା ସତ୍ତ୍ୱେ ସେଠାରେ ଅନଧିକୃତ ଭାବେ ଛାତ୍ରଙ୍କୁ ମେଳି କରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଇଥିଲା।



## ଅଫଗାନିସ୍ତାନରେ ପାକିସ୍ତାନର ଆକ୍ରମଣ, ୮ ଜଣଙ୍କୁ ହତ୍ୟା

**ନୂଆଦିଲ୍ଲୀ,୩୦।୧୨:** ପାକିସ୍ତାନ ପକ୍ଷରୁ ନିକଟରେ ଅଫଗାନିସ୍ତାନରେ ହୋଇଥିଲା ଏୟାରଷ୍ଟ୍ରାଇକ୍। ଏହାପରେ ଦୁଇ ଦେଶ ମଧ୍ୟରେ ଜାରି ରହିଛି ରକ୍ତାକ୍ତ ସଂଘର୍ଷ। ଦୁଇପଟର ସେନା ପରସ୍ପରର ସୀମା ଭିତରେ ପଶି ଲୋକଙ୍କୁ ମାରୁଛି। ପାକିସ୍ତାନ ଓ ଅଫଗାନିସ୍ତାନରେ ଗତ କିଛି ଦିନ ହେବ ଯେଉଁଭଳି ସ୍ଥିତି ରହିଛି ସେଥିରୁ ଏକ ନୂଆ ଯୁଦ୍ଧ ଆଶଙ୍କାକୁ ଏଡାଇ ହେବନି। ଏହା ଭିତରେ ସୋମବାର ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନର ୮ ଜଣଙ୍କୁ ହତ୍ୟା କରି ଦିଆଯାଇଛି। ସେଭଳି ୧୩ ନାଗରିକ ଆହତ ହୋଇଛନ୍ତି। ପାକିସ୍ତାନ ଲଗାତାର ଆଫଗାନିସ୍ତାନ ଉପରେ ଆକ୍ରମଣ କରୁଛି। ଶନିବାର ମଧ୍ୟ ପାକିସ୍ତାନ ପର୍ଣ୍ଣକ୍ତିୟାରେ ଏକ ମସଜିଦ୍ ଉପରେ ମୋର୍ଟାର ମାଡ କରିଥିଲା। ଯେଉଁଥିରେ ୩ ଜଣଙ୍କର ଜୀବନ ଚାଲିଯାଇଥିଲା। ଅଫଗାନିସ୍ତାନର ବହୁ ନାଗରିକ ଅନ୍ତର୍ଜାତୀୟ ହସ୍ତକ୍ଷେପ ଦାବି କରିଛି। ତାଙ୍କର କହିବା ଅନୁସାରେ, ପାକିସ୍ତାନ ପକ୍ଷରୁ ଲଗାତାର ନାଗରିକଙ୍କୁ ଟାର୍ଗେଟ କରାଯାଇପାରେ। ଟୋଲ୍ ନ୍ୟୁଜର ରିପୋର୍ଟ ଅନୁସାରେ, ତାଲିବାନର ପ୍ରତିରକ୍ଷା ମନ୍ତ୍ରଣାଳୟର କହିବା ଅନୁସାରେ ଡୁରଣ୍ଡ ଲାଇନ୍‌ର ଦୁଇ ପଟେ ସଂଘର୍ଷ ଚାଲିଛି। ପାକିସ୍ତାନର ଦୁଇଟି ପୋଷ୍ଟକୁ ଅଫଗାନିସ୍ତାନ ନଷ୍ଟ କରିଦେଇଛି। ତାଲିବାନ ସୈନିକ ପ୍ରବଳ ମାତ୍ରାରେ ହତିଆର ବ୍ୟବହାର କରି ଡୁରଣ୍ଡ ଲାଇନ୍‌ରେ ଥିବା ପାକିସ୍ତାନୀ ସେନାର ବହୁ ପୋଷ୍ଟରେ ନିଆଁ ଲଗାଇ ଦେଇଛି। ଏହି ସମୟରେ ପାକିସ୍ତାନୀ ସେନାର ୧୯ ସୈନିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ପଳାଇବାରେ ସକ୍ଷମ ହୋଇଛନ୍ତି।

## ଦିଲ୍ଲୀରୁ ସିଧା ଶ୍ରୀନଗର ପହଞ୍ଚିବ ବନ୍ଦେ ଭାରତ ଟ୍ରେନ୍

### ପ୍ରଥମେ ଯାତ୍ରା କରିବେ ପ୍ରଧାନମନ୍ତ୍ରୀ ମୋଦି



**ନୂଆଦିଲ୍ଲୀ, ୩୦।୧୨:** କାଶ୍ମୀର ଘାଟୀକୁ ଭାରତର ଅବଶିଷ୍ଟ ଅଞ୍ଚଳର ସହ ସବୁ ସମୟରେ ଯୋଡ଼ି ରଖିବା ପାଇଁ, ସରକାର ଦୀର୍ଘ ଦିନରୁ କନେକ୍ଟିଭିଟି ଉପରେ କାମ କରୁଛନ୍ତି। ଏହି ଦିଗରେ ନୂଆବର୍ଷରେ ଦେଶକୁ ବଡ଼ ଉପହାର ମିଳିବାକୁ ଯାଉଛି। ଏହାକୁ ଭାରତୀୟ ରେଲୱେ ପାଇଁ ମଧ୍ୟ ଏକ ମାଇଲଖୁଣ୍ଟ ଭାବେ କୁହାଯାଉଛି। ଦିଲ୍ଲୀରୁ ଶ୍ରୀନଗରକୁ ସିଧା କନେକ୍ଟ କରୁଥିବା ରେଳ ଲାଇନ୍ ଜାନୁଆରୀରେ ଆରମ୍ଭ ହେବାକୁ ଯାଉଛି। ଏହି ରୁଟ୍‌ରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଭଳି ଲଗଜରି ଟ୍ରେନ ମଧ୍ୟ ଚଲାଇବାକୁ ପ୍ରସ୍ତୁତି ଚାଲିଛି। ସୂଚନା ଅନୁସାରେ, ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରା କରିବେ। ଉଦ୍‌ଘାଟନୀ ଦିନ ପିଏମ୍ ନରେନ୍ଦ୍ର ମୋଦି ଟ୍ରେନ୍‌ରେ ଯାତ୍ରା କରିବେ। ଏହି ସମ୍ବନ୍ଧରେ ବର୍ତ୍ତମାନ ଟ୍ରାଏଲ ଚାଲୁଛି। ଉତ୍ତର ରେଲୱେର ମୁଖ୍ୟ ପ୍ରବକ୍ତା ହିମାଂଶୁ ଶେଖର ଉପାଧ୍ୟାୟ ଏହି ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ,କଟରା- ରିୟାସିର ମଧ୍ୟରେ ୧୭ କିଲୋମିଟର ଲମ୍ବା ସେକ୍ସନରେ କାମ ଚାଲୁଛି। ଇଞ୍ଜନ, ରୋଡିରୁ ଲଦା ମାଲଗାଡ଼ିକୁ ଟେଷ୍ଟିଂ ଅନୁସାରେ ଏହି ରୁଟ୍‌ରେ ଚାଲିବ। ଅଞ୍ଜି ନଦୀ ଉପରେ ମଧ୍ୟ ଏହାକୁ ଚଲାଇ ଦେଖା ଯାଉଛି। ସେ କହିଛନ୍ତି, ଶେଷ ପରୀକ୍ଷଣ ଉତ୍ତର ସର୍କଲର ସେଫ୍ଟି କମିଶନରଙ୍କ ପକ୍ଷରୁ ୧୫ଜାନୁୟାରୀ ପୂର୍ବରୁ କୌଣସି ବି ସମୟରେ କରାଯିବ। ଏହାପରେ ପିଏମ୍ ନରେନ୍ଦ୍ର ମୋଦି ନିଜେ ଦିଲ୍ଲୀରୁ ଶ୍ରୀନଗର ଆସୁଥିବା ବନ୍ଦେ ଭାରତରେ ଯାତ୍ରା କରି ପାରନ୍ତି। ଉପାଧ୍ୟାୟ କହିଛନ୍ତି କି, କଟରାରୁ ରିୟାସୀ ମଧ୍ୟରେ ୧୭ କିଲୋମିଟର ଦୀର୍ଘ ସେକ୍ସନରେ କାମ ପୂରା ହୋଇ ସାରିଛି। ଏହା ବ୍ୟତୀତ ଏଠାରେ ସବୁଠୁ କଠିନ ଥିଲା ଟି-୩୩ ଟନେଲର ନିର୍ମାଣ। ଏହାକୁ ମଧ୍ୟ ଏବେ ପୂରା କରିନିଆ ଯାଇଛି। ରେଲୱେର ପ୍ରବକ୍ତା କହିଛନ୍ତି କି, ଯଦି ସେଫ୍ଟି ଅଡିଟ୍‌ରେ କୌଣସି ତ୍ରୁଟି ଦେଖା ଦେଲେ, ପୁଣି ଏହାକୁ ଦୂର କରିବାକୁ ପ୍ରୟାସ କରିଯିବ। ସେ କହିଛନ୍ତି, ସ୍ୱାଧୀନତା ପରେ ଏହା ପ୍ରଥମ ସୁଯୋଗ ହେବ, ଯେବେ କୌଣସି ପ୍ରୋଜେକ୍ଟ ମାଧ୍ୟମରେ କାଶ୍ମୀର ପ୍ରତି ଋତୁରେ ଭାରତର ଅବଶିଷ୍ଟ ଅଞ୍ଚଳ ସହ ଯୋଡି ହୋଇ ରହିବ।

### ଇତିହାସ ରଚିଲା ଇସ୍ରୋ

# ଅନ୍ତରୀକ୍ଷରେ ଦୁଇ ସ୍ପେଶକ୍ରାଫ୍ଟ



**ନୂଆଦିଲ୍ଲୀ, ୩୦।୧୨:** ଇତିହାସ ରଚିଲା ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ)। ସୋମବାର ରାତି ୧୦ରେ ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ଉତ୍କ୍ଷେପଣ କେନ୍ଦ୍ରରୁ ବହୁ ଆକାଂକ୍ଷୀତ ସ୍ପେଡେକ୍ସ ମିଶନ ଲଞ୍ଚ କରିଛି। ପୋଲାର ସାଟେଲାଇଟ ଲଞ୍ଚ ଭେଇକିଲ(ପିଏସଏଲଭି) - ସି ୬୦ ରକେଟ୍ ଦ୍ୱାରା ସଫଳ ଉତକ୍ଷେପଣ କରାଯାଇଛି। ପ୍ରଥମ ଲଞ୍ଚପ୍ୟାଡରୁ ମହାକାଶକୁ ୨ଟି ସ୍ପେଶକ୍ରାଫ୍ଟ ପଠାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ଉତ୍କ୍ଷେପର ପରେ ପିଏସ୍‌ଏଲ୍‌ଭି-ସି୬୦ ଠାରୁ ସ୍ପେଡେକ୍ସ ଏ ଓ ବି ବିଚ୍ଛିନ୍ନ ହୋଇଛନ୍ତି। ଉତ୍କ୍ଷେପଣର ପ୍ରାୟ ଦୁଇସପ୍ତାହ ପରେ ୨୨୦ କିଲୋ ଓଜନର ଚେଜର ଓ ଟାର୍ଗେଟ୍ ସ୍ପେଶକ୍ରାଫ୍ଟକୁ ଯୋଡ଼ିବ। ମିଶନ ସଫଳ ହେଲେ ସ୍ପେଶ ଡକିଂ ଓ ଅନ୍ ଡକ୍‌ିଂରେ ଭାରତ ଦୁନିଆର ଚତୁର୍ଥ ଦେଶ ହେବ। ରାତି ୯ଟା ୫୮ରେ ଉତକ୍ଷେପଣ ସ୍ଥିର କରା ଯାଇଥିଲା, କିନ୍ତୁ ରାତି ୧୦ରେ ଉତକ୍ଷେପଣ କରାଗଲା । ଭୂପୃଷ୍ଠରୁ ୪୭୦ କିଲୋମିଟର ଉଚ୍ଚତାରେ ଏକ ବୃତ୍ତାକାର କକ୍ଷପଥରେ ଦୁଇଟି ଯାକ ସ୍ପେଶକ୍ରାଫ୍ଟ ବୁଲୁଥିବା ବେଳେ, ଏହାକୁ ଡକିଂ ଓ ଅନଡକିଂ କରାଯିବ। ଏଥିସହ ଅନଡକିଂ ପୂର୍ବରୁ ଦୁଇଟି ସ୍ପେଶକ୍ରାଫ୍ଟ ମଧ୍ୟରେ ବିଦ୍ୟୁତ ଶକ୍ତି ଆଦାନପ୍ରଦାନ ହେବ। ଏହା ଖୁବ୍ ଜଟିଳ ପ୍ରକ୍ରିୟା ହୋଇଥିବା ବେଳେ, ଏଥିପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ କରିବ ଇସ୍ରୋ। ଚନ୍ଦ୍ରଯାନ-୪ ଏବଂ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନରେ ଏହି ଟେକନୋଲୋଜି ଖୁବ୍ ସହାୟକ ହେବ। ୨୦୩୫ ସୁଦ୍ଧା ମହାକାଶରେ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ନିର୍ମାଣ ପାଇଁ ଟାର୍ଗେଟ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତେବେ କେବଳ ଏତିକି ନୁହେଁ, ପିଏସଏଲ୍‌ଭି-ସି୬୦ ରକେଟ୍ ର ଚତୁର୍ଥ ଷ୍ଟେଜ ପଏମ୍-୪ ମଡ୍ୟୁଲରେ ୨୪ଟି ପେଲୋଡ୍ ମହାକାଶକୁ ପଠାଇବ ଇସ୍ରୋ। ଏହି ଯନ୍ତ୍ର ଗୁଡ଼ିକ ସହାୟତାରେ ମହାକାଶରେ ଝୁଡ଼ଙ୍ଗ ମଞ୍ଜି ଗଜା କରାଯିବ, ପାଳସ୍ଥଳୀ ଓ ଅନ୍ତନଳୀର ଜୀବାଣୁ ବଂଶବୃଦ୍ଧି ଅନୁଧ୍ୟାନ କରାଯିବ, ଶାଗ ପତ୍ରରେ ଉଦ୍ଭିଦ କୋଷର ବିକାଶ ଅନୁଧ୍ୟାନ କରାଯିବ। ଏଥିସହ ପଏମ୍ ଏକ୍ସପେରିମେଣ୍ଟରେ ୱାକିଂ ରୋବଟ୍ ଆର୍ମ ଏବଂ ମହାକାଶରୁ ବର୍ଜ୍ୟ ସଂଗ୍ରହ ପାଇଁ ରୋବଟ୍ ମଧ୍ୟ ପରୀକ୍ଷଣ କରାଯିବ।

# ମେଲବର୍ଣ୍ଣରେ ଭାରତର ଶୋଚନୀୟ ପରାଜୟ

## ୧୮୪ ରନରେ ଜିତିଲା ଅଷ୍ଟ୍ରେଲିଆ



**ମେଲବର୍ଣ୍ଣ, ୩୦ା୧୨:** ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ଭାରତ ଶୋଚନୀୟ ଭାବେ ପରାସ୍ତ ହୋଇଛି। ମେଲବର୍ଣ୍ଣରେ ଖେଳାଯାଇଥିବା ଏହି ମ୍ୟାଚରେ ୧୮୪ ରନରେ ପରାଜୟ ସହିତ ଭାରତୀୟ ଦଳ ସିରିଜରେ ୨-୧ରେ ପଛରେ ପଡିଛି। କେବଳ ଏତିକି ନୁହେଁ, ବକ୍ସିଂ ଡେ ଟେଷ୍ଟରେ ପରାଜୟ ସହ ରୋହିତ ବାହିନୀ ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପହଞ୍ଚିବା ଆଶା ମଧ୍ୟ ଏକ ପ୍ରକାର ମଉଳି ଯାଇଛି। ଏହି ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରଥମ ଇନିଂସରେ ୪୭୪ ରନର ବିଶାଳ ସ୍କୋର କରିଥିଲା ଘରୋଇ ଦଳ। ଯେଉଁଥିରେ ଷ୍ଟିଭ୍ ସ୍ମିଥଙ୍କ ୧୪୦ ରନର ଶତକୀୟ ପାଳି ସାମିଲ ଥିଲା। ଏହାର ଜବାବରେ ଭାରତୀୟ ଦଳ ପ୍ରଥମ ଇନିଂସରେ ୩୬୯ ରନ୍ ହିଁ କରିପାରିଥିଲା। ୨୧ ବର୍ଷୀୟ ନୀତୀଶ କୁମାର ରେଡ୍ଡୀ ଭାରତ ପାଇଁ ୧୧୪ ରନର ଦମଦାର ଶତକୀୟ ଇନିଂସ ଖେଳିଥିଲେ। ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ଶତକ ଥିଲା। ତେବେ କଙ୍ଗାରୁ ଦଳ ପ୍ରଥମ ଇନିଂସ ଆଧାରରେ ଭାରତୀୟ ଦଳ ଉପରେ ୧୦୫ ରନ୍ ଅଗ୍ରଣୀ ହାସଲ କରିଥିଲା। ଏହି ମ୍ୟାଚର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ମାର୍ନୁସ୍ ଲାବୁସେନଙ୍କ ୭୦ରନ୍ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ନାଥାନ୍ ଲାୟନଙ୍କ ୪୧-୪୧ ରନର ପାଳି ବଳରେ ୨୩୪ ରନ୍ ସଂଗ୍ରହ କରି ଭାରତ ଉପରେ ୩୩୯ ରନର ଅଗ୍ରଣୀ ହାସଲ କରିଥିଲା ଘରୋଇ ଦଳ। ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ୍ ଇଣ୍ଡିଆ ଆଗରେ ଏହି ମ୍ୟାଚ୍ ଜିତିବା ପାଇଁ ୩୪୦ ରନର ଲକ୍ଷ୍ୟ ରହିଥିଲା। ହେଲେ ଯୁବ ଓପନର ଜୈସୱାଲ(୮୪)ଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ପ୍ରାୟ ନିରାଶ କରିଥିଲେ।

ଋଷଭ ପନ୍ତ ୩୦ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିବାବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ବି ଛୁଇଁପାରିନଥିଲେ। ଫଳରେ ଆଜି ମ୍ୟାଚର ଅନ୍ତିମ ଦିନରେ ଦ୍ୱିତୀୟ ଇନିଂସରେ ୭୯.୧ ଓଭର ଖେଳି କେବଳ ୧୫୫ ରନରେ ସମସ୍ତ ୱିକେଟ ହରାଇଛି ଭାରତ। ଏହା ସହିତ ୧୩ ବର୍ଷ ହେବ ବକ୍ସିଂ ଡେ ଟେଷ୍ଟରେ ଭାରତଠାରୁ ଜିତିନଥିବା ଅଷ୍ଟ୍ରେଲିଆ ଏହି ପରାଜୟ ଧାରାକୁ ଭାଙ୍ଗି ୧୮୪ ରନରେ ଏହି ମ୍ୟାଚ୍ ଜିତିନେଇଛି।

## ଚର୍ଚ୍ଚାରେ ଜୈସୱାଲଙ୍କ ଆଉଟ

**ମେଲବର୍ଣ୍ଣ, ୩୦ା୧୨:** ମେଲବର୍ଣ୍ଣରେ ଖେଳା ଯାଇଥିବା ବକ୍ସିଂ ଡେ ଟେଷ୍ଟର ଅନ୍ତିମ ଦିନରେ DRS ବିବାଦ ତୀବ୍ର ରୂପ ନେଇଛି। ଟିମ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସୱାଲଙ୍କୁ ତୃତୀୟ ଅମ୍ପାୟାର ଆଉଟ ଦେବା ପରେ ବିବାଦ ସୃଷ୍ଟି ହୋଇଛି। ଶେଷରେ ଦିନରେ ମ୍ୟାଚ୍ ବଞ୍ଚାଇବାକୁ ଭାରତ ଚେଷ୍ଟା କରୁଥିବା ବେଳେ ଅଷ୍ଟ୍ରେଲିଆ ଆଗରେ ଜୈସୱାଲ ଖୁଣ୍ଟ ଭାବେ ଛିଡ଼ା ହୋଇଥିଲେ। କିନ୍ତୁ ତାଙ୍କୁ ବିବାଦୀୟ ଢଙ୍ଗରେ ଆଉଟ ଘୋଷଣା ଯିବା ନିଷ୍ପତ୍ତି ବିଶ୍ୱ କ୍ରିକେଟରେ ଚହଳ ସୃଷ୍ଟି କରିଛି। ସ୍ନିକୋ ମିଟରରେ ବଲ ତାଙ୍କ ବ୍ୟାଟରେ ବାଜି ନଥିବା ଦେଖାଇଥିଲେ ହେଁ ତୃତୀୟ ଅମ୍ପାୟାର ତାଙ୍କୁ ଆଉଟ ଘୋଷଣା କରିଥିଲେ। ପୂରା ବିବାଦ ୭୧ତମ ଓଭରରେ ଦେଖିବାକୁ ମିଳିଥିଲା। ଜୈସୱାଲ ୮୪ ରନରେ ବ୍ୟାଟିଂ କରୁଥିଲେ। ସେ ପାଟ କମିନ୍ସଙ୍କ ବଲକୁ ପୁଲ ମାରିବାକୁ ଚେଷ୍ଟା କରିଥିଲେ ହେଁ ଏହା ଲେଗ ସାଇଡରେ ଯାଇ ୱିକେଟ କିପର ଆଲେକ୍ସ କେରୀଙ୍କ ଗ୍ଲୋବ୍ସରେ ପଡ଼ିଥିଲା। ବଲ ଯଶସ୍ୱୀଙ୍କ ଗ୍ଲୋବ୍ସରେ ବାଜିଥିବା ଭାବି କେରୀ ଓ କମିନ୍ସ ଜୋରଦାର ଅପିଲ କରିଥିଲେ। ଅନ ଫିଲ୍ଡ ଅମ୍ପାୟାର ଜୁଏଲ ୱିଲସନ କିନ୍ତୁ ଆଉଟ ଦେଇ ନଥିଲେ। ତେବେ ଏହା ବିରୋଧରେ କମିନ୍ସ ଡିଆରଏସର ବ୍ୟବହାର କରିଥିଲେ। ଏହି ଠାରୁ ଆରମ୍ଭ ହୋଇଥିଲା ବିବାଦ। ଡିଆରଏସ ବଳରେ ବେଶ କିଛି ସମୟ ତୃତୀୟ ଅମ୍ପାୟାର ଚେକ କରିଥିଲେ। ଅଲ୍ଟ୍ରା ଏଡେଜରେ ଦେଖିବାକୁ ମିଳିଥିଲା ଯେ ବଲ ବ୍ୟାଟକୁ ଅତିକ୍ରମ କରିବା ବେଳେ କୌଣସି ସ୍ପାଇକ ଦେଖାଯାଇ ନଥିଲା। ତଥାପି ତୃତୀୟ ଅମ୍ପାୟାର ଶର୍ଫୁଦୌଲା ସୈକତ ଭିଜୁଆଲ ପ୍ରମାଣ ଆଧାରରେ ଜୈସୱାଲଙ୍କୁ ଆଉଟ ଘୋଷଣା କରିଥିଲେ। ବଲ ବ୍ୟାଟ ଅତିକ୍ରମ କରିବା ବେଳେ ଡିଫ୍ଲେକ୍ଟ ବା ସାମାନ୍ୟ ଦିଗ ବଦଳାଇ ଥିବାରୁ, ସେହି ଆଧାରରେ ସୈକତ ନିଜର ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ପରେ ଅଷ୍ଟ୍ରେଲିଆର ଖେଳାଳିମାନେ ଉତ୍ସାହିତ ହୋଇପଡ଼ିଥିବା ବେଳେ ଜୈସୱାଲ ପୂରା ସ୍ତବ୍ଧ ହୋଇଯାଇଥିଲେ। ଭାଷ୍ୟକାରମାନେ ମଧ୍ୟ ତୃତୀୟ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ଲାଇଭ ଟିଭି ଶୋ'ରେ ସମାଲୋଚନା କରିଛନ୍ତି।




ଅନ୍ୟପକ୍ଷରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ତୃତୀୟ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ତାଙ୍କ କହିବା କଥା ଯେ ସ୍ନିକୋ ମିଟରରେ ବଲ ବ୍ୟାଟରେ ବାଜିଥିବା ଜଣାପଡୁନି। କିନ୍ତୁ ଖାଲି ଆଖିରେ ଦେଖିଲେ ବଲ ଯଶସ୍ୱୀଙ୍କ ବ୍ୟାଟରେ ମାଡ଼ ହୋଇଥିବା ଭଳି ଲାଗୁଛି। କିନ୍ତୁ ସେ ଯାହା ବି ହେଉ ନିଷ୍ପତ୍ତିର ଭୁଲ ପକ୍ଷରେ ରହିଛୁ ବୋଲି ସେ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଭାରତ ଜିତିଥିବା ପର୍ଥ ଟେଷ୍ଟରେ ମଧ୍ୟ କେଏଲ ରାହୁଲ ବିବାଦୀୟ ଢଙ୍ଗରେ ଆଉଟ ହୋଇଥିଲେ। ଡିଆରଏସରେ ଏଡେଜ ଦେଖାଯିବାକୁ ତାଙ୍କୁ ଆଉଟ ଘୋଷଣା କରାଯାଇଥିଲେ। ସେତେବେଳେ ଭିଜୁଆଲ ପ୍ରମାଣକୁ ବିଚାରକୁ ନିଆଯାଇ ନଥିଲେ। ବଲ ରାହୁଲଙ୍କ ବ୍ୟାଟ ଅତିକ୍ରମ କରିବା ବେଳେ ଏହା ପ୍ୟାଡ୍ ପାଖରେ ଥିଲେ। ରାହୁଲଙ୍କ କହିବା କଥା ଯେ ବଲ ବ୍ୟାଟକୁ ଅତିକ୍ରମ କରିବା ବେଳେ ଏହା ପ୍ୟାଡରେ ମାଡ଼ ହୋଇଥିଲା। ତେଣୁ ସ୍ନିକୋ ମିଟରରେ ଏଡଜ ଦେଖାଇଥିଲା। ତଥାପି ସ୍ନିକୋ ମିଟର ଆଧାରରେ ସେ ଆଉଟ ହୋଇଥିଲେ। ଏବେ ୪ର୍ଥ ଟେଷ୍ଟରେ ସ୍ନିକୋ ମିଟର ବଦଳରେ ଭିଜୁଆଲ ପ୍ରମାଣକୁ ବିଚାରକୁ ନିଆଯିବା ସମସ୍ତଙ୍କୁ ଚକିତ କରିଛି।

## ଅମିତଙ୍କୁ ସୁଟ୍‌ଆଉଟ୍ କଲେ ହର୍ମନପ୍ରୀତ



**ରାଉରକେଲା, ୩୦ା୧୨:** ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ରବିବାର ହକି ଇଣ୍ଡିଆ ଲିଗ୍‌ର ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ ୩-୨ ଗୋଲରେ ହାଇଦ୍ରାବାଦ ତୁଫାନ୍ସକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ସୁର୍‌ମା ହକି କ୍ଲବ୍ ୪-୧ (୧-୧) ସୁଟ୍‌ଆଉଟ୍‌ରେ ଓଡ଼ିଆ ପୁଅ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ସୁର୍‌ମା ହକି କ୍ଲବ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଘନଘନ ଆକ୍ରମଣ ପ୍ରତିଆକ୍ରମଣ ସତ୍ତ୍ୱେ ପ୍ରଥମ ତିନି କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଚତୁର୍ଥ କ୍ୱାର୍ଟର କିନ୍ତୁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ତାମିଲନାଡୁର ନାଥନ ଏଫ୍ରାମ୍‌ସ ୪୯ତମ ମିନିଟ୍‌ରେ ଏକ ପେନାଲ୍‌ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିବର୍ତ୍ତନ କରି ଦଳକୁ ଆଗୁଆ କରିଥିଲେ। ତେବେ ୫୪ତମ ମିନିଟ୍‌ରେ ସୁର୍‌ମା ହକି କ୍ଲବ୍‌ର ଗୁର୍ଜାନ୍ତ ସିଂହ ଗୋଲ୍ ଶୁଝି ଦେଇଥିଲେ। ଶେଷସୁଦ୍ଧା ଆଉ କେହି କାହାରିକୁ ଗୋଲ୍ ଦେଇ ନପାରିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍‌ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କିନ୍ତୁ ସୁର୍‌ମା ବାଜିମାରି ନେଇଥିଲା। ପ୍ରଥମ ମ୍ୟାଚ୍‌ର ବିଜୟୀ ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂହ (୯), ସୁଖଜିତ ସିଂହ (୨୦) ଓ ଆଫାନ ୟୁସୁଫ (୩୬) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ହାଇଦ୍ରାବାଦ ତୁଫାନ୍ସର ତିମୋଥି ଡାନିଏଲ(୪୧) ଓ ଆର୍ଥର ଡି' ସ୍ଲୁଭର(୫୯) ଗୋଟିଏ ଲେଖାଏଁ ଗୋଲ୍ ଶୁଝି ଥିଲେ।

## ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ ବିଜେତା

### ଏକ୍ସେଲ୍ ଶିଲ୍ଡ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ୨୦୨୪

**ଭୁବନେଶ୍ୱର,୩୦ା୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ସେଣ୍ଟ ଯୋଶେଫ ହାଇସ୍କୁଲ ପଡିଆରେ ରବିବାର ଦିନ ଅନୁଷ୍ଠିତ ହୋଇଥିବା ଏକ୍ସେଲ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ର ଫାଇନାଲ ରୋମାଞ୍ଚକର ମ୍ୟାଚରେ ସହିଦ ସ୍ପୋର୍ଟିଂ କ୍ଲବକୁ ୧୮ ରନରେ ହରାଇ ଚାମ୍ପିଅନ୍ସ ଟ୍ରଫି ହାସଲ କରିଛି ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ । ଫାଇନାଲ ମ୍ୟାଚରେ ଉଭୟ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା । ଟସ୍ ଜିତି ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୮୧ ରନ ଟାର୍ଗେଟ୍ ଦେଇଥିଲା, ଯାହାକୁ ସହିଦ ସ୍ପୋର୍ଟିଂ ଦଳକୁ ମୁକାବିଲା କରିବା କଷ୍ଟକର ହୋଇପଡ଼ିଥିଲା । ସପ୍ତାହବ୍ୟାପୀ ଚାଲିଥିବା ଏକ୍ସେଲ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪, ଚାମ୍ପିଅନ୍ସ ଟ୍ରଫିରେ ୧୪ ବର୍ଷରୁ କମ୍ ବୟସ ଶୃଙ୍ଖଳା ଚମ୍ପିଆନସିପ୍‌ରେ ଓଡ଼ିଶାରୁ ୧୬ ଟି କ୍ରିକେଟ୍ ଟିମ୍ ଭାଗ ନେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚ ଡିସେମ୍ବର ୨୯ ତାରିଖରେ ଖେଳା ଯାଇଥିଲା । ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ଅନ୍ତର୍ଜାତୀୟ ଆଥଲେଟ୍ ତଥା ସ୍ପ୍ରିଣ୍ଟର ଅନୁରାଧା ବିଶ୍ୱାଳ, ବିଶିଷ୍ଟ ରାଜନେତା ଜଗନ୍ନାଥ ପ୍ରଧାନ, ଭାରତୀୟ କରାଟେ ଖେଳାଳି



ଭାଲେନା ଭାଲେଣ୍ଟିନା, ପାରା ଆଥଲେଟ୍ ରାଖାଲ କୁମାର ସେଠୀ, ସେଣ୍ଟ ଯୋଶେଫ ହାଇସ୍କୁଲର ସଂଯୋଜିକା ଜୟନ୍ତୀ ସାମୁଏଲ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଟିବିଟି ଅନସାରୀ, ତାମିଲ ସଙ୍ଘର ସାଧାରଣ ସମ୍ପାଦକ ଡ. ଗୌର ଚନ୍ଦ୍ର ମହାପାତ୍ର, ସଭାପତି ଏକ୍ସେଲ କ୍ରିକେଟ ଏକାଡେମୀ ଡ଼ଃ ରଘୁନାଥ ରାଓ ବିଜେତା ଦଳ ଓ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶାର ବର୍ଷର ସବୁଠାରୁ ଉଦୀୟମାନ କ୍ରିକେଟରଙ୍କୁ ପୁରସ୍କୃତ କରିବା ପାଇଁ ଏକ୍ସେଲ କ୍ରିକେଟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି ଏବଂ ଚଳିତ ବର୍ଷ ସୟଦ ତୁଫୈଲ ଅହମ୍ମଦଙ୍କୁ ଏହି ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୭ ବର୍ଷ...

ଆରମ୍ଭ କରୁଛନ୍ତି ତାହା କୌଣସି ନା କୌଣସି କାରଣରୁ ଅଟକି ଯାଉଛି । ଯେଉଁମାନଙ୍କ ନାମ ନୋଡାଲ ଅଫିସର ପଦବୀ ପାଇଁ ଯାଉଛି ତାଙ୍କ ନାମରେ ହଠାତ୍ ଅଭିଯୋଗ ଆସିବା ସହିତ ବେନାମୀ ପିଟିସନ ପଡୁଛି । ତେଣୁ ତାହା ସେହିଠାରେ ହିଁ ଅଟକି ଯାଉଛି । ପ୍ରାୟ ୧୦ବର୍ଷ ହେଲା ବୋର୍ଡରେ ଏହି ପାଲା ଚାଲିଛି ।

ସିଆ ଭଳି ଗୁରୁତ୍ୱପୂର୍ଣ୍ଣ କମିଟିର ନୋଡାଲ ଅଫିସର ବଦଳୁନଥିବାରୁ ରାଜ୍ୟକୁ ଆସୁଥିବା ନୂତନ ପ୍ରକଳ୍ପର ପରିବେଶ ଆକଳନ କିଭଳି ହେଉଥିବ ତାହା ସହଜରେ ଅନୁମେୟ ବୋଲି ଆଲୋଚନା ଚାଲିଛି । ବର୍ତ୍ତମାନ ରାଜ୍ୟର ନୂଆ ସରକାର ଓଡିଶାକୁ ନୂତନ ପ୍ରକଳ୍ପ ଆଣିବାଲାଗି ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି । ଏଥିପାଇଁ ଉତ୍କର୍ଷ ଓଡିଶା ଭଳି କାର୍ଯ୍ୟକ୍ରମ ଆୟୋଜନ ହେଉଛି । ତେଣୁ ନୂତନ ପ୍ରକଳ୍ପମାନ ଓଡିଶାକୁ ଆସିବା ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସିଆ କମିଟିର ପୁର୍ନଗଠନ ପାଇଁ ମତପ୍ରକାଶ ପାଉଛି। ଉଲ୍ଲେଖନୀୟ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଟି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧିନରେ ଥିବାବେଳେ ଖୋଦ୍ ମୁଖ୍ୟ ଶାସନ ସଚିବ ଏହାର ଅଧ୍ୟକ୍ଷ ଅଛନ୍ତି । ଏଭଳି ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ସିଆ କମିଟିରେ ୧୭ବର୍ଷ ଧରି ଜଣେ ନୋଡାଲ ଅଫିସର ରହିବା ଏବେ ଅନେକଙ୍କୁ କେବଳ ଆଶ୍ଚର୍ଯ୍ୟ କରୁନାହିଁ ଏହା ପୂର୍ବ ସରକାରରେ ଥିବା ବାବୁମାନଙ୍କର କାରସାଦି ବୋଲି କହି ଆଲୋଚନାକୁ ଖୋରାକ ଯୋଗାଉଛି ।

### ବୀମା କମ୍ପାନୀଙ୍କୁ...

ବର୍ଷାଯୋଗୁଁ କଟା ହୋଇ ଜମିରେ ଥିବା ଧାନ ଫସଲର କ୍ଷତି ହୋଇଥିଲେ, କ୍ଷତିପୂରଣ ବାବଦରେ ସୂଚନା ଦେବା ନିମନ୍ତେ କୃଷି ରକ୍ଷକ ହେଲ୍ପଲାଇନ ନମ୍ବର ୧୪୪୪୭ କିମ୍ବା କୃଷି ରକ୍ଷକ ଆପ୍ କିମ୍ବା କ୍ରପ ଇନ୍‌ସ୍ୟୁରାନ୍ସ ଆପ୍ ଅଥବା ପିଏମ୍ଏଫ୍‌ବିୱାଇ ହ୍ୱାଟ୍ସଆପ୍ ନମ୍ବର୍ ୭୦୬୫୫୧୪୪୪୭ ରେ ତୁରନ୍ତ ଯୋଗାଯୋଗ କରିବା ପାଇଁ ଚାଷୀଙ୍କୁ ଅନୁରୋଧ କରିଛନ୍ତି। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ସୂଚନା ଦେବାର ଅବଧିକୁ ୧ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ କେନ୍ଦ୍ର ସରକାର ବଢ଼ାଇଛନ୍ତି ।

### ବୀମାଭୁକ୍ତ ...

ହୋଇ ନ ଥିବା ଚାଷୀଙ୍କୁ ସହାୟତା ଦେବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଧାନ ସହିତ ପନିପରିବା, କପା, ଚିନାବାଦାମ ଫସଲ ମଧ୍ୟ କ୍ଷତି ହୋଇଛି। ପନିପରିବା ଓ କପା ଚାଷୀ ବୀମା କରିନାହାନ୍ତି। ଭାଗ ଚାଷୀ କିମ୍ବା ଅନ୍ୟ ଯେଉଁଚାଷୀ ବୀମାଭୁକ୍ତ ହୋଇନାହାନ୍ତି ସେମାନଙ୍କୁ ରାଜ୍ୟ ସରକାର ସିଧାସଳଖ ସହାୟତା ଦେବାକୁ ବିଚାର କରୁଛନ୍ତି। ସମସ୍ତଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବ। ଅଦିନିଆ ବର୍ଷା କ୍ଷୟକ୍ଷତି ଏବେ ପ୍ରାକୃତିକ ବିପର୍ଯ୍ୟୟ ପରିଧି ଭିତରେ ନାହିଁ। ଏହାକୁ ପ୍ରାକୃତିକ ବିପର୍ଯ୍ୟୟର ପରିଧିକୁ ଆଣିବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏ ଦିଗରେ ଅନୁଧ୍ୟାନ ଆରମ୍ଭ କରିଛନ୍ତି। ବୀମା କରିଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବୀମାକମ୍ପାନୀଗୁଡ଼ିକ ସହ ସରକାର ଯୋଗାଯୋଗରେ ଅଛନ୍ତି । ୨ଲକ୍ଷ ଚାଷୀ ବୀମା କମ୍ପାନୀଙ୍କୁ ଅଭିଯୋଗ ଜଣାଇ ସାରିଲେଣି। ଧାନ ଚାଷ ଆରମ୍ଭଠାରୁ ମଣ୍ଡିକୁ ଯିବା ପର୍ଯ୍ୟନ୍ତ ତାହା ବୀମା ପରିସରଭୁକ୍ତ ହେବା କଥା। ଅତୀତରେ ବୀମାକମ୍ପାନୀଗୁଡ଼ିକ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। କିନ୍ତୁ ବିଜେପି ସରକାର ଅମଳରେ ବୀମାକମ୍ପାନୀଗୁଡ଼ିକ ଉଚିତ୍ ସମୟରେ କ୍ଷତିପୂରଣ ନ ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚାଷୀଙ୍କୁ ବୀମା କମ୍ପାନୀମାନେ ଠକି ପାରିବେ ନାହିଁ ବୋଲି ଶ୍ରୀ ପୂଜାରୀ ସ୍ପଷ୍ଟ କରିଛନ୍ତି।

### ଚନ୍ଦ୍ରବାବୁ...

ଥିଲା, ଯାହା ଭାରତର ହାରାହାରି ପ୍ରତିବ୍ୟକ୍ତି ଆୟର ପାଖାପାଖି ୭.୩ଗୁଣାରୁ ବି ଅଧିକ। ଦେଶର ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ମୋଟ ସମ୍ପତ୍ତି ୧,୬୩୦ କୋଟି ଟଙ୍କା।

ଏଥିରେ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ୩୩୨କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ସହ ଦେଶର ଧନୀ ମୁଖ୍ୟମନ୍ତ୍ରୀ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧ ରମୈୟା ୫୧କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ସହ ଧନୀ ମୁଖ୍ୟମନ୍ତ୍ରୀଙ୍କ ସୂଚୀର ତୃତୀୟ ସ୍ଥାନରେ ଅଛନ୍ତି। ଏହା ଛଡା ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କର ୪୧ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ନିଜର ବାର୍ଷିକ ଆୟ ୨୪ ଲକ୍ଷ ଟଙ୍କାରୁ ବି ଅଧିକ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କର ମୋଟ ସମ୍ପତ୍ତି ୨୫କୋଟି ୩୩ଲକ୍ଷ ଟଙ୍କାରୁ ଅଧିକ। ଏହାଛଡା ତାଙ୍କର ବ୍ୟକ୍ତିଗତ ଆୟ ୨୨ଲକ୍ଷ ଟଙ୍କାରୁ ବି ଅଧିକ। ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ୫୫ଲକ୍ଷ ଟଙ୍କାର ମୋଟ ସମ୍ପତ୍ତି ସହ ମମତାଙ୍କ ପରେ ଗରିବ ମୁଖ୍ୟମନ୍ତ୍ରୀ ସୂଚୀର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ କେରଳ ମୁଖ୍ୟମନ୍ତ୍ରୀ ପି.ବିଜୟନ ୧.୧୮କୋଟି ଟଙ୍କାର ସମ୍ପତ୍ତି ସହ ତୃତୀୟ ସବୁଠୁ କମ ସମ୍ପତ୍ତି ସମ୍ପନ୍ନ ମୁଖ୍ୟମନ୍ତ୍ରୀ ବୋଲି ରିପୋର୍ଟରୁ ଜଣାପଡ଼ିଛି।

ସେହିପରି ଋଣୀ ମୁଖ୍ୟମନ୍ତ୍ରୀଙ୍କ ସୂଚୀରେ ପେମା ଖାଣ୍ଡୁ ୧୮୦ କୋଟି ଟଙ୍କାର ଋଣ ସହିତ ପ୍ରଥମ ସ୍ଥାନରେ ଅଛନ୍ତି। ତାଙ୍କ ପଛକୁ ସିଦ୍ଧରମୈୟା ୨୩ କୋଟି ଟଙ୍କା ଋଣ କରିଥିବା ବେଳେ ଚନ୍ଦ୍ରବାବୁ ନାୟଡୁଙ୍କ ଉପରେ ୧୦ କୋଟି ଟଙ୍କାର ଋଣ ଭାର ରହିଛି। ତେବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମୋଟ ସମ୍ପତ୍ତି ୧କୋଟି ୫୪ଲକ୍ଷ ୯୪ ହଜାର ୫୪ଟଙ୍କା ହୋଇଥିବା ବେଳେ ତାଙ୍କ ବ୍ୟକ୍ତିଗତ ଆୟ ୧୩ଲକ୍ଷ ଟଙ୍କାରୁ ବି ଅଧିକ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ମୋଟ ସମ୍ପତ୍ତି ୧କୋଟି ୪୬ଲକ୍ଷ ୫୬ ହଜାର ୬୬୬ ଟଙ୍କା ହୋଇଥିବା ବେଳେ ତାଙ୍କର ବ୍ୟକ୍ତିଗତ ଆୟ ୬ଲକ୍ଷ ଟଙ୍କାରୁ ଅଧିକ।

### ନିରାଡ଼ମ୍ବର...

ନବବର୍ଷରେ କୌଣସି ପ୍ରକାରର ଫୁଲତୋଡ଼ା, ଡାଏରୀ କିମ୍ବା ଅନ୍ୟାନ୍ୟ ଦ୍ରବ୍ୟ ସାଙ୍ଗରେ ନେଇ ନଆସିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ନୂଆବର୍ଷ ପାଳିବେ ନାହିଁ ବୋଲି ସୂଚନା ଦେଇଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକ ପାଇଁ ଦେଶରେ ୭ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି । ଏହି ରାଷ୍ଟ୍ରୀୟ ଶୋକକୁ ସମ୍ମାନ ଜଣାଇ ସରକାରୀ ନିୟମ ଅନୁସାରେ କୌଣସି ପ୍ରକାରର ଉତ୍ସବ ପାଳନ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ତେଣୁ ନବବର୍ଷରେ ତାଙ୍କ ନିକଟକୁ କୌଣସି ପ୍ରକାରର ଫୁଲତୋଡ଼ା, ଡାଏରୀ କିମ୍ବା ଅନ୍ୟାନ୍ୟ ଦ୍ରବ୍ୟ ସାଙ୍ଗରେ ନନେଇ ଆସିବାକୁ ସେ ଅନୁରୋଧ କରିଛନ୍ତି।

### ପୁଲିସ୍ ଜାଲରେ...

ଅଫିସ ଖୋଲି ଖଣି ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ବିଲଡର ସମସ୍ତଙ୍କୁ ଲୁଟୁଥିଲେ। ଏପରିକି ହାଇପ୍ରୋଫାଇଲ ଲୋକଙ୍କ ସହ ଫଟୋ ଏଡିଟ କରି ଲୋକଙ୍କୁ ଚୂନା ଲଗାଉଥିଲେ। କୋଟି କୋଟି ଟଙ୍କା ଚୂନ ଲଗାଇ ହାଇପ୍ରୋଫାଇଲ ଲାଇଫ ମେଣ୍ଟନ କରୁଥିଲେ।

ଇନ୍‌ଫୋସିଟି ଥାନା ଏକ ଦାମୀ ଆପାର୍ଟମେଣ୍ଟରେ ରହୁଥିଲେ। ଯାହାକୁ ନେଇ ଏକାଧିକ ଅଭିଯୋଗ ଆସିବା ପରେ ଏହି ଜାଲିଆ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୋଲିସ। ଗିରଫ ପରେ ତାଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ତେଣୁ ଏଭଳି ଠକେଇର ସମ୍ମୁଖୀନ ହୋଇଥିଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରିବାକୁ କହିଛନ୍ତି ଅତିରିକ୍ତ ଡିସିପି ସ୍ୱରାଜ ଦେବତା। ରଘୁନାଥପୁରରେ ଥିବା ଅନିଲଙ୍କ ଅଫିସରେ ପହଁଚିଛି ପୋଲିସ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ସିଜ କରିଛି । ଭିନ୍ନ ଭିନ୍ନ ଆଳରେ କାମ କରାଇଦେବାକୁ କହି ଲୋକଙ୍କୁ ସେମାନେ କୋଟି କୋଟି ଟଙ୍କା ଠକିଥିବା ତଦନ୍ତ ବେଳେ ଜାଣିବାକୁ ପାଇଛି ପୋଲିସ ।

### ଫେବୃଆରୀରୁ...

୪୯ ପ୍ରକାର ମେଡିକାଲ ସେବା ସହ ମେଡିକାଲରୁ ଡିସାର୍ଜ ହେବା ପରର ୧୫ ଦିନ ପର୍ଯ୍ୟାନ୍ତ ମଧ୍ୟ ମେଡିସିନ ସୁବିଧା ରହିଛି। ତେବେ ଓଡିଶାରେ ଯଦି ଯୋଜନାର ମିଶ୍ରଣ ହୁଏ, ତାହାହେଲେ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ଓ ଆୟୁଷ୍ମାନ ଭାରତରେ ୩୩ ଲକ୍ଷ ପରିବାର ରହିବେ।

● ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍

## ଫାଇନାଲରେ ପହଞ୍ଚିବା ଆଶା କ୍ଷୀଣ




**ମେଲବର୍ଣ୍ଣ, ୩୦ା୧୨:** ଆସନ୍ତାବର୍ଷ ଖେଳାଯିବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରଥମ ଦଳ ଭାବେ ଦକ୍ଷିଣ ଆଫ୍ରିକା ପ୍ରବେଶ କରି ସାରିଛି। ଅନ୍ୟପଟେ ବକ୍ସିଂ ଡେ ଟେଷ୍ଟରେ ୧୮୪ ରନରେ ଅଷ୍ଟ୍ରେଲିଆ ଠାରୁ ହାରିବା ପରେ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ୍ ଖେଳିବା ଆଶା ଏକ ପ୍ରକାର ମଉଳି ଯାଇଛି। କାରଣ ଏହି ପରାଜୟ ସହ ପଏଣ୍ଟ୍ ଟେବୁଲର ତୃତୀୟ ସ୍ଥାନରେ ଥିବା ଭାରତର ପଏଣ୍ଟ ଶତକଡ଼ା ୫୨.୭୭କୁ ଖସି ଆସିଛି।

ଅନ୍ୟପଟେ ଅଷ୍ଟ୍ରେଲିଆର ସ୍ଥିତି କିନ୍ତୁ ବେଶ ଦୃଢ଼ ହୋଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ୨୫ ଦୌଡ଼ର ଦଶମ ବିଜୟ ସହ ଦ୍ୱିତୀୟରେ ଥିବା ଅଷ୍ଟ୍ରେଲିଆର ପଏଣ୍ଟ ଶତକଡ଼ା ୬୧.୪୫ରେ ପହଞ୍ଚିଛି। ତେଣୁ ଜାନୁଆରୀ ୩ରେ ସିଡନୀରେ ଆରମ୍ଭ ହେବାକୁ ଥିବା ବର୍ଡର ଗାଭାସ୍କର ଟ୍ରଫିର ଅନ୍ତିମ ମ୍ୟାଚ୍ ଜିତିଲେ କିମ୍ବା ଡ୍ର କରିଲେ ମଧ୍ୟ ଅଷ୍ଟ୍ରେଲିଆ ନିର୍ଦ୍ୱନ୍ଦ୍ୱରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଯିବ। ଯଦି ଏହି ମ୍ୟାଚ୍ ଅଷ୍ଟ୍ରେଲିଆ ହାରିଯାଏ, ତେବେ ଜାନୁଆରୀରେ ଶ୍ରୀଲଙ୍କା ସହ ଖେଳିବାକୁ ଥିବା ଦୁଇଟି ଟେଷ୍ଟ ମ୍ୟାଚରୁ କେବଳ ଗୋଟିଏ ବିଜୟ କଙ୍ଗାରୁ ଦଳକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପହଞ୍ଚାଇଦେବ। ଭାରତର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଯିବା ଆଶା ଯଦିଓ ଏବେ ମଧ୍ୟ ଜୀବିତ ରହିଛି, ହେଲେ ସମ୍ଭାବନା ବହୁତ କ୍ଷୀଣ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଆଶାକୁ ବଞ୍ଚାଇ ରଖିବାକୁ ହେଲେ ସିଡନୀରେ ବର୍ଡର ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ମ୍ୟାଚ୍ ଜିତିବା ଭାରତ ପାଇଁ ଅନିର୍ବାର୍ଯ୍ୟ। ହେଲେ ଏହାପରେ ବି ଭାରତକୁ ଶ୍ରୀଲଙ୍କା ଉପରେ ନିର୍ଭର କରିବାକୁ ପଡ଼ିବ। ଶ୍ରୀଲଙ୍କା ଯଦି ଏହି ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ୧-୦ କିମ୍ବା ୨-୦ରେ ଜିତିବ, ତେବେ ଯାଇ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ୨୫ ଫାଇନାଲରେ ପ୍ରବେଶ କରିପାରିବ। ଏଥିରୁ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍ ଜିତିଲେ ଭାରତର ସବୁ ଆଶା ଧୂଳିସାତ ହୋଇଯିବ। ଏପରିକି ଯଦି ଶ୍ରୀଲଙ୍କାରେ ଦୁଇଟି ଯାକ ଟେଷ୍ଟ ଡ୍ର ହୋଇଯାଏ, ତେବେ ମଧ୍ୟ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିବ।

# ଭାଗଚାଷୀଙ୍କୁ କ୍ଷତିପୂରଣ ଦାବି କଲା ନବନିର୍ମାଣ କୃଷକ ସଂଗଠନ

**କୁଜଙ୍ଗ, ୩୦।୧୨ (ସଂଚାର ବ୍ୟୁରୋ) :** ନବ ନିର୍ମାଣ କୃଷକ ସଂଗଠନ, କୁଜଙ୍ଗ ପକ୍ଷରୁ ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କୃଷକମାନେ ଆଜି ଏକ ଶୋଭାଯାତ୍ରାରେ ଆସି ସ୍ଥାନୀୟ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କ୍ଷତିଗ୍ରସ୍ତ ଚାଷୀମାନେ କୁଜଙ୍ଗ ଥାନା ଛକଠାରୁ ଏକ ଶୋଭାଯାତ୍ରାରେ ଆସି କୁଜଙ୍ଗ ତହସିଲ ଫାଟକ ପାଖରେ ଉପସ୍ଥିତ ହୋଇଥିଲେ । ଚଳିତ ଲଗାଣ ବର୍ଷା ଜନିତ ଫସଲ ହାନି ଘଟଣାରେ ଜମି ମାଲିକ ମାନେ ନିଜ ଜମିର ପଟ୍ଟା ଦେଖାଇ କ୍ଷତି ପୂରଣ ହାସଲ କରିନେବେ । ମାତ୍ର ଭାଗ ଚାଷୀମାନଙ୍କର କ୍ଷତିପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ । ତୁରନ୍ତ ଭାଗଚାଷୀଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ କ୍ଷତି ପୂରଣ ପ୍ରଦାନ ବ୍ୟବସ୍ଥା ରାଜ୍ୟ ସରକାର ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଦାସ,ତରଣୀ ରାଉତ,ପ୍ରମୋଦ କୁମାର ସାହୁ,ଅଜୟ ପାଣୀ,ପ୍ରମୋଦ କୁମାର ଜେନା,ଶିଶିର କୁମାର ଦଳାଇ,ପ୍ରୀତି ରଂଜନ ଦଳାଇ, ଧରଣୀଧର ସ୍ୱାଇଁ, ମକର ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



# ମା' ଭୁଦାରଚଣ୍ଡୀଙ୍କ ଆଶୀର୍ବାଦ ନେଲେ ଝାଡ଼ଖଣ୍ଡ ବିଧାୟକ

**ନୀଳଗିରି, ୩୦।୧୨ (ସଂଚାର ବ୍ୟୁରୋ):** ସର୍ବଶକ୍ତି ପ୍ରଦାୟିନୀ, ସଙ୍କଟହାରିଣୀ, ଦୁଃଖବିନାଶିନୀ, ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ନୀଳଗିରି ସଜନାଗଡ ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଭୁଦାରଚଣ୍ଡୀଙ୍କ ଦର୍ଶନ ସହିତ ମା'ଙ୍କ ଆଶୀର୍ବାଦ ନେଇଛନ୍ତି ପଡୋଶୀ ଝାଡ଼ଖଣ୍ଡ ନିବାସୀ ତଥା ରାଜ୍ୟର ବହଳାଗଡ଼ା ବିଧାନସଭା କ୍ଷେତ୍ରର ଦୁଇ ଦୁଇଥରର ବିଧାୟକ ଓଡ଼ିଆପୁଅ ସମୀର ମହାନ୍ତି। ନିଜ ଭଉଣୀଘର ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ କାକବରେହି ଆସିଥିବା ବେଳେ ସୋମବାର ପୂର୍ବାହ୍ନରେ ନିଜପତ୍ନୀ ନୈନା ମହାନ୍ତି ଏବଂ ଭଣଜା ତଥା ରାଜ୍ୟ ଯୁବବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ସହିତ ଆସି ମା'ଙ୍କ ଦର୍ଶନ କରିବା ସହିତ ବିଶେଷ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ମୁଖ୍ୟପୂଜକ ବିଜୟ କୁମାର ପଣ୍ଡା ଉଭୟ ପତିପତ୍ନୀଙ୍କର ଶୁଭମନାସି ମା'ଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ। ଚଳିତବର୍ଷ ଝାଡ଼ଖଣ୍ଡ ନିର୍ବାଚନରେ ସେ ନିଜର ପ୍ରତିଦ୍ୱନ୍ଦୀ ବିଜେପିର ଦିନେଶାନନ୍ଦ ଗୋସ୍ୱାମୀଙ୍କୁ ପରାଜିତ କରି ପୁନର୍ବାର ଜେଏମଏମ ଦଳରୁ ବିଧାୟକ ନିର୍ବାଚିତ ହୋଇଛନ୍ତି। ବହଳାଗଡା ବିଧାନସଭା କ୍ଷେତ୍ରରେ ଜଣେ ଲୋକପ୍ରିୟ ଜନନେତା ଭାବରେ ଶ୍ରୀଯୁକ୍ତ ମହାନ୍ତି ବର୍ତ୍ତମାନ ରାଜ୍ୟପ୍ରଦୂଷଣ ବୋର୍ଡର ଚେୟାରମେନ ଅଛନ୍ତି। ଓଡିଆ ପୁଅ ଶ୍ରୀଯୁକ୍ତ ମହାନ୍ତିଙ୍କ ପୂର୍ବସୁରୀ ଓଡ଼ିଶାର କଟକ ଜିଲ୍ଲାରେ ଅଧିବାସୀ ଥିବାବେଳେ ବର୍ତ୍ତମାନ ଝାଡ଼ଖଣ୍ଡରେ ସ୍ଥାୟୀବାସିନ୍ଦା ଅଟନ୍ତି। ପୂର୍ବ ମାନସିକ ଅନୁଯାୟୀ ମା'ଙ୍କ ଠାରେ ଆଜି ପୂଜାର୍ଚ୍ଚନା କରିଥିବା ଜଣାଯାଇଛି। ତାଙ୍କର ଏହି ଦର୍ଶନ କାର୍ଯ୍ୟକ୍ରମରେ ନୀଳଗିରିର ଯୁବନେତା ତଥା ରାଜ୍ୟ ଯୁବବିଜେଡ଼ି ସମ୍ପାଦକ ଉଦୟଜ୍ୟୋତି ମହାନ୍ତି ମଧ୍ୟ ସାମିଲ ଥିଲେ।



# ଏଆର୍‌ଏସ୍ ଟପ୍ପର ହେଲେ କୀର୍ତ୍ତିରଞ୍ଜନ ବରାଳ

**କଣାସ, ୩୦।୧୨ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କଣାସ ବ୍ଲକ ସାହୁପଡ଼ା ପଞ୍ଚାୟତ ଅଞ୍ଜିରା ଗ୍ରାମର କୀର୍ତ୍ତିରଞ୍ଜନ ବରାଳ ଏହି ବର୍ଷ ସର୍ବଭାରତୀୟ କୃଷିଭିତ୍ତିକ ଗବେଷଣା ସେବାରେ ଏ.ଆର.ଏସ୍ (ଟପ୍‌ର) ସାଜି ବୈଜ୍ଞାନିକ ହୋଇଛନ୍ତି। ସେ ଆଗରୁ ମଧ୍ୟ ଏକାଧାରାରେ ଜେ.ଆର.ଏଫ ଓ ଏସ୍. ଆର.ଏଫ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଓଡିଆ ମାଧ୍ୟମରୁ ନିଜର ସ୍କୁଲ ଶିକ୍ଷା ଆରମ୍ଭ କରି ଆଜି ଏହି ଶୀର୍ଷତମ ଶୋପାନରେ ପହଞ୍ଚିଛନ୍ତି। ପରିବାର ଓ ଗ୍ରାମବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ତାହା ସହ ଶହଶହ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କ ପ୍ରେରଣା ସାଜିଛନ୍ତି ଏବଂ ସେମାନଙ୍କ ଆତ୍ମବିଶ୍ୱା ବଢ଼ାଇଛନ୍ତି।



# ରାତି ପାହିଲେ ନୂଆବର୍ଷ: ଖୋଲିଲାଣି ଫୁଲ ପସରା

**କେନ୍ଦ୍ରାପଡା, ୩୦।୧୨ (ସଂଚାର ବ୍ୟୁରୋ) :** ରାତି ପାହିଲେ ଶେଷ ହେବ ୨୦୨୪। ନୂଆ ବର୍ଷର ଆଗମନ ପାଇଁ ଗାଁଠୁ ସହର ସମସ୍ତଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳିଛି। ନୂତନ ବର୍ଷରେ ଫୁଲ ଦେଇ ଶୁଭେଚ୍ଛା ଜଣାଇବାର ଗୋଟିଏ ପ୍ରଥା ରହିଥିବାରୁ କିଏ ଗୋଲାପଟିଏ ଦେଇ ଶୁଭେଚ୍ଛା ଜଣାଇଥାଏ ତ ଆଉ କେହି ଫୁଲତୋଡ଼ା ଦେଇଥାନ୍ତି। ଏଥିପାଇଁ କେନ୍ଦ୍ରାପଡା ସହର ସମେତ ଗ୍ରାମାଞ୍ଚଳର ମୁଖ୍ୟ ବଜାରରେ ୩/୪ ଦିନ ପୂର୍ବରୁ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଫୁଲ ବଜାର ଚଳଚଞ୍ଚଳ ହୋଇଗଲାଣି। ଦୋକାନୀମାନେ ମଧ୍ୟ ପ୍ରସ୍ତୁତି ଆରମ୍ଭ କଲେଣି। ସହରର ସ୍ଥାନେ ସ୍ଥାନେ ଫୁଲ ଷ୍ଟଲ ଖୋଲା ହୋଇଛି। ରାସ୍ତା କଡ଼ରେ ଦେଖିବାକୁ ମିଳୁଛି ରଙ୍ଗବେରଙ୍ଗର ଫୁଲ ପସରା। ଏଥିପାଇଁ ରାଜ୍ୟ ବାହାରୁ ରଙ୍ଗବେରଙ୍ଗ ଫୁଲ ଆମଦାନୀ ହେଲାଣି।

ସାଧାରଣତଃ ପ୍ରତିଦିନ ବିଭିନ୍ନ ଫୁଲ ରାଜ୍ୟ ବାହାରୁ ଆମଦାନୀ ହେଉଥିବାବେଳେ ନୂଆବର୍ଷରେ ବିଦେଶୀ ଫୁଲର ଅଧିକ ଚାହିଦା ରହିଥିବାରୁ ଭେରାଇଟି ବିଦେଶୀ ଫୁଲ ଆସିଲାଣି। କେନ୍ଦ୍ରାପଡା ସହରରେ ପାଖାପାଖି ୩୦ଟି ସ୍ଥାୟୀ ଫୁଲ ଦୋକାନ ଥିବାବେଳେ ଅନ୍ୟ ସ୍ଥାନରେ ଥିବା ମୁଖ୍ୟ ମୁଖ୍ୟ ବଜାରରେ ମଧ୍ୟ ନୂଆବର୍ଷ ଉପଲକ୍ଷେ ୩୦୦ରୁ ଅଧିକ ଫୁଲ ଦୋକାନ ଖୋଲା ହେଲାଣି। ତେଣୁ ସକାଳରୁ ସନ୍ଧ୍ୟା ବ୍ୟବସାୟୀମାନେ ବସ୍, ମିନି ଟ୍ରକ୍ ଏବଂ ବିଭିନ୍ନ ଗାଡ଼ି ଯୋଗେ ରଙ୍ଗବେରଙ୍ଗର ଆକର୍ଷଣୀୟ ଫୁଲ ଆଣୁଛନ୍ତି। ଗ୍ରାହକମାନେ ମଧ୍ୟ ଫୁଲତୋଡ଼ା ପାଇଁ ଆଗୁଆ ବରାଦ ଦେଇ ସାରିଲେଣି। ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ସମସ୍ତ ବିଦେଶୀ ଫୁଲ ଆମଦାନୀ ହୋଇଯିବ ଏବଂ ସନ୍ଧ୍ୟା ସୁଦ୍ଧା ସମସ୍ତ ଫୁଲ ତୋଡ଼ା ତିଆରି ଶେଷ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି।



କେନ୍ଦ୍ରାପଡା ସହର ସମେତ ଅନ୍ୟ ମୁଖ୍ୟ ମୁଖ୍ୟ ବଜାରରେ ବିକ୍ରି ହେଉଥିବା ଫୁଲଗୁଡ଼ିକ ଭୁବନେଶ୍ୱର, କୋଲକାତା ଓ ବେଙ୍ଗାଲୁରୁ ଆସୁଛି। ଗୋଲାପ, ରଜନୀଗନ୍ଧା, ରଜନୀ ଷ୍ଟିକ୍, ଜାରବେଲା, ଜିପ୍ସି, ସେବତୀ, ଗେଣ୍ଡୁ ଆଦି ଫୁଲ କୋଲକାତାରୁ ଆସୁଥିବା ବେଳେ ଅର୍କିଡ୍, ନାଲି, ଗୋଲାପି, ଧଳା, ହଳଦିଆ ଗୋଲାପ, ଲିଲି, ଏନିୟମ୍ ଭଳି ଅନେକ ବିଦେଶୀ ଫୁଲ ବେଙ୍ଗାଲୁରୁରୁ ଆସୁଛି। ଫୁଲତୋଡ଼ାକୁ ସଜାଇବା ପାଇଁ ବ୍ୟବହାର କରାଯାଉଥିବା ଏରିକା, ପାରକ ପତ୍ରଗୁଡ଼ିକ ମଧ୍ୟ ବାହାରୁ ଆମଦାନୀ ହେଉଛି। କିଛି ପତ୍ର ବେଙ୍ଗାଲୁରୁରୁ ଆସୁଥିବା ବେଳେ ଆଉ କିଛି ପତ୍ର ଥାଇଲାଣ୍ଡରୁ ଆସୁଛି। କୋଲକାତା ଗୋଲାପ ଗୋଟ ୧୦ ଟଙ୍କା ରହିଥିବା ବେଳେ ବେଙ୍ଗାଲୁରୁ ଗୋଲାପ ଗୋଟି ୩୦ଟଙ୍କା ଉପରେ ରହିବ। କୋଲକାତା ଗୋଲାପ ୨/୪ ଦିନ ସତେଜ ରହୁଥିବା ବେଳେ ବେଙ୍ଗଲୁରୁ ଗୋଲାପ ୮/୧୦ ଦିନ ସତେଜ ରହୁଛି। ସେଥିପାଇଁ ଦାମ୍ ଅଧିକ ହେଉଥିଲେ ବି ଗ୍ରାହକ ଏହାକୁ କିଣିବା ପାଇଁ ଅଧିକ ପସନ୍ଦ କରୁଛନ୍ତି। ଏଥି ସହିତ ଅର୍କିଡ, ଆନ୍‌ଥୋରିୟମ୍, କାନେଶାନ୍, କିସାନ୍ଧିବାର, ଆଷ୍ଟ୍ରାଣ୍ଟିଆ, ଅଲିୟମ୍, ଆଷ୍ଟର, ଜୋନ୍ ଫ୍ଲାୱାର ଆଦି ବିଦେଶୀ ଫୁଲର ଚାହିଦା ଅଧିକ ରହିଛି।

ନୂଆବର୍ଷରେ ଶୁଭେଚ୍ଛା ଜଣାଇବା ପାଇଁ ହେଉ କି ଘର ସଜାଇବା ହେଉ; ବିଭିନ୍ନ ଅଫିସ୍, କର୍ପୋରେଟ୍ କାର୍ଯ୍ୟାଳୟ ସଜାଇବା ପାଇଁ ଯେଉଁ ବରାଦ ଆସୁଛି, ସେଥିରେ ଏହି ଫୁଲ ବ୍ୟବହାର କରିବା ପାଇଁ କହୁଛନ୍ତି ଗ୍ରାହକ। ଏହାସହିତ ଲିଲିୟମ୍, ଅର୍କିଡ୍, କ୍ୟାକ୍ସନ୍, ଡେଜି, ଗ୍ଲାଡି ଆଦି ଫୁଲ ମଧ୍ୟ ନୂଆବର୍ଷରେ ଭଲ ବିକ୍ରି ହେବ ବୋଲି ବ୍ୟବସାୟୀ ପ୍ରକାଶ ମହାନ୍ତି କହିଛନ୍ତି। ଲିଲିୟମ୍ ୨୦୦ ଟଙ୍କା, ଅର୍କିଡ୍ ୫୦ ଟଙ୍କା, କ୍ୟାକ୍ସନ୍ ୩୦ ଟଙ୍କା, ଡେଜି ୨୫ ଟଙ୍କା ରହିଛି। ସେହିପରି ଫୁଲତୋଡ଼ାର ଦାମ୍ ୧୫୦ ଟଙ୍କାରୁ ଆରମ୍ଭ ହୋଇ ଅଢ଼େଇ ହଜାର, ୩ ହଜାର ପର୍ଯ୍ୟନ୍ତ ରହିଛି। ଗୋଲାପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଥିରେ ପତ୍ର ଏବଂ ଷ୍ଟିକର ବ୍ୟବହାର କରି ୫୦ଟଙ୍କାରେ ମଧ୍ୟ ବିକ୍ରି କରୁଛନ୍ତି।

# ଚଟୁଆରୁ ୭୬ ଲିଟର ଦେଶୀ ମଦ ଜବତ



**କୁଜଙ୍ଗ, ୩୦।୧୨ (ସଂଚାର ବ୍ୟୁରୋ) :** କୁଜଙ୍ଗ ଥାନା ପୋଲିସ କୁ ଆଜି ଏକ ବଡ଼ ଧରଣର ସଫଳତା ମିଳିଛି।କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାସ ଭବନ ରୁ ଏକା ସାଙ୍ଗରେ ବିପୁଳ ପରିମାଣର ଗଚ୍ଛିତ ଥିବା ୭୬ ଲିଟର ଦେଶୀ ମଦକୁ ଜବତ କରାଯାଇଛି।ଜବତ ସମୟରେ ପୋଲିସ କୁ ଦେଖି ଚୋରା ମଦ ବ୍ୟବସାୟୀ ସୁମନ ସ୍ୱାଇଁ ଘଟଣା ସ୍ଥଳରୁ ଚଂପଟ ମାରିଛି।ତେବେ ଆସନ୍ତା କାଲି ସୁଦ୍ଧା ମଦ ବ୍ୟବସାୟୀ କୁ ଗିରଫ କରାଯିବ ବୋଲି କୁଜଙ୍ଗ ଥାନା ସବ୍ ଇନ୍ସପେକ୍ଟର ଅନିଲ କୁମାର ସାହୁ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।ସୂଚନା ମୁତାବକ ଆଜି ସନ୍ଧ୍ୟା ସମୟରେ ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା ଯେ ସୁମନ ନିଜ ଘରେ ବିପୁଳ ପରିମାଣର ଦେଶୀ ମଦ ଆଣି ଗଚ୍ଛିତ ରଖିଛି । ତେବେ ଖବର ପାଇବା ମାତ୍ରେ ଶ୍ରୀ ସାହୁ ଓ ରଶ୍ମି ରଞ୍ଜନ ସାହୁ ମିଳିତ ଭାବେ ସେଠାରେ ପହଞ୍ଚି ଚଢ଼ାଉ କରିଥିଲେ ।ସେଠାରେ ଗଚ୍ଛିତ ଥିବା ୭୬ ଲିଟର ଦେଶୀ ମଦ ଜବତ ବେଳେ ପୋଲିସକୁ ଦେଖି ବେପାରୀ ସୁମନ ଖସି ପଳାଇ ଥିଲା।

# ଦୀର୍ଘଦିନ ପରେ ବସିଲା ବିଡିଏ ବୈଠକ

**ବ୍ରହ୍ମପୁର, ୩୦।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପରିଷଦର ୪୬ତମ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ବିଭିନ୍ନ ପରିଯୋଜନାର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ବିଶେଷତଃ ଗୋପାଳପୁର,ଛତ୍ରପୁର ଓ ବ୍ରହ୍ମପୁର ଅଞ୍ଚଳରେ ବର୍ଷା ଜଳ ନିଷ୍କାସର ପାଇଁ ଡ୍ରେନେଜ ସିଷ୍ଟମର ପୁନରୁଦ୍ଧାର,ଭବିଷ୍ୟତକୁ ଆଖିରେ ରଖି ବ୍ରହ୍ମପୁର ସହରର ଆଧୁନୀକରଣ ତଥା ବିକାଶ, ସହରର ବିସ୍ତାର ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ପ୍ରସ୍ତୁତି ତଥା ଅନ୍ୟ ବିକାଶମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ରାଜ୍ୟ ଖଣି, ପରିବହନ, ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡା. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ଫସଲ ହେକ୍ଟର ପିଛା ୫ ଲକ୍ଷ ଟଙ୍କା ଦାବି

**ଖୋର୍ଦ୍ଧା, ୩୦।୧୨ (ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଫସଲ ପାଇଁ ରାଜ୍ୟ ସରକାର ଚାଷୀଙ୍କୁ ହେକ୍ଟର ପିଛା ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କଂଗ୍ରେସ ଦଳ ରାଜ୍ୟ ମୁଖପାତ୍ର ତଥା ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୋନାଲି ସାହୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଦାବୀ ଉପସ୍ଥାପନା କରିଛନ୍ତି।



ସେ ତାଙ୍କ ଦାବୀପତ୍ରରେ ଦର୍ଶାଇଛନ୍ତି ନଭେମ୍ବର ୨୦ ତାରିଖରୁ ଅଦିନିଆ ବର୍ଷା ଲାଗି ରହିବାରୁ ଜିଲ୍ଲାରେ ଧାନ ଫସଲ ସମେତ ପନିପରିବା ଇତ୍ୟାଦି ନଷ୍ଟ ହୋଇ ଚାଷୀ ମାନେ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଖୋର୍ଦ୍ଧା ବ୍ଲକର ୨୨ ଟି ଗ୍ରାମପଞ୍ଚାୟତରେ ୧୩୭ ଟି ଗ୍ରାମର ୧୭୧୦ ହେକ୍ଟର ଏବଂ ଟାଙ୍ଗୀ ବ୍ଲକର ୨୬ ଟି ପଞ୍ଚାୟତରେ ୧୧୨ ଟି ଗ୍ରାମର ୧୮୪୬ ହେକ୍ଟର ଧାନ ଏବଂ ପନିପରିବା ଫସଲ ପାଣିରେ ପଡି ନଷ୍ଟ ହୋଇଯାଇଛି। ତେଣୁ ରାଜ୍ୟ ସରକାର ଏସବୁ କ୍ଷୟକ୍ଷତିର ଭରଣା ପାଇଁ ହେକ୍ଟର ପିଛା ୫ ଲକ୍ଷ ଟଙ୍କା ଦେବାକୁ ସେ ତାଙ୍କ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି ।

# କପିଳମୁନି ଉଚ୍ଚ ବିଦ୍ୟାଳୟ ୧୯୯୦ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ମାର୍ଶାଘାଇ, ୩୦।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କପିଳମୁନି ଉଚ୍ଚ ବିଦ୍ୟାଳୟ, ପିକରାଳୀର ୧୯୯୦ ମସିହାର ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ ମାର୍ଶାଘାଇ ସ୍ଥିତ ମା ଗୋଜବାୟାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଉକ୍ତ ବ୍ୟାଚର ଶତାଧିକ ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାରର ସଦସ୍ୟମାନେ ଯୋଗଦାନ କରିଥିଲେ। ଉକ୍ତ ବ୍ୟାଚର ବହୁ ସୁନାମଧନ୍ୟ ପ୍ରତିଷ୍ଠିତ ଛାତ୍ର ଛାତ୍ରୀ ନିଜ ନିଜର ଅକୁଣ୍ଠ ସହଯୋଗରେ ଏକ ଭୋଜି ଓ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ କିଛି ଦିବଂଗତ ଛାତ୍ର ଛାତ୍ରୀ ଓ ଶିକ୍ଷକଙ୍କୁ ଦୁଇ ମିନିଟ୍‌ର ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା ସଭାପତି ଡ଼ଃ ସମର ସିଂହ ଓ ଅନ୍ୟାନ୍ୟ ବରିଷ୍ଠ ଛାତ୍ର ଛାତ୍ରୀମାନେ ମିଳିମିଶି ସୁଚାରୁରୂପେ ସମ୍ପାଦନ କରିଥିଲେ।

# ଝରିଗାଁରେ ଜନଶୁଣାଣି ଶିବିର



**ନବରଙ୍ଗପୁର, ୩୦।୧୨ (ସଂଚାର ବ୍ୟୁରୋ):** ଆଜି ଝରିଗାଁ ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ ମିଶ୍ର,ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ,ବି ଡି ଓ ରାମକୃଷ୍ଣ ନାୟକ ଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଅଭିଯୋଗ ରହିଥିଲା ।ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୫ଜଣଙ୍କୁ ମଧୁବାବୁ ପେନସନ ଯୋଜନାର ସହାୟତା କାର୍ଡ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ନାଉଗାଁରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ନାଉଗାଁ, ୩୦।୧୨ (ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୬୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୬ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୦ଟି, ପେନସନ ପାଇବା ପାଇଁ ୪ ଟି, ପୋଲିସ ସହାୟତା ପାଇବା ପାଇଁ ୦୨ଟି ଏବଂ ଅନ୍ୟାନ୍ୟ ୨୫ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।




ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଉଗାଁ ତପନ କୁମାର ମହାପାତ୍ର, ତହସିଲଦାର, ନାଉଗାଁ ଅକ୍ଷୟ କୁମାର ବଡୁ, ନାଉଗାଁ ବ୍ଲକ୍ ଚେୟାରମେନ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ମନରେଗା କାମରେ ଅନିୟମିତତା: କଥା ଉଠାଇଲେ ଗାଁ ସାଥି ଠାରୁ ମିଳୁଛି ଧମକ

**କଳାହାଣ୍ଡି, ୩୦।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ସଦର ପଞ୍ଚାୟତ ସ୍ଥିତ ଟିକ୍ରାଗୁଡ଼ା ନିକଟରେ ଏକ ପଥର ବନ୍ଧେଇ କାର୍ଯ୍ୟର ଅନିୟମିତତା ହୋଇଥିବା ଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ଅନ୍ତର୍ଭୁକ୍ତ ଅଟକଳ ୫ଲକ୍ଷ ଟଙ୍କା ବ୍ୟୟବରାଦ କରି ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ଉକ୍ତ କାମ ଦର୍ଶାଇ ସରକାରୀ ଅର୍ଥକୁ ବିଭାଗୀୟ ଅଧିକାରୀ, ଗାଁ ସାଥୀ, ଠିକା ସଂସ୍ଥା କର୍ମଚାରୀ ମିଶି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । କାର୍ଯ୍ୟସ୍ଥଳରେ ଯେଉଁ ଭଳି ଏଲ୍‌ବିସିଡିର ପଥର ବନ୍ଧେଇ କାମ ହେବା କଥା ତାହା ହୋଇ ନାହିଁ । ଯେତିକି ହୋଇଛି ତାହା ଭୁଶୁଡ଼ି ଯାଇଛି । ପୁରୁଣା ପଥର ବ୍ୟବହାର ସହ କାମ ନିମ୍ନମାନର ହୋଇଛି । ଯେଉଁ ଉଦ୍ଦେଶ୍ୟରେ ଉକ୍ତ କାମ କରାଯାଇଛି, ସେଥିରେ ଅନିୟମିତତା ହୋଇଥିବା ଅନୁମାନ କରାଯାଉଛି । ଠିକା ସଂସ୍ଥା କର୍ମଚାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, କାମର ମାତ୍ର ୩ ଲକ୍ଷ ଟଙ୍କା ଜବ୍‌କାର୍ଡଧାରୀ ବା କୁଲି ମଜୁରୀଙ୍କ ଆକାଉଣ୍ଟକୁ ସିଧା ଯାଇଛି । ତେବେ ଏହି ଘଟଣାର ଭିଜିଲାନ୍ସସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି।



ଏନେଇ ପଞ୍ଚାୟତ କର୍ମଚାରୀ ଓ ଗାଁ ସାଥୀଙ୍କ ସହିତ ଯୋଗାଯୋଗ କରିବାରୁ ଟିକ୍ରାଗୁଡ଼ା ଗାଁ ସାଥୀ ସୁରେନ୍ଦ୍ର ନାଏକ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ଗାଁ ସାଥୀ ମନରେଗାର ସାମଗ୍ରୀ ପରିବହନକାରୀ ମଧ୍ୟ ରହିଥିବା ଜଣାପଡ଼ିଛି । ସଂପୃକ୍ତ ବ୍ୟକ୍ତି ଟ୍ରାକ୍ଟର ସମେତ (ମେଟେରିଆଲ) ନାମରେ ଜିଆର୍‌ଏସ୍ ଓ ପିଇଓ, ଜେଇ ଏହି ବ୍ୟକ୍ତିଙ୍କ ଭେଣ୍ଡରରେ ବିଭିନ୍ନ ପ୍ରକଳ୍ପର ଟଙ୍କା ପକାଇ ଲକ୍ଷାଧିକ ଟଙ୍କା ଚଳୁ କରିଥିବା ଆଶଙ୍କା କରାଯାଉଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଟଙ୍କଧର ସାହୁ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ବେହେରାଙ୍କୁ ପଚାରିବାରୁ ଆମ ପାଖରେ ପୁରୁଣା ତଥ୍ୟ ନାହିଁ । ଯାହା ଅଛି କାମ ହୋଇଛି । ପୂର୍ବ ଜିଆର୍ ଏସ୍ ସବୁ ହେରଫେର କରିଛନ୍ତି ବୋଲି କହିବା ସହ ଗଣମାଧ୍ୟମକୁ ଏହି ଖବର ପ୍ରକାଶ ନକରନ୍ତୁ । ବ୍ଲକର ସମସ୍ତ ପଞ୍ଚାୟତରେ ଏମିତି ଦୁର୍ନୀତି ହୋଇଛି । ଖବର କଲେ ସମସ୍ତ ଅଧିକାରୀ ହଇରାଣ ହେବୁ ବୋଲି କହିଛନ୍ତି। ଏହି ମନରେଗା କାମର ଭିଜିଲାନ୍ସ ତଦନ୍ତ ହେବା ପାଇଁ ଅଞ୍ଚଳ ଲୋକେ ଦାବି କରିଛନ୍ତି।

# ବିଜେଡି ଛାଡିଲେ ଉପସଭାପତି ଓ ସାଂସଦଙ୍କ ପ୍ରତିନିଧି

**ନାଉଗାଁ, ୩୦।୧୨ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ସରକାରରୁ ହଟିବା ପରେ ଆସ୍ତେ ଆସ୍ତେ ଏହାର ସକ୍ରିୟ କର୍ମୀମାନେ ଦଳ ଛାଡ଼ିବା ଆରମ୍ଭ କରିଦେଇଛନ୍ତି। ତେବେ ନିଜର ସ୍ୱାର୍ଥ ପାଇଁକି କି ଦଳରେ ଅଣଦେଖାକୁ ନେଇ ଦଳ ଛାଡୁଛନ୍ତି ତାହା ସ୍ପଷ୍ଟ ହୋଇ ପାରୁନାହିଁ। ଯେଉଁ ମାନେ ଦିନେ ଦଳ ସରକାରରେ ଥିବା ବେଳେ ଦୀର୍ଘ ସମୟ ଧରି ଦଳରେ ରହିଥିଲେ ଆଜି ସେମାନେ ଦଳ ଛାଡୁଛନ୍ତି।

ତେବେ ସେହି ପରିପ୍ରେକ୍ଷିରେ ଆଜି ଜଗତସିଂହପୁର ଜିଲ୍ଲାର ବିଜୁ ଜନତା ଦଳର ଉପ ସଭାପତି ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ୍ତ କୁମାର ସ୍ୱାଇଁ ଯିଏକି ଛାତ୍ର ଜୀବନରୁ ଜନତା ଦଳ ପରେ ପରେ ବିଜୁ ଜନତା ଦଳରେ ବିଭିନ୍ନ ପଦ ପଦବୀରେ ରହିବା ସହିତ ୨୦୦୪ ମସିହାରେ ବିଜୁ ଜନତା ଦଳ ପକ୍ଷରୁ ବାଲିକୁଦା ନିର୍ବାଚନ ମଣ୍ଡଳୀରେ ବିଧାୟକ ଟିକେଟ ପାଇଥିଲେ। କିନ୍ତୁ ତାଙ୍କୁ ଏବେ ଦଳରେ ଅଣଦେଖା କରାଯାଉଥିବାକୁ ନେଇ ସେ ଆଜି ବିଧିବଦ୍ଧ ଭାବରେ ଦଳ ଛାଡିଛନ୍ତି।



ତାଙ୍କ ସହିତ ମଧ୍ୟ ଆଉ ଜଣେ ଜିଲ୍ଲା ଉପସଭାପତି ତଥା ପୂର୍ବତନ ନାଉଗାଁ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ ଓ ପୂର୍ବତନ ଲୋକସଭା ସାଂସଦଙ୍କ ନାଉଗାଁ ପ୍ରତିନିଧି ଅଜୟ କୁମାର ମହାନ୍ତିଙ୍କୁ ମଧ୍ୟ ଜିଲ୍ଲାରେ ଯିଏ ଶୀର୍ଷ ନେତୃତ୍ୱ ନେଉଛନ୍ତି ସେ ତାଙ୍କୁ ଅଣଦେଖା କରୁଛନ୍ତି ଏବଂ ଗତ ୨୬ ତାରିଖରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସରେ ତାଙ୍କୁ ଡକା ନ ଯିବାକୁ ନେଇ ସେମାନେ ଆଜି ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଇସ୍ତଫା ପତ୍ର ସେମାନେ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିକଟକୁ ପଠାଇ ଦେଇଛନ୍ତି। ତେବେ ସେମାନେ ଏହି ଦଳ ଛାଡିବା ପରେ ଅନ୍ୟ କେଉଁ ଦଳରେ ସାମିଲ ହେବେ କି ନାହିଁ ତାହା ସେମାନେ ସ୍ପଷ୍ଟ କରିନାହାନ୍ତି।

# ଖବର କାଗଜ ବିତରଣ: ପେଷା ନୁହେଁ ନିଶା

**କାକଟପୁର/ଅସ୍ତରଙ୍ଗ, ୩୦।୧୨ (ସଂଚାର ବ୍ୟୁରୋ):** ଖରା, ବର୍ଷା, ଶୀତକୁ ଖାତିରି ନକରି ବର୍ଷର ପ୍ରତିଟି ସମୟରେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ଗାଁ ଠୁ ଅସ୍ତରଙ୍ଗ ବଜାର ପ୍ରତ୍ୟେକ ସାହି ଓ ଗଳିକନ୍ଦି ବୁଲି ଲୋକଙ୍କୁ ଖବର ବାଣ୍ଟିଥାନ୍ତି ଖବର କାଗଜ ବିତରକ । ଭୋରରୁ ସାଇକେଲ ଧରି ଅବା ପାଦରେ ଚାଲିଚାଲି ଅସ୍ତରଙ୍ଗ ବସଷ୍ଟାଣ୍ଡ ରେ ପହଂଚି ଖବର କାଗଜ ଧରି ଘରକୁ ଘର ବୁଲି ପେପେର ବାଣ୍ଟିଥାନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୩ଜଣ ଖବର କାଗଜ ବିତରକ ଅଛନ୍ତି। କରୋନା କାଳରେ ମଧ୍ୟ ଏମାନେ ଜୀବନକୁ ବାଜି ଲଗାଇ ସାମାଜିକ କର୍ତ୍ତବ୍ୟକୁ ନିଜର ଧର୍ମ ବୋଲି ଭାବି ନେଇ ଖବର କାଗଜ ବାଣ୍ଟିବା ଜାରି ରଖିଥିଲେ। ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଖବର କାଗଜ ବିତରଣ କରୁଥିବା ବୟସ୍କ ବିତରକ ହେଲେ ଦିବାକର ନାୟକ। ବୟସ ୬୦ ଛୁଇଁଲାଣି । ହେଲେ ଖବର କାଗଜ ବିତରଣକୁ ଏକ ନିଶା ଭାବେ ସେ ଗ୍ରହଣ କରିନେଇଛନ୍ତି। ସକାଳ ବେଳା ଖବର କାଗଜ ବିତରଣ ଓ ଅପରାହ୍ନ ସମୟରେ ନିଜ ବିଲ କାମ ସହ ଘର କାମ କରିଥାନ୍ତି। ଯାହା ସ୍ୱଳ୍ପ ପାରିଶ୍ରମିକ ମିଳେ ନିଜର ଗୁଜୁରାଣ ମେଣ୍ଟାଉଥିବା କହିଛନ୍ତି ବୟସ୍କ ଦିବାକର ନାୟକ।

ଆଉ ଜଣେ ବିତରକ ସୂର୍ଯ୍ୟନାରାୟଣ କର, ବୟସ ୫୦ବର୍ଷ, କିନ୍ତୁ ଏହି ଖବର କାଗଜ ବିତରଣ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ହେଲା କରିଆସୁଛନ୍ତି। ଗାଁରେ ସେ ମନ୍ଦିରର ପୂଜାବିଧି ମଧ୍ୟ କରନ୍ତି। ଅସ୍ତରଙ୍ଗ ବଜାରଠାରୁ ୩କିଲୋମିଟର ଦୂର ଗାଁରୁ ପ୍ରତିଦିନ ପ୍ରତ୍ୟୁଷରୁ ଅସ୍ତରଙ୍ଗ ବଜାରରେ ପହଂଚି ଖବର କାଗଜ ବିତରଣ କରନ୍ତି ସୂର୍ଯ୍ୟନାରାୟଣ କର ଓରଫ ଭାଇନା।



ଅନ୍ୟ ଜଣେ ହେଉଛନ୍ତି ମାନସ ବିଶ୍ୱାଳ ବୟସ ୫୦ବର୍ଷ ହେଲେ ଦୀର୍ଘ ୧୪ବର୍ଷ ହେଲା ପ୍ରତ୍ୟେକ ଦିନ ଗାଁ ଗାଁ ବୁଲି ସାଇକେଲ ମାଧ୍ୟମରେ ଲୋକ ନିକଟରେ ଖବର କାଗଜ ପହଞ୍ଚାଇଥାନ୍ତି।

ଏମାନଙ୍କ ମତରେ ଖବର କାଗଜ ଏମାନଙ୍କ ପାଇଁ ଏକ ବ୍ୟବସାୟୀ ନୁହେଁ ଏକ ନିଶା। ଏମାନଙ୍କ ଦୁଃଖ ହେଲା ଏମାନଙ୍କ କଥା ସରକାର କାନରେ ବାଜୁନି। ସେମାନଙ୍କ ଦୈନିକ ତେଲ ଲୁଣ ସଂସାର କଥା ସରକାର ଚିନ୍ତା କରିବା ଜରୁରୀ ବୋଲି ବୟସ୍କ ଖବର କାଗଜ ବିତରକ ଦିବାକର ନାୟକ ପ୍ରମୁଖ ନିବେଦନ କରିଛନ୍ତି।

### ଏମାନେ କଣ କୁହନ୍ତି

ସମାଜର ସବୁବର୍ଗର ଲୋକମାନେ ସରକାରୀ ସହାୟତା ପାଉଥିବା ବେଳେ ଖବର କାଗଜ ବିତରକଙ୍କ ପରିବାରକୁ ସରକାର ଭୁଲି ଯାଇଛନ୍ତି। ଏଣୁ ରାଜ୍ୟ ସରକାର ଖବର କାଗଜ ବିତରକଙ୍କ ଲାଗି କିଛି ଗୋଟିଏ କଲ୍ୟାଣକାରୀ ଯୋଜନା ହାତକୁ ନେବା ନିହାତୀ ଜରୁରୀ।

*ମାନସ ରଞ୍ଜନ ଖଣ୍ଡୁଆଳ (ସାମ୍ବାଦିକ)*

ବାସ୍ତବରେ ଖବର କାଗଜ ବିତରକଙ୍କୁ ଚିହ୍ନଟ କରି ଏହି ପରିବାରଗୁଡିକୁ ଆର୍ଥିକ ସହାୟତା ପ୍ରଦାନ ଓ ବୀମାଭୁକ୍ତ କରିବା ସହ ଆବାସ ଯୋଜନାରେ ସାମିଲ କରିବା ଦରକାର।

*ବିଜୟ କୁମାର ବେହେରା*
*(ଉପସଭାପତି, ଅସ୍ତରଙ୍ଗ ମିଡ଼ିଆ ଫୋରମ୍ /ସମାଜସେବୀ)*

ବର୍ଷସାରା ଘରକୁ ଘର ବୁଲି ସେବା ଯୋଗାଉଥିବା ଏହି ବିତରକମାନଙ୍କ କଥାକୁ ସମାଜ ବାସ୍ତବରେ ଭୁଲିଯାଇଛି । ଏମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ସରକାର ମାଗଣା ପାଠପଢା ଯୋଗାଇ ଦେଇ ପାରିଲେ ଆଗକୁ ବାଟ ଚାଲିପାରିବେ। ସରକାର ଏ କଥା ଚିନ୍ତା କରିବା ଉଚିତ ।

*ନଟକିଶୋର ମହାନ୍ତି (ସମାଜସେବୀ )*

# ଝୁଲିପଡ଼ିଲେ ଫୁଡ୍ ବ୍ଲଗର୍



ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ): ହଷ୍ଟେଲରୁ ମିଳିଲା ଫୁଡ ବ୍ଲଗର୍ଙ୍କ ଝୁଲନ୍ତା ମୃତଦେହ। ସ୍ଥାନୀୟ ପଟିଆ ଅଞ୍ଚଳରେ ଏହି ଅଘଟଣ ଘଟିଛି। ମୃତା ଯୁବତୀ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଋଷଭଳରେ ସୋନାଲି ସଂଘମିତ୍ର ପରିଡ଼ା। । ତାଙ୍କ ବୟସ ୨୫ ବର୍ଷ। ସୋନାଲୀ ପ୍ରାୟ ୩ ବର୍ଷ ହେବ ଇନଫୋସିଟି ଥାନା ପଟିଆ ଆଦର୍ଶ ବିହାର ଲେନ୍-୨ସ୍ଥିତ ଏକ ହଷ୍ଟେଲରେ ରହୁଥିଲେ ଘର କେନ୍ଦ୍ରାପଡା ଜିଲ୍ଲା ପାଟକୁରା । ସେ ଆଦର୍ଶ ବିହାରରେ ରହି ବରମୁଣ୍ଡା ଫାୟାର ଷ୍ଟେସନ ନିକଟରେ ଏକ କଷ୍ଟକ୍ସନ କମ୍ପାନୀରେ କାମ କରୁଥିଲେ । ମୃତ୍ୟୁ ଖବର ପାଇବା ପରେ ଇନ୍ଫୋସିଟି ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତକୁ ବ୍ୟାପକ କରିଛି। ପରିବାର ଲୋକେ ପୋଲିସ ନିକଟରେ ହତ୍ୟା ଅଭିଯୋଗ ଆଣିବା ପରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି ଇନ୍ଫୋସିଟି ଥାନା । ସେପଟେ ସାଇଣ୍ଟିଫିକ ଟିମ ପହଁଚି ପାରିପାର୍ଶ୍ୱିକ ପରିସ୍ଥିତି ଯାଞ୍ଚ କରୁଛି । ତେବେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ ମଧ୍ୟ ତାଙ୍କର କାହା ସହ ପ୍ରେମ ସମ୍ପର୍କ ଥିଲା କି ନାହିଁ? କାହିଁକି ହଠାତ ଡିପ୍ରେସନକୁ ଚାଲିଯାଇଥିଲେ ଫୁଡ୍ବ୍ଲଗର? ଏସବୁକୁ ନେଇ ଆରମ୍ଭ କରିଛି ଛାନ୍ଭିନ୍।

# ଅନନ୍ୟ ସ୍ୱଭାବ ପାଇଁ ଅମର ରହିବେ କିଶୋର ଦା'

- ଗରିବ, ଅସହାୟ ଓ ସାଧାରଣ ଲୋକଙ୍କୁ ଭେଟିବାର ପ୍ରେରଣା କିଶୋର ଦା'ଙ୍କ ଠାରୁ ପାଇଛି
- କିଶୋର ଦା'ଙ୍କ ନୀତି ଓ ଆଦର୍ଶ ଜନପ୍ରତିନିଧିଙ୍କ ପାଇଁ ପ୍ରେରଣାର ଉତ୍ସ
- 'କିଶୋର ମହାନ୍ତି ଫାଉଣ୍ଡେସନ' ଗଠନ ପ୍ରଶଂସନୀୟ ପଦକ୍ଷେପ

ଝାରସୁଗୁଡ଼ା,୩୦।୧୨ (ସଂଚାର ବ୍ୟୁରୋ): କିଶୋର ଦା' ବହୁତ ଭଲ ମଣିଷ ଥିଲେ। ହସି ହସି ସମସ୍ତଙ୍କ ସହ କଥା ହେଉଥିଲେ । ତାଙ୍କର ରାଗ ସ୍ୱଭାବ ନଥିଲା । ରାଜନୀତିରେ ଆସିବା ପୂର୍ବରୁ ମଧ୍ୟ ଲୋକଙ୍କ ସେବା କରିବା ପାଇଁ ସେ ଆଗରେ ରହୁଥିଲେ। ଏହି ଅନନ୍ୟ ସ୍ୱଭାବ ପାଇଁ କିଶୋର ଦା' ଓଡ଼ିଶା ବିଶେଷ ଭାବରେ ଝାରସୁଗୁଡ଼ାର ଜନସାଧାରଣଙ୍କ ହୃଦୟରେ ଚିର ଅମର ହୋଇ ରହିବେ ବୋଲି ସୋମବାର ଝାରସୁଗୁଡ଼ା ଠାରେ ଓଡ଼ିଶାର ପୂର୍ବତନ ବାଚସ୍ପତି, ରାଜ୍ୟସଭା ସାଂସଦ, ବିଧାୟକ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ସ୍ୱର୍ଗତ ମହାନ୍ତିଙ୍କ ଫଟୋମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ କିଶୋର ଦା' ଓ ମୁଁ ଉଭୟ ପ୍ରତ୍ୟକ୍ଷ ରାଜନୀତିରେ ଆସିବା ପୂର୍ବରୁ ଏବଂ ଆସିବା ପରେ ଅନେକ ଥର ସମୟ ବିତାଇଛୁ। ସେ ବହୁତ ସାଧାରଣ ମଣିଷ ଥିଲେ । ମୋତେ ବହୁତ ସ୍ନେହ ଆଦର କରୁଥିଲେ। ଆମ ଭିତରେ ରାଜନୈତିକ ବାଦ ବିବାଦ କେବେ ବି ନ ଥିଲା । ୨୦୦୦ ମସିହାରେ କିଶୋର ଭାଇ ଓ ମୁଁ ଏକାସାଙ୍ଗରେ ବିଧାନସଭାକୁ ନିର୍ବାଚିତ ହୋଇଥିଲୁ। ୨୦୦୪ରେ ଦେବଗଡ଼ ଲୋକସଭା କ୍ଷେତ୍ରର ମୁଁ ସାଂସଦ ଥିବା ବେଳେ ସେ ଝାରସୁଗୁଡ଼ାର ବିଧାୟକ ଥିଲେ। ପ୍ରତିକୂଳ ପରିସ୍ଥିତିରେ ଆମେ ନିର୍ବାଚନ ଲଢ଼ିଛୁ। ତାଙ୍କର ନୀତି ଆଦର୍ଶ ଆମ ପରି ଜନପ୍ରତିନିଧିଙ୍କ ପାଇଁ ପ୍ରେରଣାର ଉତ୍ସ । ଗରିବ ଓ ଅସହାୟ ଲୋକଙ୍କୁ ସାମାଜିକ ଜୀବନରେ ଭେଟିବାର ପ୍ରେରଣା ମୁଁ କିଶୋର ଦା'ଙ୍କ ଠାରୁ ପାଇଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଝାରସୁଗୁଡ଼ାର ବିକାଶ ଏବଂ ଝାରସୁଗୁଡ଼ା ମାଧ୍ୟମରେ ଓଡ଼ିଶାର ବିକାଶ, ଏହା ଥିଲା ତାଙ୍କର ପରିକଳ୍ପନା। ସେ ଆଜି ନାହାଁନ୍ତି ସତ କିନ୍ତୁ ଓଡ଼ିଆ ଜନଜୀବନରେ ଲମ୍ବା ସମୟ ପର୍ଯ୍ୟନ୍ତ କିଶୋର ଦା' ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ। ତାଙ୍କର ଦୁର୍ମୂଲ୍ୟ ବିଚାରକୁ ଅଧିକ ଦୀପ୍ତିମାନ କଲେ ହିଁ ତାଙ୍କ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ । ତାଙ୍କର ସ୍ମୃତି ରକ୍ଷା ପାଇଁ 'କିଶୋର ମହାନ୍ତି ଫାଉଣ୍ଡେସନ' ଗଠିତ ହେବା ସହ କିଶୋର ମହାନ୍ତି ସ୍ମୃତି କମିଟି ତରଫରୁ ହେଉଥିବା ବ୍ୟାପକ ଉଦ୍ୟମ ପ୍ରଶଂସନୀୟ।



## ଏଥର ଶୀତ ସହ ନୂଆବର୍ଷକୁ ସ୍ୱାଗତ

ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ): କିଛିଦିନର ଅନ୍ତର୍ଧ୍ୟାନ ପରେ ନୂଆବର୍ଷ ସହ ତାଳ ମିଳାଇ ପୁଣି ଫେରୁଛି ଶୀତ। ଏଥର ଶୀତ ସହ ନୂଆବର୍ଷର ମଜା ନେବେ ରାଜ୍ୟବାସୀ। ଆସନ୍ତାମାସ (ଜାନୁଆରୀ) ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବା ସହ ତାପମାତ୍ରା ହ୍ରାସ ପାଇବ। ଫଳରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ ବିଭାଗ ପୂର୍ବାନୁମାନ କରିଛି । ପୂରା ରାଜ୍ୟରେ ଶୁଖିଲା ପାଗ ରହିବା ସହ ରାତି ତାପମାତ୍ରା ୩ ରୁ ୫ ଡ଼ିଗ୍ରୀ ହ୍ରାସ ପାଇବ । ପାଗ ଶୁଖିଲା ରହିବାରୁ ଥଣ୍ଡା ଅନୁଭୂତ ହେବ । ଆସନ୍ତା ୨୪ ଘଣ୍ଟା ପାଇଁ ରାଜ୍ୟର ୨ ଜିଲ୍ଲା, କନ୍ଧମାଳ ଏବଂ କଳାହାଣ୍ଡିରେ କୁହୁଡ଼ି ଦୃଶ୍ୟମାନ ହେବା ନେଇ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଏହାସହ ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର ଓ ସୁନ୍ଦରଗଡରେ ଘନକୁହୁଡ଼ି ଦୃଶ୍ୟମାନର ସମ୍ଭାବନା ସହ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେପଟେ ଚଳିତବର୍ଷ ଡିସେମ୍ବର ମାସରେ ପ୍ରାୟ ୧୦ ଦିନ ଶୀତ ଅନୁଭୂତ ହୋଇଥିବା ବେଳେ ଜାନୁଆରୀରେ ମଧ୍ୟ ଶୀତର ପ୍ରକୋପ ରହିବ । ହେଲେ ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ ଶୀତର ପ୍ରକୋପ କମ ରହିବ ବୋଲି ପୂର୍ବାନୁମାନ କରିଛି ବିଭାଗ ।

# ସାହିତ୍ୟ ଓ ସମ୍ବାଦପତ୍ର ସମାଜର ଜାଗ୍ରତ ପ୍ରହରୀ ହୋଇ ରହୁ




ବିରୂପାକ୍ଷଙ୍କ ନିର୍ବାଚିତ ସଂପାଦକୀୟ ସଂକଳନ

ଭୁବନେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ): ସବୁ ସମୟରେ ଲେଖନୀର ଶକ୍ତି ସର୍ବାଧିକ। ଲେଖନୀ ବଳରେ ସମାଜକୁ ସବୁପ୍ରକାର ସ୍ଥିତିରେ ରକ୍ଷା କରାଯାଇପାରିବ। ଏଥିଲାଗି ସାହିତ୍ୟିକ ଓ ସାମ୍ବାଦିକମାନେ ଆଗକୁ ବଢ଼ିବା ଦରକାର। ସାହିତ୍ୟ ଓ ସମ୍ବାଦପତ୍ର ସମାଜର ଜାଗ୍ରତ ପ୍ରହରୀ ବୋଲି ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ସୋମବାର ଅପରାହ୍ଣରେ ଜୟଦେବ ଭବନଠାରେ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀଙ୍କ ଲେଖାଗୁଡିକୁ ନେଇ ପ୍ରକାଶ ପାଇଥିବା ସଂକଳନ 'ବିରୂପାକ୍ଷ ତ୍ରିପାଠୀଙ୍କ ନିର୍ବାଚିତ ସଂପାଦକୀୟ' ଉନ୍ମୋଚିତ ହୋଇଛି। ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ସତ୍ୟନିଷ୍ଠ ସାମ୍ବାଦିକ ଓ ଲେଖକଙ୍କୁ ସମାଜ ଚାହୁଁଛି। ସେମାନେ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ।

'ପ୍ରଗତିବାଦୀ' ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ସାଲିସବିହୀନ ସାମ୍ବାଦିକତା ଓ ରାଜନୀତିକୁ ପଣ କରି ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଖୁବ କମ ସାମ୍ବାଦିକ ଅଛନ୍ତି ଯେଉଁମାନେ ସତ ଲେଖିବାକୁ ସାହସ କରୁଛନ୍ତି।'ପ୍ରଗତିବାଦୀ' ପ୍ରଦ୍ୟୁମ୍ନ ବଳଙ୍କ ସେହି ପରମ୍ପରାକୁ ବଜାୟ ରଖିଛି। ବିଶିଷ୍ଟ ଶିକ୍ଷାବିତ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ଏଥିରେ ସଭାପତିତ୍ୱ କରି ସମ୍ବାଦପତ୍ର ଗୁଡିକ କେବଳ ସମ୍ବାଦ ପ୍ରକାଶ କଲେ ହେବ ନାହିଁ ବରଂ ସମାଜରେ ଘଟୁଥିବା ପ୍ରତ୍ୟେକ ଘଟଣା ଉପରେ ନିଜ ମତ ସ୍ପଷ୍ଟ କରିବାର ଆବଶ୍ୟକତା ଥିବା କହିଥିଲେ। ବରିଷ୍ଠ ସାମ୍ବାଦିକ ସନ୍ଦୀପ କୁମାର ସାହୁ ବିରୂପାକ୍ଷ ତ୍ରିପାଠୀଙ୍କ ସେହି ପୁସ୍ତକର ସମୀକ୍ଷା କରିଥିଲେ। ବରେଣ୍ୟ ଅତିଥି ଭାବରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି ଓ 'ପ୍ରଗତିବାଦୀ'ର ଅଧ୍ୟକ୍ଷା ଶ୍ରୀମତୀ ଶାଶ୍ୱତୀ ବଳ ଯୋଗଦେଇ ସମାଜରେ ଅଭାବ ବୋଧ ହେଉଥିବା ମୂଲ୍ୟବୋଧ ତଥା ସମ୍ବେଦନଶୀଳତାକୁ ପ୍ରତିଟି ଲେଖନୀରେ ସାମ୍ବାଦିକମାନେ ଉଲ୍ଲେଖ କରିବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ତ୍ରିପାଠୀ।

# ୧୫୦୦ କ୍ୱିଣ୍ଟାଲ ଧାନ ଜବତ



ବାରିପଦା, ୩୦।୧୨(ସଂଚାର ବ୍ୟୁରୋ): ଚାଷୀଙ୍କ ନିକଟରୁ ଧାନ ଆଣି ବାହାରକୁ ଚାଲାଣ ପାଇଁ ରଖିଥିଲେ ଗଚ୍ଛିତ। ହେଲେ ମାଡି ବସିଲା ଯୋଗାଣ ବିଭାଗ। ଜବତ ହେଲା ଦେଢ଼ ହଜାରରୁ ଅଧିକ କୁଇଣ୍ଟାଲ ଧାନ । ଏତେ ପରିମାଣର ଧାନ ଗଚ୍ଛିତ ଥିବା ଦେଖି ଯୋଗାଣ ବିଭାଗ ଅଧିକାରୀଙ୍କ ଆଖି ଖୋସି ହୋଇଯାଇଛି। ସୋମବାର ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଗୌଡ଼ଗାଁ ଗ୍ରାମରେ ଏକ ଗୋଦାମରେ ବେଆଇନ ଧାନ ଗଚ୍ଛିତ ଥିବା ଖବର ଯୋଗାଣ ବିଭାଗ ପାଇବା ପରେ ତହସିଲଦାର ଏବଂ ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଗୋଦାମରେ ଦେଢ଼ ହଜାର କୁଇଣ୍ଟାଲରୁ ଅଧିକ ଧାନ ଗଚ୍ଛିତ ଥିବା ଯୋଗାଣ ବିଭାଗ ଦେଖିବାକୁ ପାଇଥିଲା। ଏହା ସହିତ କିଛି ଧାନ ବସ୍ତା ଗୋଟିଏ ଟ୍ରକରେ ଲୋଡ଼ ହୋଇଥିଲା ବାହାରକୁ ଚାଲାଣ ପାଇଁ, ତାହାକୁ ମଧ୍ୟ ଅଟକ ରଖିଥିଲା ଯୋଗାଣ ବିଭାଗ। ଚଢ଼ାଉ ସମୟରେ ଗୋଦାମର ମାଲିକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଗୋଦାମକୁ ସିଲ କରାଯାଇଛି । ଏହା ସହିତ ଏତେ ପରିମାଣର ଧାନ କେଉଁଠୁ ଆଣିଲେ ଏବଂ କୁଆଡେ ଚାଲାଣ କରୁଥିଲେ ତାହାର ତଦନ୍ତ କରୁଛି ବିଭାଗ।

# ଉଜୁଡ଼ା କ୍ଷେତରେ ନବୀନ

## ଚାଷୀଙ୍କ ସହ କଥା ହେଲେ,ତୁରନ୍ତ କ୍ଷତିପୂରଣ ପାଇଁ ଦାବି

ହିଞ୍ଜିଳିକାଟୁ, ୩୦।୧୨ (ସଂଚାର ବ୍ୟୁରୋ): ଅମଳ ସମୟରେ ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷାରେ ଉଜୁଡ଼ି ଯାଇଛି ଫସଲ। ଜମିରେ ବର୍ଷକର ଦାନାପାଣି ଗଜା ହେବାର ଦେଖି ଚାଷୀ ହତାଶ। ଫସଲ ନଷ୍ଟ ସହି ନ ପାରି କିଛି ଚାଷୀ ନିଜ ଜୀବନ ହାରିଛନ୍ତି। ପ୍ରକୃତିର ଶକ୍ତ ପ୍ରହାର ଚାଷୀର ମେରୁଦଣ୍ଡକୁ ଦୋହଲାଇଦେଇଛି। ଏ ସବୁ ଘଟଣା ରାଜନୈତିକ କ୍ଷେତ୍ରରେ ବେଶ୍ ଉତ୍ପ୍ତରତା ସୃଷ୍ଟି କରିଛି। ରବିବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଥିବା ବେଳେ ସୋମବାର ବିଲ ବୁଲିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ।



ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିକାଟୁ ଗସ୍ତରେ ଆସିଥିଲେ ନବୀନ। ନିର୍ବାଚନ ପରେ ଏହା ନବୀନଙ୍କ ପ୍ରଥମ ଗସ୍ତ। ଶେରଗଡ଼ରେ ପହଞ୍ଚି ନବୀନ ଚାଷୀଙ୍କୁ ଭେଟିଥିଲେ। ପ୍ରଥମେ ତାକରଡା, ବୁରୁପଡ଼ା ଓ ପୋଡ଼ିଙ୍ଗ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ବ୍ୟାପକ ଫସଲ ହାନି ଦେଖି ଦୁଃଖପ୍ରକାଶ କରିଥିଲେ। ଚାଷୀ ଭାଇମାନେ ବିଧାୟକଙ୍କୁ ପାଖରେ ଦେଖି 'ବର୍ଷାରେ ଆମର ସବୁ ଧାନ ଗଜା ହୋଇଯାଇଛି , ଗରିବ ଲୋକ ଆମେ ଋଣ କରି ଚାଷ କରିଥିଲୁ। ଏବେ କେମିତି ଚଳିବୁ' ବୋଲି କହିଥିଲେ। ଅନ୍ୟପକ୍ଷରେ ଖୁବ ଶୀଘ୍ର ଚାଷୀଙ୍କୁ ସରକାର ଉଚିତ ପରିମାଣରେ ସହାୟତା ରାଶି ପ୍ରଦାନ କରନ୍ତୁ ସରକାର ବୋଲି ଦାବି କରିଛନ୍ତି ନବୀନ ପଟ୍ଟନାୟକ।

# ସୁସ୍ଥ ହୋଇ ଫେରିଲେ ପ୍ରତାପ ଷଡ଼ଙ୍ଗୀ



ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ): ସୁସ୍ଥ ହୋଇ ଓଡ଼ିଶା ଫେରିଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ। ସୋମବାର ସେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କୁ ଉପରେ ହୋଇଥିବା ଆକ୍ରମଣକୁ ଅତ୍ୟନ୍ତ ଜଘନ୍ୟ ଓ ନିନ୍ଦନୀୟ। କୌଣସି ସାଂସଦ ଏଭଳି ଅଶୋଭନୀୟ ଆଚରଣ କରନ୍ତି କି ବୋଲି ପ୍ରତାପ ନନା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଯେଉଁମାନେ ଏଭଳି କରୁଛନ୍ତି, ସେମାନଙ୍କୁ ନିର୍ବାଚନୀ ରାଜନୀତିରେ ସଠିକ୍ ଜବାବ ଦିଆଯାଉ। ରାହୁଲ ଗାନ୍ଧୀ ବାଉନ୍ସର ଭଳି ଧକ୍କା ମାରିଥିଲେ । ବଡ଼ ପଦରେ ଥାଇ ଏଭଳି ବ୍ୟବହାର କରିବା ଠିକ୍ ନୁହେଁ । ବିରୋଧୀ ଦଳ ନେତାଙ୍କର ଗରିମାମୟ ପଦରେ ରାହୁଲ ଗାନ୍ଧୀଙ୍କ ଭଳି ନେତା ବସିବା ଦେଶର ଦୁର୍ଭାଗ୍ୟ ବୋଲି କହିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ। କିଏ ମିଛ କହିଛି, କିଏ ସତ କହୁଛି, ସିସି ଟିଭି କହିବ। ସୂଚନାଯୋଗ୍ୟ, ଗତ ୧୯ରେ ସଂସଦ ଏଣ୍ଟ୍ରି ଗେଟରେ 'ଆମ୍ବେଦକର' ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏତିକି ବେଳେ ଠେଲା ପେଲା ହୋଇଥିଲା। ରାହୁଲ ଗାନ୍ଧୀ ଠେଲି ଦେବାରୁ ସଂସଦର ମକର ଦ୍ୱାରର ଶିଢ଼ି ଉପରରୁ ତଳକୁ ପଡ଼ି ଯାଇଥିଲେ ପ୍ରତାପ ଷଡଙ୍ଗୀ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନୋଏଡାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା।

# ଶ୍ରୀମନ୍ଦିରରେ ଠେଲାପେଲା: ୧୦ ଆହତ

ପୁରୀ, ୩୦।୧୨ (ସଂଚାର ବ୍ୟୁରୋ): ନୂଆବର୍ଷ ପୂର୍ବରୁ ଶ୍ରୀକ୍ଷେତ୍ର ପୁରୀରେ ପ୍ରବଳ ଜନସମାଗମ ହୋଇଛି। ଶ୍ରୀଜିଉଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଠେଲାପେଲା ହେବାରୁ ୧୦ ଶ୍ରଦ୍ଧାଳୁ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁରୁଣା ବର୍ଷକୁ ବିଦାୟ ଦେବା ସହ ନୂଆ ବର୍ଷକୁ ସ୍ୱାଗତ କରିବା ନିମନ୍ତେ ପୁରୀରେ ବିପୁଳ ଜନସମାଗମ ହୋଇଛି। ଦେଶ ତଥା ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ଭକ୍ତ ପୁରୀକୁ ଛୁଟି ଆସିଛନ୍ତି। ସହରରେ ଥିବା ସବୁ ହୋଟେଲ, ଲଜିଂ, ଧର୍ମଶାଳାରେ ପର୍ଯ୍ୟଟକଙ୍କ ଭିଡ଼ ହୋଇଛି। ଏହି ଅବସରରେ କାଳିଆ ଠାକୁରଙ୍କ ଦର୍ଶନ ନିମନ୍ତେ ରାତି ଅଧରୁ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଛି ଭିଡ଼। ମାର୍କେଟ ଛକ ଯାଏଁ ଲମ୍ବା ବ୍ୟାରିକେଡ୍ କରାଯାଇଛି ଓ ଦର୍ଶନ ନିମିତ୍ତ ଶ୍ରଦ୍ଧାଳୁମାନେ ଘଣ୍ଟାଘଣ୍ଟା ଧାଡ଼ିରେ ଅପେକ୍ଷା କରିଛନ୍ତି। ଏପରି ସ୍ଥିତିରେ ଠେଲାପେଲା ହେବାରୁ କିଛି ନାବାଳିକାଙ୍କ ସମେତ ୧୦ ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ଅସୁସ୍ଥ ଲୋକଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ରୂପେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସତ୍ତ୍ୱେ ଏପରି ସ୍ଥିତି ଉପୁଜିବା ସମସ୍ତଙ୍କୁ ଚକିତ କରିଛି। ନୂଆବର୍ଷ ନ ହେଉଣୁ ଯଦି ଏପରି ହେଲାଣି ତେବେ ନୂଆବର୍ଷ ଦିନ କ'ଣ ହେବ ବୋଲି ପ୍ରଶ୍ନ ହେଉଛି। ପୁଲିସ ଓ ପ୍ରଶାସନ ଏଥିପ୍ରତି ସଜାଗ ରହିବାକୁ ଦାବି ହୋଇଛି।

# ଏଆଇ କ୍ୟାମେରା ଧରିଲା ୧୩ ଶିକାରୀ



ବାରିପଦା, ୩୦।୧୨(ସଂଚାର ବ୍ୟୁରୋ): ଏସିଆ ମହାଦେଶର ସର୍ବ ବୃହତ୍ ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କୁ ଧରିଲା ଏଆଇ କ୍ୟାମେରା। ଏଆଇ ତଥ୍ୟ ଆଧାରରେ ବନ ବିଭାଗ ୧୩ ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିମିଳିପାଳର ନିଷିଦ୍ଧାଞ୍ଚଳ ନାସ୍‌ନାଲ୍ ପାର୍କ ଓ ୱାଇଲ୍ଡ ଲାଇଫ ରେଞ୍ଜରେ ୧୩ ଜଣ ଶିକାରୀ ଶିକାର କରିଥିବା ପାଇଁ ଯାଉଥିଲେ। ଯାହା ଏଆଇ କ୍ୟାମେରାରେ କଏଦ ହୋଇଥିଲା। ସେହି ତଥ୍ୟ ଆଧାରରେ ବନ ବିଭାଗ ବିଭିନ୍ନ କରଞ୍ଜିଆ ଥାନା ଅନ୍ତର୍ଗତ ରାଣିଭୋଳ, ଅଁଳାକଟା, ରାମଯୋଡି, ଦୁଧିଆଣି ଗାଁରେ ଚଢ଼ଉ କରି ୧୩ ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୧୩ଟି ଧନୁ ଓ ୩୩ଟି ତୀର ଜବତ କରିଛି। ଗତ କିଛିଦିନ ହେଲା ଶିମିଳିପାଳ ଅଭୟାରଣ୍ୟରେ ୧୦୦ଟି ସ୍ଥାନରେ ଏଆଇ କ୍ୟାମେରା ଲଗା ଯାଇଛି। ସେହି କ୍ୟାମେରା ଶିକାରୀଙ୍କ ଫଟୋ କଏଦ କରୁଛି। ଏଆଇ ତଥ୍ୟ ଆଧାରରେ ବନ ବିଭାଗ ଶିକାରୀମାନଙ୍କୁ ଧରିବାରେ ସଫଳ ହେଉଛି।

# ଜିନତକୁ ଭିଆଇପି ସୁରକ୍ଷା



ଭୁବନେଶ୍ୱର, ୩୦।୧୨ (ସଂଚାର ବ୍ୟୁରୋ): ଦୀର୍ଘ ୨୨ ଦିନ ହେବ ବନବିଭାଗକୁ ଚକମା ଦେଲା। ଶିମିଳିପାଳରୁ ଝାଡଖଣ୍ଡ ପରେ ପଶ୍ଚିମବଙ୍ଗ ଜଙ୍ଗଲରେ ଘୂରି ବୁଲିଲା। ଟ୍ରାଙ୍କୁଲାଇଜ ହେବା ପୂର୍ବରୁ ବନବିଭାଗର ଟିମକୁ ନାକେଦମ କଲା ବାଘୁଣୀ ଜିନତ। ବହୁ ପରିଶ୍ରମ ପରେ ବନବିଭାଗର ଚାଲରେ ଫସିଲା ଜିନ୍ନତ। ଆଲିପୁର ଚିଡିଆଖାନାରେ ଜିନତର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପୁରୁଣା ଠିକଣା ଶିମିଳିପାଳକୁ ଫେରାଇ ଅଣାଯାଉଛି। ସାଇରନ ମାରି ଚାଲିଛି ଏକାଧିକ ପୋଲିସ ଗାଡି। ତା ଭିତରେ ସ୍ୱତନ୍ତ୍ର ଭାବେ ଆଗକୁ ବଢୁଛି ରକ୍ଷକ। କେହି ଯେପରି ବାଧା ସୃଷ୍ଟି ନ କରିପାରିବେ ସେଥିପାଇଁ କଡା ସୁରକ୍ଷାବଳୟ। ଏହି କାରକେଡ ଦେଖିଲେ ଭାବିବ କେହି ଭିଆଇପି ଆସୁଛନ୍ତି ବୋଲି। କିନ୍ତୁ ଏ ସୁରକ୍ଷା ଓ ଏ କାରକେଡ ବାଘୁଣୀ ଜିନତ ପାଇଁ। ଟ୍ରାଙ୍କୁଲାଇଜ କରି ଧରିବା ପରେ ତାକୁ ଶିମିଳିପାଳ ଫେରାଇ ଅଣାଯାଉଛି। ଦକ୍ଷିଣ ଶିମିଳିପାଳରେ ଯମୁନା ପାଇଁ ଉର୍ଦ୍ଦିଷ୍ଟ ଥିବା ଏନକ୍ଲୋଜରରେ ତାକୁ ରଖାଯିବ। ଯାହାଦ୍ୱାରା ଏନକ୍ଲୋଜରରୁ ବାହାରକୁ ଛଡାଗଲେ ଜିନତ ଆଉ ଶିମିଳିପାଳ ଜଙ୍ଗଲ ଛାଡି ଦୂରକୁ ଯିବା ସମ୍ଭବପର ହେବନି।




## ଦିନକ ପରେ ନୂଆବର୍ଷ

ସରକାରୀ କ୍ୟାଲେଣ୍ଡର ଓ ଡାଏରୀ କିଣିବା ପାଇଁ ରାଜଧାନୀ ଜୟଦେବ ଭବନରେ ଲାଗିଛି ଲମ୍ବା ଲାଇନ୍।

# ସିଏମ୍‌ସି ଦୋକାନ ଆବଣ୍ଟନରେ ଅନିୟମିତତା ଅଭିଯୋଗ

କଟକ,୩୦।୧୨ (ସଂଚାର ବ୍ୟୁରୋ): କଟକ ସହରର ବିଭିନ୍ନ ସ୍ଥାନରେ କଟକ ମହାନଗର ନିଗମ ଦୋକାନ ଘର ଏବଂ ମାର୍କେଟ କମ୍ପ୍ଲେକ୍ସର ମୋଟ ୮୯୬ଟି ଦୋକାନ ଘର ଥିବା ସୂଚନାଅଧିକାର ଆଇନରୁ ତଥ୍ୟ ମିଳିଛି।ମାତ୍ର ସିଏମସି ଦୋକାନଘର ଯେଉଁ ବ୍ୟକ୍ତିଙ୍କ ନାମରେ ରହିଛି ସେଥିରୁ ବହୁଲୋକ ମୃତ୍ୟୁବରଣ କରିଥିବା ବେଳେ ପ୍ରଭାବଶାଳୀ ବ୍ୟକ୍ତି ସିଏମସି ଦୋକାନଘର ନିଜେ ଦୋକାନ ନକରି ଲକ୍ଷାଧିକ ଟଙ୍କା ଅଗ୍ରୀମ ନେଇ ମାସକୁ ୫-୧୦ଟଙ୍କା ଭଡାସୁତ୍ରେ ଲଗାଇଛନ୍ତି।ପ୍ରାୟ ୭୦ପ୍ରତିଶତ ଦୋକାନ ଏପରି ଭଡାସୁତ୍ରେ ଲଗାଯାଇଛି ।ଏହି ଦୋକାନଘରେ ବ୍ୟବସାୟ କରିବା ପାଇଁ ସିଏମସି ଟ୍ରେଡ ଲାଇସେନ୍ସ ନିୟମ ରହିଥିବା ବେଳେ କେଉଁ କେଉଁ ଦୋକାନଘର କାହା ନାମରେ ଟ୍ରେଡ ଲାଇସେନ୍ସ ଅଛି ଏହାର ତଥ୍ୟ ଆରଟିଆଇରେ ମିଳୁନାହିଁ।ବିଭାଗୀୟ ଅଧିକାରୀ ଉକ୍ତ ଦୋକାନଘରକୁ ସଠିକ ଯାଞ୍ଚ କରୁନାହାଁନ୍ତି ନା ହାତଗୁଞ୍ଜା ନେଇ ନୀରବ ରହୁଛନ୍ତି ଏହା ଏକ ସନ୍ଦେହ ସୃଷ୍ଟି ହୋଇଛି।




କଟକ କଲେଜଛକ ଅଞ୍ଚଳରେ ସିଏମସିର ୩୩ଗୋଟି ସ୍ଥାୟୀ ଦୋକାନ ଘର ରହିଛି ବୋଲି ଆରଟିଆଇ ତଥ୍ୟ ସିଏମସି ଚିଠି ନଂ-୬୭୯୫/୨୭.୦୭.୨୧ରେ ତତ୍କାଳୀନ ସିଏମସି ରାଜସ୍ୱ ବିଭାଗ ଉପ-ଆୟୁକ୍ତ ଲତାଶ୍ରୀ ବାଗ ଲିଖିତ ଜଣାଇଥିଲେ।ମାତ୍ର ତା-୨୦.୦୬.୨୦୨୨ରେ ଉକ୍ତ ଅଧିକାରୀ ୩୩ଗୋଟି ଓ ଆଉ ୩ଗୋଟି ସମୁଦାୟ ୩୬ଟି ସ୍ଥାୟୀ ଦୋକାନଘର ଲିଖିତ ଜଣାଇବା ସହ ଗୋଟିଏ ଦୋକାନଘର ପାଇଁ ଜଣେ ହିତାଧିକାରୀଙ୍କୁ ୪୨ହଜାର ୮୦୪ଟଙ୍କା ଦାଖଲ କରିବା ପାଇଁ ସିଏମସି ଚିଠି ନଂ-୪୬୫୧/୨୫.୦୪.୨୨ରୁ ଜଣାପଡିଛି।ଯେଉଁ ବ୍ୟକ୍ତିଙ୍କୁ ଏହି ଚିଠି ହୋଇଛି ଏହି ବ୍ୟକ୍ତିଙ୍କ ନାମରେ ଏବଂ ତାଙ୍କର ପରିବାର ନାମରେ ସିଏମସିର ୨ଟି ଦୋକାନଘର ରହିଥିବା ବେଳେ କେଉଁ ଆଧାରରେ ପୁନର୍ବାର ବିଭାଗୀୟ ଅଧିକାରୀ ଜାଗାର ସରଜମିନ ତଦନ୍ତ ନକରି ଦୋକାନଘର ଦିଆଯାଇଛି ଏବଂ ତତ୍କାଳୀନ ଅଧିକାରୀ ଓ ବର୍ତ୍ତମାନ ସିଏମସି ଲାଇସେନ୍ସ ବିଭାଗ ଉପ-

## ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ସୂଚନା ଅଧିକାର କର୍ମୀ

ଆୟୁକ୍ତ ଶ୍ରୀଯୁକ୍ତ ସୁମନ୍ତ କରଙ୍କ ଚିଠି ନଂ-୧୮୫୩୫/ ସିଏମସି ତା-୨୦.୧୨.୨୪ର ତଥ୍ୟରେ କୌଣସି ତାଳମେଳ ନଥିବା ଯୋଗୁଁ ଏକ ବଡ଼ ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି।ଉକ୍ତ ହିତାଧିକାରୀ ବୀରକିଶୋର ଜେନା ଓ ଅନ୍ୟ ୨ଜଣ ୧୯୯୯ମସିହାରୁ ସେହି ସ୍ଥାନରେ ବ୍ୟବସାୟ କରି ଆସୁଛନ୍ତି ଏବଂ ସେହି ଦୋକାନଘରକୁ ସିଏମସିକୁ ହସ୍ତାନ୍ତର କରିବା ପରେ ୨୦୦୫ଜୁନ ୩୦ରେ କାଉନସିଲ ବୈଠକରେ ଅନୁମୋଦନ କରାଯାଇଛି ବୋଲି ସୁମନ୍ତ କର ଲିଖିତ ଜଣାଇବା ଏବଂ ତତ୍କାଳୀନ ରାଜସ୍ୱ ଉପ-ଆୟୁକ୍ତ ଲତାଶ୍ରୀ ବାଗଙ୍କ ଚିଠିରେ ୨୦୨୧ ଅପ୍ରେଲ ୧ତାରିଖ ଠାରୁ ୨୦୨୨ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଅର୍ଥାତ ୧ବର୍ଷ ଭଡାବାବଦରେ ୪୨ହଜାର ୮୦୪ଟଙ୍କା ଦାଖଲ କରିବା ପରେ ଦୋକାନଘର ବୀରକିଶୋର ଜେନାଙ୍କୁ ଆଲୋଟମେଣ୍ଟ କରାଯିବ ସମସ୍ତ ଚିଠି କେଉଁ ଆଧାରରେ ଅଧିକାରୀ କରିଛନ୍ତି ଏହାର ଉଚ୍ଚସ୍ତରୀୟ ତଦନ୍ତ ସୌ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀରେ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ,ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ, ସିଏମସି କମିଶନର ଏବଂ ମେୟରଙ୍କୁ ଲିଖିତ ଜଣାଇଛନ୍ତି।ସୂଚନାଅଧିକାର ଆଇନର ତଥ୍ୟ ସିଏମସି ଦୋକାନଘର କାଗଜପତ୍ର, ଜାଗାର ମାଲିକାନା ଘଟଣାସ୍ଥଳକୁ ସତ୍ୟାନୁସନ୍ଧାନ କରିବା ସହ ଦୋକାନଘରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଟ୍ରେଡ ଲାଇସେନ୍ସ ଯାଞ୍ଚ କରାଗଲେ ଏକ ବଡ ଧରଣର ଦୁର୍ନୀତି ଲୋକଲୋଚନକୁ ଆସିବ ଯେଉ ଦୁର୍ନୀତିକୁ ଚାପିବା ପାଇଁ ଆରଟିଆଇରେ ତଥ୍ୟ ଦେଉନଥିବା ସିଏମସିର ଅଧିକାରୀଙ୍କ ଅସଲିମୂଖା ପଦାକୁ ଆସିବ ବୋଲି ଜିତେନ୍ଦ୍ର ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଦୁର୍ନୀତିକୁ ପ୍ରଶୟ ଦେଉନଥିବା ବେଳେ ଏହି ବଡ ଧରଣର ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ସୋମବାର ସିଏମସି ବିକାଶଭବନ ଜନଶୁଣାଣୀରେ ସିଏମସି କମିଶନର ଶ୍ରୀଯୁକ୍ତ ଅନାମ ଚରଣ ପାତ୍ର ଜିତେନ୍ଦ୍ରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ ରୋଲ୍ସ ରୟେସ ଘୋଷ୍ଟର ନୂଆ ମଡେଲ୍




ନୂଆଦିଲ୍ଲୀ, ୩୦।୧୨: ରୋଲ୍ସ ରୟେସ ଘୋଷ୍ଟ ସିରିଜ-୨ର ରିଫ୍ରେସ୍ ମଡେଲ ନିକଟରେ ଗ୍ଲୋବାଲ୍ ମାର୍କେଟରେ ଲଞ୍ଚ କରାଯାଇଥିଲା। ଏହି କାର ଲଞ୍ଚ ହେବାର ପ୍ରାୟ ଦୁଇ ମାସ ପରେ ଲଗଜୁରୀ ସେଡାନର ଛୋଟ ମଡେଲ୍ ମଧ୍ୟ ଭାରତୀୟ ମାର୍କେଟକୁ ଆସିଛି। ରୋଲ୍ସ ରୟେସ ଘୋଷ୍ଟ ଫେସେଲିଫ୍ଟ, ତିନି ଭ୍ୟାରିଆଣ୍ଟରେ ମାର୍କେଟକୁ ଆସିଛି। ସେଗୁଡିକ ହେଉଛି- ଷ୍ଟାଣ୍ଡାର୍ଡ, ଏକ୍ସଟେଣ୍ଡେଡ୍ ଏବଂ ବ୍ଲାକ ବେଜ୍। ରୋଲ୍ସ ରୟେସ ଘୋଷ୍ଟ ଫେସେଲିଫ୍ଟର ଷ୍ଟାଣ୍ଡାର୍ଡ ମଡେଲର ପ୍ରାଇସ୍ ହେଉଛି- ୮.୯୫ କୋଟି ଟଙ୍କା। ଏହାର ଏକ୍ସଟେଣ୍ଡେଡ୍ ଭ୍ୟାରିଆଣ୍ଟର ପ୍ରାଇସ୍ ହେଉଛି- ୧୦.୧୯ କୋଟି ଟଙ୍କା ଏବଂ ବ୍ଲାକ ବେଜ୍ ଭ୍ୟାରିଆଣ୍ଟର ପ୍ରାଇସ୍ ହେଉଛି-୧୦.୫୨ କୋଟି ଟଙ୍କା। ଅଟୋମେକର୍ସ ମଧ୍ୟ ଏହି ରୋଲ୍ସ ରୟେସ କାରର ଫେସେଲିଫ୍ଟ ମଡେଲ ପାଇଁ ବୁକିଂ ଆରମ୍ଭ କରିଛନ୍ତି। ୨୦୨୫ ବର୍ଷର ପ୍ରଥମ ଚାରିମାସରେ କମ୍ପାନୀ ଏହି କାରକୁ ଡେଲିଭରୀ କରିପାରେ। ରୋଲ୍ସ ରୟେସ ଘୋଷ୍ଟ ଫେସେଲିଫ୍ଟକୁ ବ୍ଲାକ୍ ଡିଜାଇନ ସହିତ ଅଣାଯାଇଛି। ସେହିଭଳି ଡିଜାଇନ୍ ସିରିଜ୍-୨ କୁଲିନାନରେ ମଧ୍ୟ ଦେଖିବାକୁ ମିଳିବ। ଫ୍ରଣ୍ଟ ବମ୍ପର ତଳେ ଲାଗିଥିବା ଛୋଟ ଗ୍ରୀଲ୍ ଦିଆଯାଇଛି। ଏହାର ଚାରିପାଖରେ ଡିଆରଏଲଏସ ଲାଗିଛି। ଏହି ଗାଡିର ବ୍ୟାକ୍ ଡିଜାଇନ୍ ବିଷୟରେ କହିବାକୁ ଗଲେ ଟେଲ ଲାଇଟ୍ସ ସହିତ ନୂଆ ଲୁକ୍ ଦିଆଯାଇଛି। ଏହି ଗାଡିରେ ଦୁଇ ପ୍ରକାରର ୨୨-ଇଞ୍ଚର ଆଲଏ ହୁଇଲ୍ ଲଗାଇବାର ଅପ୍ସନ ରହିଛି। ଅଟୋମେକର୍ସ ରୋଲ୍ସ ରୟେସ ଘୋଷ୍ଟ ଫେସେଲିଫ୍ଟର ନୂଆ ମଡେଲରେ କିଛି ପରିବର୍ତ୍ତନ କରିନାହାଁନ୍ତି। ପୂର୍ବ ମଡେଲ ପରି ଏହି ଗାଡିର ୬.୭୫ ଲିଟର, ଟ୍ୱିନ ଟର୍ବୋ ଭି ୧୨ଇଞ୍ଜିନ୍ ଲାଗିଛି, ଯାହା ସହିତ ୮-ସ୍ପିଡ୍ ଅଟୋମେଟିକ୍ ଗିୟର ବକ୍ସ ମଧ୍ୟ ଯୋଡା ଯାଇଛି। ଘୋଷ୍ଟ ଫେସେଲିଫ୍ଟର ଷ୍ଟାଣ୍ଡାର୍ଡ ଏବଂ ଏକ୍ସଟେଣ୍ଡେଡ୍ ଭର୍ସନରେ ଲାଗିଥିବା ଇଞ୍ଜିନ୍ ୫୬୩ ଏଚପି ର ପାୱାର ମିଳିଥାଏ ଏବଂ ୮୫୦ ଏନଏମ ର ଟର୍କ ଜେନେରେଟ୍ ହୋଇଥାଏ। ସେହିଭଳି ବ୍ଲାକ ବେଜ ଭର୍ସନରେ ଏହି ଇଞ୍ଜିନ୍ ୫୯୨ ବିଏଚପିର ପାୱାର ଏବଂ ୯୦୦ ଏନଏମର ଟର୍କ ପ୍ରଦାନ କରିଥାଏ।

# ଭାରତୀୟ ପୁଞ୍ଜି ବଜାର ବିଶ୍ୱର ୪ର୍ଥ ସର୍ବବୃହତ

**ନୂଆଦିଲ୍ଲୀ, ୩୦/୧୨:** ରେକର୍ଡ ସ୍ତର ଛୁଇଁଛି ଭାରତୀୟ ପୁଞ୍ଜିବଜାର। ୫.୨ ଲକ୍ଷ କୋଟି ଡଲାର ବଜାର ପୁଞ୍ଜି ସହ ଏହା ବିଶ୍ୱର ୪ର୍ଥ ସର୍ବବୃହତ ପୁଞ୍ଜି ବଜାର ଭାବେ ଉଭା ହୋଇଛି। ପ୍ରଥମ ୩ ସ୍ଥାନରେ ଆମେରିକା, ଚୀନ ଏବଂ ଜାପାନ ରହିଛନ୍ତି। ଚଳିତ ବର୍ଷ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ରେକର୍ଡ ଉଚ୍ଚ ସ୍ତର ଯଥାକ୍ରମେ ୮୫,୯୮୭ ପଏଣ୍ଟ ଏବଂ ୨୬,୨୭୭ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ପାଣ୍ଡୋମାଥ୍ ଗ୍ରୁପ ପକ୍ଷରୁ ଜାରି ରିପୋର୍ଟ ମୁତାବକ, ଗତ ଆର୍ଥିକ ବର୍ଷରେ ଜିଡିପି ୮.୨% ଛୁଇଁଥିଲା। ସରକାରୀ ଖର୍ଚ୍ଚ କମିବା ଏବଂ ଦରଦାମ ଚାପ ଯୋଗୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ଭାଗରେ ଦେଶର ଜିଡିପି ଅଭିବୃଦ୍ଧି ଧିମା ରହିଛି। ସରକାରଙ୍କ ଖର୍ଚ୍ଚ, ଘରୋଇ ନିବେଶ ଏବଂ ଗ୍ରାମୀଣ ଚାହିଦା ପ୍ରତ୍ୟାବର୍ତ୍ତନ ଯୋଗୁ ଅଭିବୃଦ୍ଧି



ପୁଣି ଥରେ ଟ୍ରାକକୁ ଫେରିବ ବୋଲି ଆକଳନ କରାଯାଇଛି। ଭାରତ ଭାଲ୍ୟୁ ଫଣ୍ଡର ସିଆଇଓ ମଧୁ ଲୁନାୱତ କୁହନ୍ତି, ଉଭୟ ଘରୋଇ ଏବଂ ବିଦେଶୀ ନିବେଶକଙ୍କ ଲାଗି ମଧ୍ୟମ ଓ ଦୀର୍ଘ ମିଆଦି ନିବେଶ ଦୃଷ୍ଟିକୋଣରୁ ଏଆଇଏଫ୍, ପିଏମ୍ଏସ୍, ମ୍ୟୁଚୁଆଲ ଫଣ୍ଡ ବର୍ଗରେ ଢ଼େର ସୁଯୋଗ ରହିଛି। ଏବେ ଦେଶର କୃଷି କ୍ଷେତ୍ର ଅଭିବୃଦ୍ଧି ପଥରେ ରହିଛି। ଅଟୋମୋଟାଇଲ କ୍ଷେତ୍ର ୧୦% ଅଭିବୃଦ୍ଧି ସହ ୬.୧୪ ଲକ୍ଷ କୋଟି ଛୁଇଁଛି। ଇଭି ଗ୍ରହଣୀୟତା ସହ ଦେଶ ଏ କ୍ଷେତ୍ରରେ ୩୦ ବିଲିୟନ ଡଲାର ରପ୍ତାନି ଲକ୍ଷ୍ୟ ରଖିଛି। ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, ପୁଞ୍ଜିଖର୍ଚ୍ଚ ଏବଂ କର୍ପୋରେଟ ଗୁଡିକର ଲାଭ ସହ ଏହା ବଜାର ଲାଗି ଲାଭକାରି ହେବ ବୋଲି ଏସିଏମ୍ଆଇଆଇଏଲର ରିଟେଲ ମୁଖ୍ୟ ଦେବାଙ୍ଗ ଶାହା କହିଛନ୍ତି।

## ପୁଣି ବଢ଼ିଲା ସୁନା ଦର



ବଢ଼ିଲା ସୁନା ଦର। ଆଜି ଭାରତୀୟ ବଜାରରେ ସୁନା ଦର ୨୪କ୍ୟାରେଟ୍ ରେ ୧୬୦ ଟଙ୍କା ଏବଂ ୨୨କ୍ୟାରେଟ୍ ରେ ୧୫୦ ଟଙ୍କା ବୃଦ୍ଧି ହୋଇଛି। ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୫୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୦୦୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧, ୫୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮,୦୦୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୫୦୦ ଟଙ୍କା ଓ ୭୮,୦୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୬୫୦ ଟଙ୍କା ଓ ୭୮, ୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮,୦୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୫୦୦ ଟଙ୍କା ଓ ୭୭, ୦୦୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୫୦୦ ହଜାର ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦.୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଓଡ଼ିଶାର ଭରସା ଘରୋଇ ସଂସ୍ଥା ବିଜୁଳି ଯୋଗାଣ ୬୩% ବଢ଼ିଛି

ନୂଆଦିଲ୍ଲୀ: ଗତ କିଛି ବର୍ଷ ମଧ୍ୟରେ ବିଜୁଳି ଉତ୍ପାଦନର ଦୃଶ୍ୟପଟରେ ହୋଇଛି ବଡ଼ ପରିବର୍ତ୍ତନ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତୁଳନାରେ ଘରୋଇ ସଂସ୍ଥାଗୁଡ଼ିକ କରୁଥିବା ବିଦ୍ୟୁତ୍ ଉତ୍ପାଦନ ଅଧିକ ବେଗରେ ବଢ଼ିଛି। ଓଡ଼ିଶା ସମେତ ଗୁଜରାଟ, ରାଜସ୍ଥାନ ଓ ଛତିଶଗଡ଼ରେ ବିଜୁଳି ଯୋଗାଣରେ ଘରୋଇ କ୍ଷେତ୍ରର ଯୋଗଦାନ ଅଧିକ ମାତ୍ରାରେ ବଢ଼ିଛି। ନିକଟରେ ଶେଷ ହୋଇଥିବା ସଂସଦର ଶୀତ ଅଧିବେଶନରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଘରୋଇ କ୍ଷେତ୍ରର ବିଦ୍ୟୁତ୍ ଉତ୍ପାଦନ ୬୩ ପ୍ରତିଶତ ବୃଦ୍ଧି ପାଇଛି। ଏଥିସହିତ ରାଜ୍ୟରେ ଅକ୍ଷୟ ଶକ୍ତିର ଭାଗ ମଧ୍ୟ ବଢ଼ୁଛି। ଓଡ଼ିଶାରେ ୨୦୧୮ ପରଠାରୁ ଅକ୍ଷୟ ଶକ୍ତି ଉତ୍ପାଦନରେ ଉନ୍ନତି ଆସିଛି। ରାଜ୍ୟର ମୋଟ ଶକ୍ତିରେ ଅକ୍ଷୟ ଶକ୍ତିର ଭାଗ ୪୫ ପ୍ରତିଶତ ଭଳି ସ୍ତରରେ ପହଞ୍ଚିଛି। ରାଜ୍ୟ ଭିତରେ ଚାହିଦା ସୀମିତ ଥିବାରୁ ଓଡ଼ିଶା ଏହାର ବଳକା ବିଜୁଳି ପଡ଼ୋଶୀ ରାଜ୍ୟଗୁଡ଼ିକୁ ବିକ୍ରି କରିବା ଭଳି ସ୍ଥିତିରେ ରହିଛି। ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ରାଜସ୍ଥାନରେ ଘରୋଇ ସଂସ୍ଥାର ବିଜୁଳି ଯୋଗାଣରେ ସର୍ବାଧିକ ୧୨୫ ପ୍ରତିଶତ ବୃଦ୍ଧି ଘଟିଛି। ଓଡ଼ିଶା ଓ ଛତିଶଗଡ଼ରେ ଘରୋଇ ସଂସ୍ଥାଙ୍କ ବିଜୁଳି ଯୋଗାଣରେ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଛି। ହରିୟାଣାରେ ଏହି ବୃଦ୍ଧି ହାର ୫୦ ପ୍ରତିଶତ, ତାମିଲନାଡୁରେ ୪୪ ପ୍ରତିଶତ ଓ ଉତ୍ତରପ୍ରଦେଶରେ ୪୦ ପ୍ରତିଶତ ରହିଛି। ଆଲୋଚ୍ୟ ପାଞ୍ଚ ବର୍ଷ ମଧ୍ୟରେ ଘରୋଇ ସଂସ୍ଥା ଉତ୍ପାଦନ କରୁଥିବା ବିଜୁଳିରେ ହାରାହାରି ୨୯ ପ୍ରତିଶତ ବୃଦ୍ଧି ହୋଇଛି। ବିଶେଷଜ୍ଞଙ୍କ ମତରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ତୁଳନାରେ ଘରୋଇ ସଂସ୍ଥାଗୁଡ଼ିକ ଅଧିକ ବିଜୁଳି ଉତ୍ପାଦନ କରୁଛନ୍ତି। ୨୦୦୮-୦୯ରେ ମୋଟ ସ୍ଥାପିତ ବିଦ୍ୟୁତ୍ ଉତ୍ପାଦନ କ୍ଷମତାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଭାଗ ୫୪ ପ୍ରତିଶତ ଥିଲା। ୨୦୨୩-୨୪ ସୁଦ୍ଧା ତାହା ୨୪ ପ୍ରତିଶତକୁ ଖସିଆସିଛି। ସେହି ସମୟ ଖଣ୍ଡରେ ଘରୋଇ ସଂସ୍ଥାଗୁଡ଼ିକର ଭାଗ ୧୫ ପ୍ରତିଶତରୁ ବୃଦ୍ଧି ପାଇ ୫୨ ପ୍ରତିଶତ ହୋଇଛି।

## ଭୁବନେଶ୍ୱରରେ ସ୍କୋଡାର ଇଣ୍ଡିଆ ଡ୍ରିମ୍ ଟୁର୍ ଟିମ୍




**ଭୁବନେଶ୍ୱର,୩୦।୧୨:** ସ୍କୋଡା ଅଟୋ ଇଣ୍ଡିଆର ନୂତନ ଅଭିଯାନ 'ଇଣ୍ଡିଆ ଡ୍ରିମ୍ ଟୁର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସର୍ବଭାରତୀୟ କାର୍ଯ୍ୟକ୍ରମ ବ୍ରାଣ୍ଡ୍ର ନୂତନ ମଡେଲ 'ସ୍କୋଡା କ୍ୟାଲାକ'ର ପ୍ରଚାର ଓ ପ୍ରସାର ସାଙ୍ଗକୁ ମଡେଲର ଆଭିମୁଖ୍ୟ ଓ ବିଶେଷତ୍ୱ ସମ୍ପର୍କରେ ଅବଗତ କରାଉଛନ୍ତି। ଏପରିକି ନିକଟରେ ବ୍ରାଣ୍ଡ୍ର ଅଭିଯାନ ଟିମ୍ (ସ୍କୋଡାର ଇଣ୍ଡିଆ ଡ୍ରିମ୍ ଟୁର୍ ଟିମ୍) ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଟ୍ରିନିଟି ସ୍କୋଡା ପ୍ରତାପନଗରୀ କଟକ (ଡିଏମପିଏଲ) ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଅନାବରଣ ଓ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜନ କରାଯାଇଥିଲା। ସେହିଭଳି ଟ୍ରିନିଟି ସ୍କୋଡା ପକ୍ଷରୁ ସ୍କୋଡାର ଅଲ ନ୍ୟୁ କ୍ୟାଲାକର ଅନାବରଣ କରାଯାଇଥିଲା। ଏହି ଅବସରରେ ଟ୍ରିନିଟି ସ୍କୋଡାର ସିଇଓ ଅଶ୍ୱସ୍ତ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବାରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରିନିଟି ସ୍କୋଡାର ମୁଖ୍ୟ (ମାର୍କେଟିଂ) ଶ୍ରୀମୟ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଶେଷରେ ଏକ ସୁନ୍ଦର ଭାବ ବିନିମୟ କାର୍ଯ୍ୟକ୍ରମ ଉଭୟ ଆଶାୟୀ ଗ୍ରାହକ ଓ ପୁରୁଣା ଗ୍ରାହକଙ୍କ ମଧ୍ୟରେ ହୋଇଥିଲା।



## ଗୁରୁତ୍ୱପୂର୍ଣ୍ଣ ଖଣି ନିଲାମ ବାତିଲ, ମିଳିଲେନି ବିଡର୍

ନୂଆଦିଲ୍ଲୀ: ଗୁରୁତ୍ୱପୂର୍ଣ୍ଣ ଖଣିଜ ଥିବା ଖଣି ହାସଲ କରିବା ଲାଗି କମ୍ପାନିଗୁଡ଼ିକ ମଧ୍ୟରେ ଆଗ୍ରହର ଅଭାବକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୧୧ଟି ଖଣିର ନିଲାମ ବାତିଲ କରିଛନ୍ତି। ଏହି ଖଣିଗୁଡ଼ିକ ମଧ୍ୟରୁ ଚାରିଟି ଖଣି ଲାଗି କେହି ବିଡ୍ ଦାଖଲ କରିନଥିଲେ। ଅନ୍ୟ ଖଣିଗୁଡ଼ିକ ଲାଗି ସର୍ବନିମ୍ନ ତିନିଟି ବୈଷୟିକ ବିଡ୍ ଆସିନଥିଲା। ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଥିବା ଟଙ୍ଗଷ୍ଟନ ଓ ଗ୍ଲୁକୋନାଇଟ୍ ଖଣି ପାଇଁ କୌଣସି ବିଡ୍ ଆସିନଥିଲା। ଟର୍ବାଇନ୍ଠାରୁ ଆରମ୍ଭ କରି ଇଲେକ୍ଟ୍ରିକ୍ ଯାନ (ଇଭି) ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ଯଥା କୋବାଲ୍ଟ, ତମ୍ବା, ଲିଥିୟମ୍, ନିକେଲ୍ ଓ ବିରଳ ମୃତ୍ତିକା ଆଦିର ଉପଲବ୍ଧତାକୁ ବଢ଼ାଇବା ଲାଗି ଏହି ସବୁ ଉପାଦାନ ଥିବା ଖଣିଗୁଡ଼ିକୁ ନିଲାମ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ପୂର୍ବରୁ ନିଲାମର ତିନିଟି ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହା ଥିଲା ଚତୁର୍ଥ ପର୍ଯ୍ୟାୟ। ଖଣି ପାଇବାକୁ ସଂସ୍ଥାଗୁଡ଼ିକ ମଧ୍ୟରେ ଆଗ୍ରହର ଅଭାବରୁ ପ୍ରଥମ ପର୍ଯ୍ୟାୟରେ ୧୪ଟି, ଦ୍ୱିତୀୟରେ ୧୪ଟି ଓ ତୃତୀୟ ପର୍ଯ୍ୟାୟ ନିଲାମରେ ତିନିଟି ଖଣିର ନିଲାମ ବାତିଲ କରାଯାଇଥିଲା।

# ଲକ୍ଷେ ଟଙ୍କାରୁ କମରେ ମିଳିବ ସ୍କୁଟର ଏବଂ ବାଇକ୍



ନୂଆ ବର୍ଷ ହେଉ କିମ୍ବା କୌଣସି ଫେଷ୍ଟିଭ୍ ସିଜିନ୍ ହେଉ, ଲୋକେମାନେ ଏହାକୁ ବହୁତ ଧୁମଧାମରେ ପାଳନ କରନ୍ତି। ଏହି ଅବସରରେ ଲୋକେମାନେ ନିଜ ଘର ପାଇଁ କିଛି ନୂଆ ଜିନିଷ କିମ୍ବା ନୂଆ ଗାଡି ଆଣିବା ପାଇଁ ମଧ୍ୟ ପ୍ଲାନ୍ କରିଥାନ୍ତି। ଭାରତୀୟ ବଜାରରେ ଅନେକ ଗାଡି ରହିଛି, ଯାହାକୁ ଆପଣ ଘରକୁ ଆଣି ଆପଣଙ୍କ ଖୁସିକୁ ବଢ଼ାଇପାରିବେ। ୧ ଲକ୍ଷ ଟଙ୍କା ମଧ୍ୟରେ ଉପଲବ୍ଧ ମୋଟରସାଇକେଲ୍ ଏବଂ ସ୍କୁଟର ବିଷୟରେ ଆସନ୍ତୁ ଜାଣିବା। ହିରୋ ସ୍ପ୍ଲେଣ୍ଡର ପ୍ଲସ ଭାରତୀୟ ବଜାରରେ ମୋଷ୍ଟ ପପୁଲାର୍ ମୋଟରସାଇକେଲରୁ ଗୋଟିଏ। ଏହି ବାଇକର ଏକ୍ସ-ସୋରୁମ୍ ପ୍ରାଇସ୍ ୭୫,୪୪୧ ଟଙ୍କାରୁ ଆରମ୍ଭ ହେଉଛି। ହିରୋର ଏହି ବାଇକରେ ଏୟାର-କୁଲ୍ଡ, ୪-ଷ୍ଟ୍ରୋକ୍, ସିଙ୍ଗଲ-ସିଲିଣ୍ଡର, ଓଏଚସି ଇଞ୍ଜିନ୍ ରହିଛି। ବାଇକରେ ଥିବା ଏହି ଇଞ୍ଜିନ୍ ୮,୦୦୦ ଆରପିଏମ ରେ ୫.୯ କେଡବ୍ଲ୍ୟୁର ପାୱାର ମିଳିଥାଏ ଏବଂ ୬,୦୦୦ ଆରପିଏମ ରେ ୮.୦୫ ଏନଏମ ର ଟର୍କ ମିଳିଥାଏ। ଏହି ବାଇକ୍ ୭୦ କିଲୋମିଟର ମାଇଲେଜ୍ ଦେଇଥାଏ। ହୋଣ୍ଡା ଆକ୍ଟିଭା ଦେଶର ବହୁତ ଅଧିକ ସେଲ୍ ହେଉଥିବା ସ୍କୁଟର ମଧ୍ୟରୁ ଗୋଟି,। ଏହି ଟୁ-ହୁଇଲର ଗାଡିରେ ୪-ଷ୍ଟ୍ରୋକ୍, ଏସଆଇ ଇଞ୍ଜିନ୍ ଲାଗିଛି। ଏହି ଇଞ୍ଜିନରେ ୮,୦୦୦ ଆରଏମପି ରେ ୫.୭୭ kW ର ପାୱାର ମିଳିଥାଏ ଏବଂ ୫,୫୦୦ ଆରଏମପି ରେ ୮.୯୦ ଏନଏମ ର ଟର୍କ ମିଳିଥାଏ। ଏହି ସ୍କୁଟର ୫୦ କିଲୋମିଟର ମାଇଲେଜ୍ ଦେଇଥାଏ। ଆକ୍ଟିଭାର ତିନୋଟି ଭ୍ୟାରିଆଣ୍ଟ ମାର୍କେଟର ସାମିଲ ରହିଛି। ହୋଣ୍ଡା ଆକ୍ଟିଭା ଦିଲ୍ଲୀରେ ଏକ୍ସ-ସୋରୁମ୍ ପ୍ରାଇସ୍ ୭୬,୬୮୪ ଟଙ୍କାରୁ ଆରମ୍ଭ ହୋଇ ୮୨,୬୮୪ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ଦେଶର ଅନ୍ୟ ସହରରେ ଏହି ମୂଲ୍ୟରେ ପାର୍ଥକ୍ୟ ଥାଇପାରେ। ଟିଭିଏସ ରାଇଡର ୧୨୫ ଏକ ଦମଦାର୍ ଏବଂ ମର୍ଡନ ଷ୍ଟାଇଲ ସହିତ ଏକ ବେଜଟ୍ ଫ୍ରେଣ୍ଡଲି ବାଇକ୍ ହୋଇଛି। ଏହି ମୋଟରସାଇକେଲ ବଜାରରେ ୬ଟି ଭ୍ୟାରିଆଣ୍ଟରେ ସେଲ୍ ହେଉଛି। ଦିଲ୍ଲୀର ଏହି ଟିଭିଏସ ବାଇକର ଏକସ-ସୋରୁମ୍ ପ୍ରାଇସ୍ ୯୮,୫୩୦ ଟଙ୍କାରୁ ଆରମ୍ଭ ହୋଇଛି। ଏହି ବାଇକ୍ ମାତ୍ର ୫.୮ ସେକେଣ୍ଡରେ ୦ ରୁ ୬୦ କିଲୋମିଟର ସ୍ପିଡରେ ପହଞ୍ଚିପାରେ। ଏହି ଟୁ-ହୁଇଲର ଗାଡିର ମାଇଲେଜ୍ ହେଉଛି ୫୬.୭ କିଲୋମିଟର। ଟିଭିଏସ ଜୁପିଟର ମଧ୍ୟ ଏକ ଦମଦାର୍ ସ୍କୁଟର। ଏହି ଟୁ-ହୁଇଲର ଗାଡି ମାର୍କେଟରେ ମଧ୍ୟ ବହୁତ କ୍ରେଜ୍ ରହିଛି। ଏହି ଟିଭିଏସ ସ୍କୁଟରରେ ଏକ୍ସ-ସୋରୁମ୍ ପ୍ରାଇସ୍ ୭୪,୬୯୧ ଟଙ୍କାରୁ ଆରମ୍ଭ ହୋଇଛି। ଏହି ମଡେଲ ମାର୍କେଟରେ ୪ଟି ଭ୍ୟାରିଆଣ୍ଟ- ଡ୍ରମ୍, ଆଏୟେ, ଡ୍ରମ ଏସଏକ୍ସସି ଏବଂ ଡିସ ଏସଏକ୍ସସିରେ ଉପଲବ୍ଧ। ଟିଭିଏସ ଜୁପିଟରର ମାଇଲେଜ୍ ହେଉଛି ୫୩ କିଲୋମିଟର।

## ନଭେମ୍ବରରେ ରପ୍ତାନି କ୍ଷେତ୍ରର ବୃଦ୍ଧି ୬୪.୪%



ନୂଆଦିଲ୍ଲୀ,୩୦।୧୨: କ୍ରମାଗତ ଭାବେ ଘରୋଇ ବଜାର ରପ୍ତାନି କ୍ଷେତ୍ରର ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରିକି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ବାଣିଜ୍ୟିକ ଚୁକ୍ତି ଅନୁଯାୟୀ ଭାରତ ୨୦୨୪ ନଭେମ୍ବର ମଧ୍ୟରେ ଅଷ୍ଟ୍ରେଲିଆକୁ ରପ୍ତାନି କରିଥିବା ସାମଗ୍ରୀ ପରିମାଣ ୬୪.୪% ବୃଦ୍ଧି ପାଇଁ ବାର୍ଷିକ ଭିତ୍ତିରେ ୬୪୩.୭ ମିଲିୟନ ଡଲାରରେ ପହଞ୍ଚିଛି। ସେହିଭଳି ଭାରତ ଅଷ୍ଟ୍ରେଲିଆକୁ ଟେକ୍ସଟାଇଲ, କେମିକାଲ ଏବଂ ଏଗ୍ରିକଲଚର ପ୍ରଡକ୍ଟସ (କୃଷି ଉତ୍ପାଦ)ଭଳି ଅନେକ ସାମଗ୍ରୀ ରପ୍ତାନି କରିଥାଏ ବୋଲି ରବିବାର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଏ ନେଇ ସୂଚନା ଦେଇଛନ୍ତି। ଏପରିକି ଏହି ସମୟ ମଧ୍ୟରେ ଦେଶର ବ୍ୟବସାୟୀ ଓ ବ୍ୟବସାୟ ଏକ ନୂଆ ମାଇଲଷ୍ଟୋନ ସହ ରପ୍ତାନି କ୍ଷେତ୍ରରେ ରେକର୍ଡ ହାସଲ କରିଛି, ବାର୍ଷିକଭିତ୍ତିରେ ରପ୍ତାନି ପରିମାଣ ୫.୨୧% ବୃଦ୍ଧି ପାଇ ୫.୫୬ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି ତଥା ଇକୋନମିକ କର୍ପୋରେଶନ ଆଣ୍ଡ ଟ୍ରେଡ ଏଗ୍ରିମେଣ୍ଟ (ଇସିଟିଏ) ଜରିଆରେ ବ୍ୟବସାୟିକ ରପ୍ତାନି କାରବାର ୨୦୨୨ ଡିସେମ୍ବରରୁ ହୋଇଆସୁଛି।

## ଡ୍ରେସ ଶୋ' ରୁମରେ ଲାଗିଲା ନିଆଁ, କାରଣ ଅସ୍ପଷ୍ଟ




ଅନୁଗୋଳ,୩୦।୧୨(ସଂଚାର ବ୍ୟୁରୋ): ବଜାରଛକ ସ୍ଥିତ ଏକ ଡ୍ରେସ ଶୋ' ରୁମରେ ଆଜି ନିଆଁ ଲାଗି ଯାଇଛି ନିଆଁ। ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭାଇବା ପାଇଁ ଉଦ୍ୟମ ଜାରି ରହିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡିନଥିଲେ ମଧ୍ୟ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ନିଆଁ ଲାଗିବା ମାତ୍ରେ ଶୋ'ରୁମରେ ଥିବା କର୍ମଚାରୀ ମାନେ ଭୟରେ ବାହାରକୁ ଚାଲି ଆସିଥିଲେ । ଫଳରେ କେହି ମୃତାହତ ହୋଇ ନ ଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଜଣାଯାଇଛି। ଅଗ୍ନିଶମ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଆଁ ଆୟତ୍ତ ହୋଇ ନ ଥିବା ଜଣାଯାଇଛି।

# ଦୁର୍ନୀତି ଘେରରେ ପିଲାଙ୍କ ଖେଳନା

ମାର୍ଶାଘାଇ,୩୦।୧୨(ସଂଚାର ବ୍ୟୁରୋ): ଛତୁଆ ପରେ ଏବେ ପିଲାଙ୍କ ଖେଳନା ଉପରେ ସରକାରୀ ବାବୁଙ୍କ ନଜର । ଅଙ୍ଗନୱାଡି କେନ୍ଦ୍ରକୁ ଛୋଟ ପିଲାଙ୍କ ପାଇଁ ଆସୁଥିବା ଖେଳନା କିଣାବିକାରେ ବି ବଡ଼ ଧରଣର ଗଫଲତି ଏବେ ସାମନାକୁ ଆସିଛି । ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକରେ ଏହାର ବଡ଼ ଉଦାହରଣ ଦେଖିବାକୁ ମିଳିଛି । ନଜର ପକାନ୍ତୁ ଏହି ବ୍ଲକର ଏକ ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିବା ଖେଳନାର ବିଲ୍ ଉପରେ । ନା ଅଛି ରେଜିଷ୍ଟ୍ରେସନ ନମ୍ବର ନାଁ ବିଲରେ କୌଣସି ଜିଏସଟି କିମ୍ବା ଟାକ୍ସ ନମ୍ବର । ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ପୁରା ଉପହାସ କରୁଛି ଏହି ଦୁର୍ନୀତି । ସେପଟେ ଅଙ୍ଗନୱାଡ଼ି କର୍ମୀଙ୍କୁ ପଚାରିଲେ କହୁଛନ୍ତି ଆମକୁ ଉପରୁ ନିର୍ଦ୍ଦେଶ ଅଛି । କୌଣସି ହାଲରେ ବି ମୁହଁ ଖୋଲୁ ନାହାନ୍ତି ଅଙ୍ଗନୱାଡି କର୍ମୀ। ସବୁଠାରୁ ସାଂଘାତିକ କଥା ହେଉଛି ଏ ସବୁ ଖେଳନା ଏକ ନିର୍ଦ୍ଦିଷ୍ଟ ସଂସ୍ଥାଠାରୁ କିଣାଯାଇଛି। ଅଳ୍ପ ଦାମର ଜିନିଷ କିଣି ମନଇଛା ବିଲ ବି ହୋଇଥିବାର ଦେଖାଯାଇଛି । ଅଙ୍ଗନୱାଡ଼ି କର୍ମୀଙ୍କୁ ନିଜ ଇଚ୍ଛାରେ ଖେଳନା କିଣିବାକୁ ସରକାରଙ୍କ ନିର୍ଦ୍ଦେଶ ଥିଲେ ବି ତାହା ଏଠାରେ ପାଳନ ହେଉନଥିବା ଦେଖାଯାଉଛି। କେବଳ ମାର୍ଶାଘାଇ ବ୍ଲକର ୧୮୦ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଏହି ସଂସ୍ଥାଠାରୁ ଖେଳନା ଯାଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ବ୍ଲକକୁ ଖେଳନା ଯୋଗାଉଛି ଏହି ଜାଲ ସଂସ୍ଥା। ନିଜେ ଜିଲ୍ଲାପାଳ ଏ ବିଷୟରେ ଅବଗତ ଥିବା ମଧ୍ୟ ସ୍ୱୀକାର କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ବିନା କାଗଜପତ୍ରରେ କିଣିବାପାଇଁ ଅଙ୍ଗନୱାଡ଼ି କର୍ମୀଙ୍କୁ କିଏ ଆଉ କାହିଁକି ବାଧ୍ୟ କରୁଛି। ସଠିକ ତଦନ୍ତ କରାଗଲେ ଛତୁଆ ଦୁର୍ନୀତି ଭଳି ଏହାର ମଧ୍ୟ ପର୍ଦ୍ଦାଫାଶ ହୋଇପାରିବ ।



## ଫକୀର ପଟ୍ଟନାୟକଙ୍କ ସ୍ମୃତିରେ ସଂଗୀତ ନୃତ୍ୟ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,୩୦।୧୨(ସଂଚାର ବ୍ୟୁରୋ): ସୋନପୁର ଭୀମ ଭୋଇ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ସଂଗୀତ ଜଗତ ର ବାଦଶାହା ସ୍ୱର୍ଗତ ଫକୀର ପଟ୍ଟନାୟକ ଙ୍କ ସ୍ମୃତି ରେ ସଂଗୀତ ନୃତ୍ୟ କାର୍ଯ୍ଯ କ୍ରମ ଅନୁଷ୍ଠିତ ହୋଇଥିଲା । ସୋନପୁର ପୁରୁଣା ଟାଉନ ହଲ ଠାରେ ଆୟୋଜିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ବିଚାରପତି ସି ଆର୍ ଦାଶ ଯୋଗ ଦେଇ ଆୟୋଜକ ଙ୍କୁ ପ୍ରଶଂସା କରିଥିଲେ । ଅନେକ ସାହିତ୍ୟକ, କଳାକାର , ନାଟ୍ୟକାର, ସଂଗୀତ କାର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଓ ପ୍ରତିଭା ଙ୍କୁ ମଧ୍ୟ ଅତିଥି ଶ୍ରୀ ଦାଶ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ବିଶିଷ୍ଟ ସଙ୍ଗୀତକାର ଶତ୍ରୁଘ୍ନ ଲୁହା, ନବୀନ କୁଆଁର , ପଦ୍ମ ଲୋଚନ ସାହୁ ଙ୍କ ଦ୍ୱାରା ସ୍ୱର୍ଗତ ଫକୀର ପଟ୍ଟନାୟକ ଙ୍କ ଅନେକ ସଂଗୀତ ପରିବେଷଣ କରଯାଇଥିଲା । ସମ୍ମାନୀତ ଅତିଥି ଭାବରେ ପୌର ଅଧ୍ୟକ୍ଷା ତାମସି ନାଏକ , ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।




# ରାସ୍ତା ମଝିରେ ଓଲଟିଲା ଅଟୋ, ୬ ଛାତ୍ରଛାତ୍ରୀ ଆହତ



ବାଲେଶ୍ୱର,୩୦।୧୨(ସଂଚାର ବ୍ୟୁରୋ): ଆଜି ସକାଳୁ ସକାଳୁ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅର୍ଜୁନପୁରରେ ଘଟିଛି ଦୁର୍ଘଟଣା। ଆଦର୍ଶ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ନେଉଥିବା ଏକ ଅଟୋ ରାସ୍ତା ମଝିରେ ଓଲଟି ପଡ଼ିଲା। ଏହି ଦୁର୍ଘଟଣାରେ ୬ ଜଣ ଛାତ୍ରାତ୍ରୀ ଗୁରୁତର ହୋଇଛନ୍ତି। ଆଜି ସକାଳେ ୬ ଛାତ୍ରଛାତ୍ରୀ ଏକ ଅଟୋରେ ଅର୍ଜୁନପୁର ଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ଟ୍ୟୁସନ ହେବାକୁ ଯାଉଥିଲେ। ମାତ୍ର ସୋର-କୁପାରୀ ରାସ୍ତା କୋଚିଆକୋଇଲି ଠାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ପିଲାମାନଙ୍କୁ ଉଦ୍ଧାର କରି ଖଇରା ମେଡିକାଲରେ ଭର୍ତ୍ତି କରିଛନ୍ତି । ପିଲାମାନଙ୍କର ଅବସ୍ଥା ସ୍ଥିର ଥିବା ନେଇ ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି । ତେବେ କେଉଁ କାରଣରୁ ଅଟୋ ଟି ଓଲଟିଲା ତାହା ଅସ୍ପଷ୍ଟ ରହିଛି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଖପ୍ରାଖୋଲ,୩୦।୧୨ (ସଂଚାର ବ୍ୟୁରୋ): ସରକାର ଜନସାଧାରଣଙ୍କୁ ହାତ ପାହାନ୍ତା ରେ ସୁବିଧା ସୁଯୋଗ ଯୋଗାଇ ଦେଇବା ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଆପତ୍ତି ଅଭିଯୋଗ ଗ୍ରହଣ କରି ସମସ୍ୟାର ସମାଧାନ କରିବା ର ବ୍ୟବସ୍ଥା କରିଛନ୍ତି। କିନ୍ତୁ ତାହା କାର୍ଯ୍ୟକାରୀ ନ ହୋଇ କାଗଜ କଲମରେ ସୀମିତ ରହି ଯାଉଥିବା ବେଳେ ଜଣାଶୁଣାନି ପ୍ରହସନ ବୋଲି ଅଭିଯୋଗ ହେଉଛି । ସୋମବାର ଦିନ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଙ୍କ ଯୁଗ୍ମ ଜଣ ଶୁଣାଣୀ କାର୍ଯ୍ୟକ୍ରମ ଅବ୍ୟବସ୍ଥା ଘେରରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳ ରୁ କମ ଲୋକ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିବା ପାଇଁ ଆସି ନିରାସ ହୋଇ ଫେରୀ ଯାଇଥିବା ଜଣାପଡିଛି। ଉପାନ୍ତ ଅଞ୍ଚଳ ରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ରୁ ଏ ନେଇ ଜିଲ୍ଲାପାଳ ଙ୍କ ଦୃଷ୍ଟି ଗୋଚର ସକାଶେ ଅଭିଯୋଗ କରିବା ପାଇ ଆସି ନିରାଷା ରେ ଫେରିଯାଇଛନ୍ତି। ଲୋକ ଙ୍କ ସୁବିଧା ନିମନ୍ତେ ଗ୍ରାମାଞ୍ଚଳ ରେ କରାଯାଉଥିବା ସରକାର ଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରାମକୁ ସ୍ଥାନୀୟ ପ୍ରାସାଷନହ ବାଟବଣା କରାଯାଇ କେବଳ ଲୋକ ଦେଖା ଅଣିଆ ଢଙ୍ଗ ରେ ଜେଣ ତେଣ ପ୍ରକାରେ ସାରିଦେଇ ପ୍ରାସାଷନ ବାହା ବାହା କୁ ଜନସାଧାରଣ ରେ ଅସନ୍ତୋଷ ଦେଖାଦେଇଛି । ଅଞ୍ଚଳ ରେ ଜିଲ୍ଲାପାଳ ଙ୍କ ଜଣାଶୁଣାଣୀ ପ୍ରହସନ ବୋଲି ଚର୍ଚ୍ଚା ହେଉଛି ।



## ପଞ୍ଚାୟତସ୍ତରୀୟ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ



ସୁନ୍ଦରଗଡ,୩୦।୧୨(ସଂଚାର ବ୍ୟୁରୋ): ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଏକ ଗ୍ରାମ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା, ତହସିଲଦାର ସ୍ମୃତିସୌମ୍ୟା ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିମଳା ମାରାଣ୍ଡି, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ତପସ୍ୱିନୀ ମାଝୀ, ଯୋଗାଣ ସହାୟକ ରିଙ୍କି ପଟେଲ, ଏସିପି ମଞ୍ଜୁଲତା ପଟେଲ, ସପଲାଏ ଡିଇଓ ରୋଜି ପଟେଲ, ଜିଆରଏ ଅଲିଭା ପଟେଲ, ଯୋଗୀମାଳ ଗ୍ରାମ ପଞ୍ଚାୟତ ଅଧିକାରୀ ସୁରେଶ ତନ୍ତୀ,ଏଡିଇଓ ପ୍ରଦୀପ ତନ୍ତୀ, ନିଆଳିପାଳି ପ୍ରାଣୀ ଚିକିତ୍ସକ ପ୍ରତିକ୍ଷା ମିଶ୍ର, ମଙ୍ଗସପୁର ପ୍ରାଣୀ ଚିକିତ୍ସକ ଲଳିତ ସାହୁ, ଆଇସିଡିଏସ୍ ସୁପରଭାଇଜ ତାର୍ସିଲା ଏକ୍କା, ଏସଏସଓ ପୁଲିନ ମଗର, କନିଷ୍ଠ ଯନ୍ତ୍ରୀ ଅନୁସୟା ଆଚାର୍ଯ୍ଯ ,ସମିତି ସଭ୍ଯ ବିନତା ମହାନନ୍ଦିଆ ଉପସ୍ଥିତ ଥିଲେ। ଉକ୍ତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସମୁଦାୟ ୩୭ ଗୋଟିଏ ଅଭିଯୋଗ ପଡିଥିବା ବେଳେ ସାମୂହିକ ୭ ଟି ଅଭିଯୋଗ ପଡିଥିବା ସ୍ଥଳେ ବ୍ୟକ୍ତିଗତ ୩୦ ଗୋଟିଏ ଅଭିଯୋଗ ଆସିଥିଲା। ବିଶାଳ ଜୟପୁରିଆ ୭୦% ବିକଳାଙ୍ଗଙ୍କୁ ଏକ ଟ୍ରାଏ ସାଇକେଲ ବ୍ଲକ ତରଫରୁ ପ୍ରଦାନ କରାଗଲା। ଅଭିଯୋଗ ଶୁଣାଣୀ ମଧ୍ୟରୁ ୨ ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇ ଥିବା କଥା ବିଡିଓ ସୂଚନା ଦେଇଥିଲେ। ଗୁଡ଼ିଆଲିମାଲ ଗ୍ରାମବାସୀ ରାସ୍ତା ମରାମତି ପାଇଁ , ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନେ ସଭା ଗୃହ ପାଇଁ ଓ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଳର ସଭାପତି ଓ ସମ୍ପାଦିକା ଖେଳ ପଡିଆର ଉନ୍ନତି ପାଇଁ ଅନୁରୋଧ କରିଥିଲେ ।

# ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସିଲା ଟ୍ରକ୍

## ରେଲୱେ ଟ୍ରାକ୍ ଉପରେ କଚାଡ଼ି ହେଲା



କେନ୍ଦୁଝର,୩୦।୧୨(ସଂଚାର ବ୍ୟୁରୋ): ଜିଲ୍ଲା ବାମେବାରୀ ଥାନା ଗୁରୁବେଡ଼ା ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ହାଇୱା ଟ୍ରକ୍ ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସି ରେଳ ଟ୍ରାକ୍ ଉପରେ ପଡ଼ିଲା । ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଟ୍ରକ୍ ଭିତରେ ଦୀର୍ଘ ସମୟ ଧରି ଚାପି ହୋଇ ରହିଥିଲେ । ସୂଚନା ପାଇ, ବାମେୱାରୀ ପୁଲିସ୍ ଓ ରେଳ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଧ ଘଣ୍ଟାର ପରିଶ୍ରମ ପରେ କଟରରେ କାଟି ଡ୍ରାଇଭରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା ଅଗ୍ନିଶମ ବାହିନୀ। ଆହତ ଡ୍ରାଇଭର ଝାଡ଼ଖଣ୍ଡ କୋଡରମା ଅଞ୍ଚଳର ସଞ୍ଜୟ ଯାଦବଙ୍କୁ ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତାଙ୍କର ଦୁଇଟିଯାକ ଗୋଡ଼ ଭାଙ୍ଗିଯାଇଥିବା ଜଣାଯାଇଛି। ତେବେ ରେଲୱେ ଟ୍ରାକ ଉପର ଦେଇ ଯାଇଥିବା ୨୫ ହଜାର ଭୋଲ୍ଟ ତାରକୁ ଡେଇଁ ଟ୍ରକଟି ଖସିଥିବା ବେଳେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛି। ଟ୍ରକଟି ରେଲୱେ ଟ୍ରାକରେ ପଡ଼ିଥିବା କାରଣରୁ ବାଂଶପାଣି - ଜରୋଳି ରୁଟ୍ ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଟ୍ରକକୁ ହଟାଇ ରେଳ ଚଳାଚଳ ସ୍ୱାଭାବିକ କରିବା ପାଇଁ ଉଦ୍ୟମ ଚଳାଇଛି ରେଳ ବିଭାଗ ।

## ନିଷ୍ଠା ପରିବାର ତରଫରୁ ଚକ୍ଷୁ ପରୀକ୍ଷା ଶିବିର




ଭେଡେନ,୩୦।୧୨(ସଂଚାର ବ୍ୟୁରୋ): ଭେଡେନ ବ୍ଲକ ଅନ୍ତର୍ଗତ ମହୁଲ ପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ମହୁଲ ପାଲି, ଭେଡେନ, ବରଗଡ଼ ଠାରେ ସ୍ୱର୍ଗତ ଦମ୍ପତ୍ତି ଗଙ୍ଗାଧର ପ୍ରଧାନ ଓ ଚମ୍ପାବତୀ ପ୍ରଧାନ ଙ୍କ ସ୍ମୃତିରେ ମାଗଣା କମ୍ପ୍ୟୁଟରୀକୃତ ଚକ୍ଷୁ ପରୀକ୍ଷା ଶିବିର ନିଷ୍ଠା ପରିବାର, ପ୍ରଧାନ ପରିବାର ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡା ପାଲି, ବିରମହାରାଜ ପୁର ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ ସ୍ୱର୍ଗତ ଦମ୍ପତ୍ତି ଙ୍କ ଝିଅ ଯଜ୍ଞସିନି ବାରିକ ଜ୍ୱାଇଁ ସତ୍ୟ ନାରାୟଣ ବାରିକ, ପୁଅ ରାମେଶ୍ୱର ପ୍ରଧାନ ଓ ଉମେଶ୍ୱର ପ୍ରଧାନ ଫିତା କାଟି ଶିବିର ର ଶୁଭାରମ୍ଭ କରିଥିଲେ।ଏହି ଶିବିର ରେ ସର୍ବମୋଟ ୧୩୨ ଜଣ ରୋଗୀ ଙ୍କ ର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୭ ଜଣ ରୋଗୀ ଙ୍କ ର ମାଗଣା ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଥିଲା ସେ ଭିତରୁ ମୋଟ ୧୦ଜଣଙ୍କୁ ମହାନଦୀ ନେତ୍ର ଚିକିତ୍ସାଳୟ ର ଏକ ସ୍ୱତନ୍ତ୍ର ବସ ଯୋଗେ ପଣ୍ଡା ପାଲି ସ୍ଥିତ ଡାକ୍ତରଖାନା କୁ ନିଆଯାଇଥିଲା।ସମସ୍ତ ଙ୍କ ର ଅସ୍ତ୍ରୋପଚାର ପରେ ପୁଣି ମହୁଲ ପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ସମସ୍ତ ଙ୍କୁ ପହଞ୍ଚାଇଦିଆଯିବ।ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡା ପାଲି, ବିରମହାରାଜ ପୁର ର ଡାକ୍ତର କୌଶଳ ପଟେଲ, ଟେକ୍ନିସିଆନ ସୁଜିତ ଥପା, ଅନ୍ୟ କର୍ମଚାରୀ ମାନେ ରୋଗୀ ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ପ୍ରଧାନ ପରିବାର ଓ ନିଷ୍ଠା ପରିବାର ର ସମସ୍ତ ସଦସ୍ୟ ସଦସ୍ୟା ଏହି କାର୍ଯ୍ୟକ୍ରମ କୁ ସୁପରିଚାଳନା କରିଥିଲେ

# ଚାଷୀ ସମସ୍ୟା ଦ୍ୱିଗୁଣ ସାଙ୍ଗକୁ ଦାଉସାଧିଲା ବର୍ଷା



କଳାହାଣ୍ଡି,୩୦।୧୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ପ୍ରଶାସନର ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ବ୍ୟବସ୍ଥା ସାଙ୍ଗକୁ ଅଦିନିଆ ବର୍ଷା ଚାଷୀଙ୍କ ଉପରେ ଦାଉ ସାଧୁଛି। ଫଳରେ ଚାଷୀଙ୍କ ସମସ୍ୟା ଦ୍ୱିଗୁଣ ହୋଇଛି। ମଣ୍ଡି ବ୍ୟବସ୍ଥା ପୂର୍ବରୁ ଅନେକ ଚାଷୀ ଧାନ ଅମଳ କରି ମଣ୍ଡିକୁ ଅପେକ୍ଷା କରିଥିଲେ। ହେଲେ ତ୍ରୁଟିପୂର୍ଣ୍ଣ ଟୋକନ ବ୍ୟବସ୍ଥା ଚାଷୀଙ୍କ ଚିନ୍ତାର କାରଣ ପାଲଟିଥିବା ବେଳେ ଅଦିନିଆ ବର୍ଷା ବେଡି ଉପରେ କୋରଡ଼ା ସଦୃଶ ହୋଇଛି। ଅଦିନିଆ କୋହଲା ପାଗ, ଲଘୁଚାପ ବର୍ଷା ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି। ନିୟନ୍ତ୍ରିତ ବଜାର କମିଟି ଚାଷୀଙ୍କଠାରୁ ବିକ୍ରୟ କର ଅସୁଲ କରିଥିଲେ ହେଁ ଚାଷୀଙ୍କ ନିମନ୍ତେ କୌଣସି ଆଶାନୁରୂପ ବ୍ୟବସ୍ଥା ଗ୍ରହଣ କରିବାରେ ବିଫଳ ହୋଇଛି । ସେହିପରି ପ୍ୟାକ୍ସ ସଂସ୍ଥା ବିନା ପୁଞ୍ଜି, ବିନା ଭିତ୍ତିଭୂମିରେ ଭାଗିଦାର ସାଜି ଲାଭାନ୍ୱିତ ହେଉଛି ।ଅନ୍ୟପକ୍ଷରେ ସରକାରଙ୍କ ଧାନକ୍ରୟ ନୀତି ଅନୁଯାୟୀ ଧାନ କ୍ରୟ କରିବା ପାଇଁ ସଂସ୍ଥା ପଛଘୁଞ୍ଚା ଦେଉଛନ୍ତି। ବିଶେଷକରି ସରକାରଙ୍କ ଟୋକନ ବ୍ୟବସ୍ଥା ଅନେକ ଚାଷୀଙ୍କ ନିମନ୍ତେ ମାନସିକ ଯନ୍ତ୍ରଣାର କାରଣ ସାଜିଛି। ପୁଣି ଏବେ ଅମଳ ଧାନ ଓ ଅମଳ ହେବାକୁ ଥିବା ପାଚିଲା ଧାନରେ ଆଣ୍ଠୁଏ ପାଣି ଜମିଛି । ଏଭଳି ପରିସ୍ଥିତିରେ
ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ତେବେ କ୍ଷତିଗ୍ରସ୍ତ ହୋଇଥିବା ବୀମାଭୁକ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଦିଆଯିବାକୁ ପଦକ୍ଷେପ ଗ୍ରହଣ ନିମନ୍ତେ ସରକାର ସ୍ଥିର କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଅନୁଯାୟୀ ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତି ପାଇଁ ମଧ୍ୟ ବୀମା ସହାୟତା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ତେବେ ବୀମା ସହାୟତା ପାଇଁ 'କୃଷି ରକ୍ଷକ ପୋର୍ଟାଲ କିମ୍ବା କୃଷି ରକ୍ଷକ ହେଲ୍ପଲାଇନ ନମ୍ବର ୧୪୪୪୭ ରେ ସୂଚନା ଦେବାକୁ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ହେଲେ ଏଥିରେ ନାମମାତ୍ର, କ୍ଷୁଦ୍ର ଚାଷୀମାନେ ବାଦ ପଡିଯିବାର ସମ୍ଭାବନାକୁ ଏଡେଇ ଦିଆଯାଇ ନପାରେ। ଏଣୁ ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ସମସ୍ତ ଚାଷୀଙ୍କ ସବିଶେଷ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ କ୍ଷତିଗ୍ରସ୍ତ ଚାଷୀ ସରକାରୀ ସହାୟତା ପାଇପାରିବେ ବୋଲି ପ୍ରକାଶ ପାଉଛି।

# ଜାଲରେ ଲାଗିଲା କଇଁଛ ଅପସାରଣ ଯନ୍ତ୍ର



କାକଟପୁର/ଅସ୍ତରଙ୍ଗ,୩୦।୧୨(ସଂଚାର ବ୍ୟୁରୋ): ଅଲିଭି ରିଡ଼େଲ କଇଁଛ ସୁରକ୍ଷା ପାଇଁ ମାଛଧରା ଜାଲରେ ଲାଗିଲା କଇଁଛ ଅପସାରଣ ଯନ୍ତ୍ର। ଏ ନେଇ ନୂଆଗଡ ମାଛଧରା ଜେଠି ରେ ସୋମବାର ପରୀକ୍ଷା ମୂଳକ ଭାବେ ଉକ୍ତ ଯନ୍ତ୍ର ଲଗାଯିବ ସହ ମତ୍ସ୍ୟଜୀବି ଓ ବୋଟ ମାଲିକଙ୍କୁ ସଚେତନତା କରାଯାଇଛି। ଉକ୍ତ ଯନ୍ତ୍ର ଲାଗିବା ଦ୍ୱାରା କଇଁଛ ସଂରକ୍ଷଣ ହେବା ସହ ସମୁଦ୍ରର ପରିବେଶ ଓ ମତ୍ସ୍ୟକ୍ଷେତ୍ରରେ ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ଜାଲରେ କଇଁଛ ଅପସାରଣ ଯନ୍ତ୍ର ଲାଗିବା ଦ୍ୱାରା କଇଁଛ ଜାଲରେ ପଡିବେ ନାହିଁ, କିନ୍ତୁ ମାଛ ଜାଲ ରହିବେ। ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟରେ ସାମୁଦ୍ରିକ ମାଛ ଧରା ନିୟନ୍ତ୍ରଣ ଆଇନି ଦ୍ୱାରା ଜାଲରେ ଏହି ଯନ୍ତ୍ର ବାଧ୍ୟତାମୂଳକ କରାଯାଇଛି। ଏହି ଯନ୍ତ୍ର ଜାଲରେ ଲାଗିବା ଦ୍ୱାରା ଜାଲ ଅଧିକ ଖୋଲିବା ସହ ଇନ୍ଧନ କମାଇବାରେ ସହାୟକ ହୋଇଥାଏ। ଏହି ଯନ୍ତ୍ର ନ ଲାଗିବା ଦ୍ୱାରା ସମୁଦ୍ରରୁ ଧରାଯାଉଥିବା ଚିଙ୍ଗୁଡ଼ି ଭାରତରୁ ଆମେରିକା ରପ୍ତାନି କରିବା ସମ୍ଭବ ହେଉନାହିଁ। ଆମେରିକାକୁ ଏହି ରପ୍ତାନି ହୋଇ ନ ପାରିବା ଯୋଗୁଁ ପ୍ରତିବର୍ଷ ଭାରତକୁ ଅନ୍ୟୁନ ୪୫୦୦କୋଟି ଟଙ୍କା (୫୫୦ମିଲିୟନ ଆମେରିକା ଡଲାର) କ୍ଷତି ସହିବାକୁ ପଡୁଛି। ଫଳରେ ମାଛଧରା ଜେଠି ମାନଙ୍କରେ ଏହି ଅନିୟନ୍ତ୍ରିତ ଚିଙ୍ଗୁଡ଼ିର ମୂଲ୍ୟ ବହୁତ କମିଯାଉଛି। ଏହି ମୂଲ୍ୟ ହ୍ରାସ ଦ୍ୱାରା ମତ୍ସ୍ୟଜୀବି ଓ ବୋଟ ମାଲିକ ମାନେ ବିଶେଷ ପ୍ରଭାବିତ ହେଉଛନ୍ତି। ଆମେରିକା ଆଇନି ଅଧୀନରେ ସ୍ୱୀକୃତିପ୍ରାପ୍ତ ଦ୍ୱାରା ଏହି ସାମୁଦ୍ରିକ ଚିଙ୍ଗୁଡ଼ି ଆମେରିକାକୁ ରପ୍ତାନି କରିବା ପାଇଁ ସମସ୍ତେ ମାଛଧରା ଜାଲରେ କଇଁଛ ଅପସାରଣ ଯନ୍ତ୍ର (ଟେଡ଼)ବ୍ୟବହାର କରିବାକୁ ସଚେତନ କରାଯାଇଥିବା ରାଜ୍ୟ ସଂଯୋଜକ ନେଟ ଫିସ ଶୁଭ୍ରକାନ୍ତ ମହାପାତ୍ର ଯୋଗଦେଇ ପ୍ରକାଶ କରିଛନ୍ତି। ସୋମବାର ପରୀକ୍ଷାମୂଳକ ଭାବେ ୨ଟି ଟ୍ରଲର ଜାଲରେ ଏହି ଯନ୍ତ୍ର ଲଗାଇ ୨୦କିମି ପର୍ଯ୍ୟନ୍ତ ସମୁଦ୍ରକୁ ଯାଇଥିଲେ। ଜାଲରେ କେବଳ ମାଛ ଥିଲେ କିନ୍ତୁ କଇଁଛ ନଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସାମୁଦ୍ରିକ ପୁରୀ ଏମ୍ ଇ ୟୁନିଟ ମାନସ କୁମାର ପରିଡା, ବି. ନିଗମ କୁମାର, ଅସ୍ତରଙ୍ଗ ସହକାରୀ ମତ୍ସ୍ୟଅଧିକାରୀ (ସାମୁଦ୍ରିକ)ସତ୍ୟବ୍ରତ ଦାସ, ସାଗର ମିତ୍ର ବିଶ୍ୱଜିତ ବେହୁରା, ଓମ୍ ପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଟ୍ରଲର ମାଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭୁଗୋଳ

## ୫୬ ଅଭିଯୋଗ କଲେ ଗ୍ରହଣ, ଜିଲ୍ଲାପାଳ ଓ ଏସ୍‌ପି




ଡୁଙ୍ଗୁରିପାଲି,୩୦।୧୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୬ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୧ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୫ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଡୁଙ୍ଗୁରିପାଲି ଦିଲୀପ କୁମାର ବାରାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ଶ୍ରୀମତୀ ସୌମ୍ୟାରୁପା ରଥ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ , ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ରାସ୍ତା ନାହିଁ ଗାଡ଼ି ଚଳାଇବାକୁ

ବାଲେଶ୍ୱର,୩୦।୧୨ (ସଂଚାର ବ୍ୟୁରୋ): ଜବର ଦଖଲରେ ବାଲେଶ୍ୱର ସହର । ପୂରା ଟାଉନରେ ଭିଡ଼ । ଯୁଆଡ଼େ ଚାହିଁବେ ସିଆଡ଼େ ଗାଡ଼ି ମୋଟର ଜାମ୍ । ମୁଖ୍ୟରାସ୍ତା ସବୁକୁ ଜବର ଦଖଲ କରାଯାଇଥିବାରୁ ଚାଲିବାକୁ ବି ରାସ୍ତା ନାହିଁ । ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଏଥିରେ ବିରାମ ଲାଗୁନି କି ସମାଧାନର ବାଟ ବାହାରିପାରୁନି। ଯୁଆଡ଼େ ଦେଖ ସିଆଡ଼େ ଭିଡ଼ । ଟ୍ରାଫିକ୍ ଜାମ୍। ଗାଡ଼ି ଚଳାଇବାକୁ ରାସ୍ତା ନାହିଁ । ଦୋକାନ ଆଗରେ ନାହିଁ ପାର୍କିଂ ପ୍ଲେସ୍ । ବାଲେଶ୍ୱର ସହରରେ ଭିଡ଼ ଆଉ ଭିଡ଼। ଦିନରେ ହେଉ କି ରାତି, ସନ୍ଧ୍ୟା ବେଳେ ତ ସ୍ଥିତି ଅଣାୟତ୍ତ ହୋଇପଡୁଛି । ଏହାର ମୁଖ୍ୟ କାରଣ ଜବରଦଖଲ । ବର୍ଷବର୍ଷ ଧରି ଲୋକେ ରାସ୍ତାକୁ ଜବରଦଖଲ କରି ରଖିଛନ୍ତି । କିଏ ଦୋକାନ ତ କିଏ ଅନ୍ୟ କାମ ପାଇଁ ରାସ୍ତା ମାଡ଼ି ବସିଛନ୍ତି। ଉଠା ଦୋକାନୀଠୁ ମଲ୍ ଯାଏଁ ସବୁଠି ଏମିତି ସ୍ଥିତି । ଦିନକୁ ଦିନ ବାଲେଶ୍ୱର ସହରର ଆୟତନ ବଢୁଛି । ହେଲେ ପାର୍କିଂ ସୁବିଧା ନଥିବାରୁ ଲୋକ ହଇରାଣ ହେଉଛନ୍ତି । ସହରର ପ୍ରମୁଖ ଅଞ୍ଚଳ, ଓଟି ରୋଡରୁ ଫାଣ୍ଡି ଛକ, କଚେରି ରୋଡ୍, ହସପିଟାଲ ରୋଡ୍, ନୂଆ ବଜାର, ମଠସାହି ରୋଡ୍, ମୋତିଗଞ୍ଜ ଓ ବସ୍‌ଷ୍ଟାଣ୍ଡରୁ ରେମୁଣା ଗୋଲେଇ ରାସ୍ତାରେ ଯାତାୟତ ସମସ୍ୟା ଲାଗି ରହିଛି। ସହଜରେ ମେଡିକାଲରେ ପହଞ୍ଚି ହେଉନାହିଁ । ମୁଖ୍ୟରାସ୍ତା ହେଉ କି ଗଳି ରାସ୍ତା ସବୁଠି ସମାନ ସ୍ଥିତି। ବାଲେଶ୍ୱର ସହରର ପ୍ରମୁଖ ରାସ୍ତା ଓସାରିଆ କରିବାକୁ ପାଇଁ ଜବରଦଖଲ ଉଠାଯାଉଛି। କିନ୍ତୁ କିଛିଦିନ ପରେ ଯେଉଁ ସମସ୍ୟାକୁ ସେହି ସମସ୍ୟା । ଏଥିପାଇଁ ଦୀର୍ଘ ମିଆଦୀ ଯୋଜନା ଜରୁରୀ ।

# କୃଷି ଋଣ ଛାଡ଼ ପାଇଁ ବାଦି କଲା ଏଆଇକେଏମ୍

ରାୟଗଡା,୩୦।୧୨ (ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ଗୁଣପୁର ଲଘୁଚାପ ଫଳରେ ସହ ସହ ଏକର ଫସଲ ନଷ୍ଟ ଚାଷୀମାନଙ୍କ ଦୁଃଖ ଓ କ୍ଷତି ନେଇ ଆଖିଲ ଭାରତ କୃଷକ ମହାସଭା (ଏଆଇକେଏମ୍) ର ଆହ୍ୱାନରେ ପାଞ୍ଚ ହଜାର ଲକଙ୍କୁ ନେଇ ଏକ ତୀବ୍ର ପ୍ରତିବାଦ ଆନ୍ଦୋଳନ ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହୋଇଥିଲା। ଚଳିତ ମାସର ତିରିଶ ତାରିଖରେ ଗୁଣପୁର ବାଇପାସ୍ ଛକରୁ ଏକ ଶୋଭାଯାତ୍ରା ବାହାରି ପ୍ରତିବାଦକାରୀମାନେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ବାର ଦଫା ଦାବି ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଦାବି ଗୁଡିକ ସମସ୍ତ ଚାଷୀଙ୍କ ପାଇଁ କୃଷି ଋଣ ମାପ କରାଯିବ । ମଣ୍ଡିରେ କଟିଣି-ଚଟନି ବଦଳେ ସହଜରେ ଧାନ ଓ କପା ଗ୍ରହଣ କରାଯିବ । ଅବୈଧ କୀଟନାଶକ ଓ ସାର ବିକ୍ରିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ସଠିକ ଉପକରଣ ଯୋଗାଇବା। ଭାଗଚାଷୀମାନଙ୍କୁ ମାନ୍ୟତା ସହ ବର୍ଷାରେ ହୋଇଥିବା କ୍ଷତିରେ ସମୁଚିତ କ୍ଷତିପୂରଣ । ଲଘୁଚାପ ଫଳରେ କ୍ଷତି ଚାଷୀମାନଙ୍କୁ ମୁଗ, ବିରି, ଚଣା ଇତ୍ୟାଦି ବିହନ ଯୋଗାଇବା। କୃଷି ଉତ୍ପାଦନ ଉପରୁ ଜି.ଏସ୍.ଟି. ହଟାଇବା । ଏକର ପିଛା ଟ. ୫୦,୦୦୦ ଟଙ୍କା କ୍ଷତିପୂରଣ ଦେଇ ଲଘୁଚାପକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରାଯିବା। ପ୍ରତିବାଦରେ ରାଜ୍ୟ ସଭାପତି ଅନାସିମ ଶବର ଓ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଚାଷୀମାନଙ୍କ ସମସ୍ୟାର ସମାଧାନ ନ ହେଲେ ତୀବ୍ର ଆନ୍ଦୋଳନର ଚେତାବନୀ ଦେଇଥିଲେ ।

